# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଏପ୍ରିଲ ୩/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) Rayagada, Sunday, April 3/2022 Page 16 ₹ 7.00 ★

୧୨ଶ ଭାଗ ୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ବଟଲରଙ୍କ ଶତକ**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ପ୍ରଥମ ଶତକ ହାସଲ କରିଛନ୍ତି ରାଜସ୍ଥାନ ରୟାଲ୍ସ ଦଳର ଜୋଶ୍ ବଟଲର।

୧୬

୧୦

**‘ଆନିମଲ୍’ରେ ରଶ୍ମିକା**

ହିନ୍ଦୀ ଫିଲ୍ମ ‘ଆନିମଲ୍’ର ଫିମେଲ୍ ଲିଡ୍‌ରେ ଅଭିନୟ କରିବେ ନ୍ୟାଶନାଲ କ୍ରସ୍ ରଶ୍ମିକା ମନ୍ଦାନା।







ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆୟୋଜିତ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରୁଛନ୍ତି (ବାମ)। ମେହେର୍ସ ପ୍ରତିଷ୍ଠାତା ପଦ୍ମଶ୍ରୀ ଡ.ଚତୁର୍ଭୁଜ ମେହେରଙ୍କୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଚେୟାରମ୍ୟାନ ନବୀନ ଜିନ୍ଦଲ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ।

# ଓଡ଼ିଶାର ବ୍ୟବସାୟିକ ପରିବେଶ ଶ୍ରେଷ୍ଠ: ମୁଖ୍ୟମନ୍ତ୍ରୀ

## ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ-୨୦୨୨

ଭୁବନେଶ୍ୱର, ୨।୪(ବ୍ୟୁରୋ)

ଓଡ଼ିଶାର ବ୍ୟବସାୟିକ ପରିବେଶ ବ୍ୟବସ୍ଥା ଭାରତରେ ସର୍ବୋତ୍ତମ। ଆମ ରାଜ୍ୟରେ ଚାକିରି ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ପ୍ରଦାନ ଜାରି ରଖିବୁ। ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲରେ ଆୟୋଜିତ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ-୨୦୨୨ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରି ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନେ ସଫଳତା ହାସଲ କରି ଯୁବ ଉଦ୍ୟୋଗୀମାନଙ୍କ ପାଇଁ ଆଦର୍ଶ ହୋଇପାରିଛନ୍ତି ବୋଲି ସେ କହିଛନ୍ତି। ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ଏଭଳି ପ୍ରୟାସ ପାଇଁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହିତ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବରେ ଓଡ଼ିଶାର ବ୍ୟବସାୟିକ ବର୍ଗଙ୍କୁ ଉତ୍ସାହିତ କରିବ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶାରେ ୧୦.୧% ଅଭିବୃଦ୍ଧି ହୋଇଛି, ଯାହା ଜାତୀୟ ଜିଡିପି ୮.୮% ଠାରୁ ଆଗରେ ଅଛି। ଶିଳ୍ପ କ୍ଷେତ୍ରରେ ୧୪.୫% ଅଧିକ ଅଭିବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବାସ୍ତବରେ ଆମ ଶିଳ୍ପ ପାଇଁ ଏହା ଭଲ ସମୟ। ଆଶା କରୁଛି, ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ଉଦ୍ୟୋଗୀ ଏବଂ ବ୍ୟବସାୟୀ ଆଗକୁ ବଢ଼ିବେ। ଗତ ୩ ବର୍ଷ ମଧ୍ୟରେ ଓଡ଼ିଶା ୪.୪ ଲକ୍ଷରୁ ଅଧିକ ପୁଞ୍ଜି ବିନିଯୋଗର ସୁଯୋଗ ପାଇଛି, ଯାହାକି ୧.୫ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିପାରେ। ସାରା ବିଶ୍ୱରୁ ନିବେଶକଙ୍କ ପାଇଁ ଓଡ଼ିଶା ସବୁଠାରୁ ଅଧିକ ପସନ୍ଦଯୋଗ୍ୟ ସ୍ଥାନ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ କହିଥିଲେ, ୨୦୨୦ରୁ କରୋନା ସବୁ କ୍ଷେତ୍ରରେ ପ୍ରଭାବ ପକାଇଥିଲା। ଏଥିରେ ଶିଳ୍ପ, ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା। କିନ୍ତୁ ସେମାନେ ସେଭଳି କଠିନ ସମୟରେ ଛିଡ଼ା ହୋଇ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରିଛନ୍ତି। ସେଥିରେ ଉଦ୍ୟୋଗୀମାନେ ସଫଳତା ମଧ୍ୟ ପାଇଛନ୍ତି। ରାଜ୍ୟର ଅଭିବୃଦ୍ଧି ଘଟାଇବାକୁ ହେଲେ ସମସ୍ତଙ୍କ ସହଯୋଗ ଲୋଡ଼ା। ସମସ୍ତେ ମିଳିମିଶି ଏକାଠି କାମ କଲେ ଆମ ରାଜ୍ୟରେ ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ବଡ଼ ଧରଣର ଅଗ୍ରଗତି ଦେଖିବାକୁ ମିଳିବ ବୋଲି ମହାପାତ୍ର କହିଛନ୍ତି।

ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଚେୟାରମ୍ୟାନ ନବୀନ ଜିନ୍ଦଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗତ କିଛିବର୍ଷ ହେବ ଓଡ଼ିଶା ତାଙ୍କର କର୍ମଭୂମି ପାଲଟିଯାଇଛି ବୋଲି କହିଛନ୍ତି। ଓଡ଼ିଶାରେ ସବୁ କ୍ଷେତ୍ରରେ ବିକାଶ ହୋଇଛି। ଆଗକୁ ମଧ୍ୟ ଆହୁରି ବିକାଶ ହେବ। ଏଥିପାଇଁ ଆମେ ପରସ୍ପରକୁ ସହଯୋଗ କରିବା ଉଚିତ। କେହି ଉପରକୁ ଉଠିଲେ ଗୋଡ଼ ଟାଣିବା ପରିବର୍ତ୍ତେ ତାଙ୍କୁ ସାହାଯ୍ୟ କରିବା ଦରକାର। ଆମେ ପରସ୍ପର ସହିତ ଯୋଡ଼ିହୋଇ କାମ କଲେ ରାଜ୍ୟ ତଥା ଦେଶର ଉନ୍ନତି ଘଟିବ ବୋଲି ଜିନ୍ଦଲ କହିଥିଲେ। ଏହି ଅବସରରେ ସେ ତାଙ୍କ ପିତା ଓମ୍ ପ୍ରକାଶ ଜିନ୍ଦଲ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିଳ୍ପପତି ବିଜୁ ପଟ୍ଟନାୟକଙ୍କ ମଧ୍ୟରେ ଥିବା ବ୍ୟବସାୟିକ ଭାବର ଆଦାନପ୍ରଦାନ ସମ୍ପର୍କ ଅବତାରଣା କରିଥିଲେ। ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ଏଭଳି ପ୍ରୟାସକୁ ଜିନ୍ଦଲ ପ୍ରଶଂସା କରିବା ସହ ବିଶିଷ୍ଟ କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ବେଦାନ୍ତ ଓଡ଼ିଶା ଓ ଛତିଶଗଡ଼ର ବିଜିନେସ୍ ଡେଭଲପମେଣ୍ଟ ଆଣ୍ଡ୍ ଷ୍ଟ୍ରାଟେଜିର ପ୍ରେସିଡେଣ୍ଟ ତପନ କୁମାର ଚାନ୍ଦ ଅତିଥି ଭାବେ ଯୋଗଦେଇ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରିଥିଲେ।

ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ-୨୦୨୨ କାର୍ଯ୍ୟକ୍ରମରେ ବ୍ୟବସାୟିକ ଜଗତର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ୩୮ଜଣ ଉଦ୍ୟୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହାକୁ ଶୋଭନା ମିଶ୍ର ସଂଯୋଜନା କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରାୟୋଜକ ବେଦାନ୍ତ ଲିମିଟେଡ୍ ଏବଂ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ଥିବା ବେଳେ ଆସୋସିଏଟ୍ ପ୍ରାୟୋଜକ ଏଏମ୍‌ଏନ୍‌ଏସ୍, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଏବଂ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍, ସହପ୍ରାୟୋଜକ ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍, ଏସ୍‌ଏନ୍‌ଏମ୍ ଗ୍ରୁପ୍, ନାଲ୍‌କୋ, ଇମ୍ଫା, ୟୁଏଆଇଏଲ(ଆଦିତ୍ୟ ବିର୍ଲା ଗ୍ରୁପ୍) ଓ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍, ବ୍ୟାଙ୍କିଙ୍ଗ୍ ପାର୍ଟନର ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଇଣ୍ଟରନେଟ୍ ପାର୍ଟନର ଡବ୍ଲ୍ୟୁଇଏଫ୍‌ଇ ଇଣ୍ଟରନେଟ୍ ଏବଂ ଆଉଟ୍‌ଡୋର୍ ପାର୍ଟନର ଟିମ୍ ଆଡ୍‌ମାର୍କ ରହିଥିଲେ।

## ୨ସପ୍ତାହ ହେଲା ବଢୁଛି ତେଲ ଦର

■ ପେଟ୍ରୋଲ, ଡିଜେଲ ୮୫ ପଇସା ବୃଦ୍ଧି

ଭୁବନେଶ୍ୱର,୨।୪

ଦିନକର ବିରତି ପରେ ପୁଣି ଥରେ ଉଭୟ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଛି। ଏପରିକି ଗତ ୨ ସପ୍ତାହ ହେବ ଭାରତ ବଜାରରେ ତେଲ ଦର ଉଚ୍ଚ ପରିମାଣରେ ବଢ଼ିଚାଲିଛି। ୫ ରାଜ୍ୟ ବିଧାନସଭା ନିର୍ବାଚନ ଫଳ ଆସିବା ପରେ ମାର୍ଚ୍ଚ ୨୨ରେ ପ୍ରଥମ ଥର ପାଇଁ ତେଲ ଦରରେ ପରିବର୍ତ୍ତନ ଘଟିଥିଲା। ସେବେଠୁ ଗତ ୧୨ଦିନ ମଧ୍ୟରେ ତେଲ ଦର ୧୦ ଥର ବଢ଼ିଲାଣି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ୮୫ ପଇସା ଲେଖାଏ ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଫଳରେ ରାଜଧାନୀରେ ପେଟ୍ରୋଲ ଲିଟର ପିଛା ୧୦୯.୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଡିଜେଲ ଲିଟର ପିଛା ୯୯.୨୭ ଟଙ୍କାରେ କାରବାର ହେଉଛି। ସୂଚନାଯୋଗ୍ୟ, ୧୦ ଥରରେ ପେଟ୍ରୋଲ ୭.୬୯ ଟଙ୍କା ଏବଂ ଡିଜେଲ ୭.୬୦ ଟଙ୍କା ବୃଦ୍ଧି ଘଟିଛି। ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ୮୦ ପଇସା ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୨.୬୧ ଟଙ୍କା ଏବଂ ଡିଜେଲ ୯୩.୮୭ ଟଙ୍କାରେ ପହଞ୍ଚିଛି। ଉପରୋକ୍ତ ସମୟ ମଧ୍ୟରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ମୋଟ ୭.୨୦ ଟଙ୍କା ମୂଲ୍ୟ ବୃଦ୍ଧି ଘଟିଛି।

**ଆଜିର ସମ୍ପାଦକୀୟ**

## ନିର୍ଯାତନା ଲାଗିରହିବ

**ଆଜିର ମନ୍ତବ୍ୟ**

“ମହାରାଷ୍ଟ୍ର ସରକାରରେ କୌଣସି ଆଭ୍ୟନ୍ତରୀଣ କନ୍ଦଳ ନାହିଁ। ମହାବିକାଶ ଅଘାଡ଼ି ସରକାରକୁ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବା ଲୋକଙ୍କୁ ମୁହଁତୋଡ଼ ଜବାବ ଦିଆଯାଉଛି।

-ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

# ଅନୁପ ସାଏଙ୍କୁ ଆଜୀବନ ଜେଲ

■ ବହୁଚର୍ଚ୍ଚିତ କଳ୍ପନା,ବବ୍‌ଲି ହତ୍ୟା ମାମଲାର ରାୟ ପ୍ରକାଶ

■ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ନିର୍ଦ୍ଦୋଷରେ ଖଲାସ

ଝାରସୁଗୁଡ଼ା ଅଫିସ,୨।୪

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଛତିଶଗଡ଼ ରାୟଗଡ଼ର ଅତିରିକ୍ତ ଜିଲା ଦୌରାଜଜ୍ କମଲେଶ ଜଗଦଲା ଏହାର ବିଚାର କରି ମୁଖ୍ୟ ଅଭିଯୁକ୍ତ ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୫ହଜାର ଟଙ୍କା ଆର୍ଥିକ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅର୍ଥରାଶି ଅନାଦାୟ ହେଲେ ଅଧିକ ୬ମାସ ଜେଲ୍ ଦଣ୍ଡାଦେଶ ଲାଗି ରାୟରେ ଉଲ୍ଲେଖ ଅଛି। ମାମଲାର ଅନ୍ୟତମ ଅଭିଯୁକ୍ତ ଅନୁପଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ସାକ୍ଷ୍ୟପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।



ଅନୁପ ସାଏ

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୬ ମେ’ ୭ରେ ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ଅନ୍ତର୍ଗତ ଏକ ରାସ୍ତାରେ ଜଣେ ମହିଳା ଓ ଝିଅଙ୍କ କ୍ଷତବିକ୍ଷତ ମୃତଦେହକୁ ପୋଲିସ ଜବତ କରିଥିଲା। ଏ ନେଇ ପୋଲିସ ଚକ୍ରଧରନଗର ଥାନା କେସ୍ ନଂ.୧୫୮/୨୦୧୬ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ତଦନ୍ତ ପରେ ଏହା ବ୍ରଜରାଜନଗରର କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କ ମୃତଦେହ ବୋଲି ଜଣାପଡ଼ିଥିଲା। ଛାନ୍‌ଭିନ୍ ପରେ ଏଥିରେ ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ଫଳରେ ପୋଲିସ ଉଭୟ ଅଭିଯୁକ୍ତଙ୍କୁ ୨୦୨୦ ଫେବୃୟାରୀ ୧୩ରେ ଗିରଫକରି ରାୟଗଡ଼ କୋର୍ଟ ଚାଲାଣ କରିଥିଲା। ପରେ ପୋଲିସ ଉଭୟଙ୍କୁ କୋର୍ଟରୁ ରିମାଣ୍ଡରେ ଆଣି ଜେରା କରିଥିଲା। ପୋଲିସ ତଦନ୍ତ ପରେ ଜଣାପଡ଼ିଥିଲା ଉଭୟ ମା’ ଓ ଝିଅଙ୍କୁ ହତ୍ୟା ପାଇଁ ପୂର୍ବରୁ ଷଡ଼ଯନ୍ତ୍ର ହୋଇଥିଲା। ରାସ୍ତାରେ ସେମାନଙ୍କ ଉପରେ ବୋଲେରୋ ଚଢ଼ାଯାଇ ହତ୍ୟା ପରେ ସଡ଼କ ଦୁର୍ଘଟଣାର ରୂପ ଦିଆଯାଇଥିଲା। ଉଭୟ ଅଭିଯୁକ୍ତଙ୍କୁ ପୋଲିସ ଘଟଣାସ୍ଥଳକୁ ନେଇ ଡେମୋ କରିଥିଲା।

☞ପୃଷ୍ଠା-୪


# ୧୨୨ ବର୍ଷରେ ସବୁଠୁ ଉତ୍ତପ୍ତ ମାର୍ଚ୍ଚ

## ଭାରତରେ ରେକର୍ଡ ଭାଙ୍ଗିଲା ତାପମାତ୍ରା

ନୂଆଦିଲ୍ଲୀ,୨।୪

ଭାରତରେ ଚଳିତବର୍ଷ ମାର୍ଚ୍ଚରେ ତାପମାତ୍ରା ୧୨୨ ବର୍ଷର ରେକର୍ଡ ଭାଙ୍ଗିଛି। ୧୯୦୧ ମସିହା ପରଠାରୁ ଗତ ମାର୍ଚ୍ଚ ସବୁଠୁ ଉତ୍ତପ୍ତ ମାସ ଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) କହିଛି। ଏହି ମାସରେ ହାରାହାରି ତାପମାତ୍ରା ୩୩.୧ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା। ୨୦୧୦ ମାର୍ଚ୍ଚରେ ହାରାହାରି ତାପମାତ୍ରା ୩୩.୦୯ ଡିଗ୍ରୀ ସେଲ୍‌ସିୟସ ରହି ସର୍ବକାଳୀନ ରେକର୍ଡ କରିଥିବାବେଳେ ଏ ବର୍ଷ ସେହି ରେକର୍ଡ ଭାଙ୍ଗିଛି। ଏପ୍ରିଲରେ ମଧ୍ୟ ତାତି ବଢ଼ିବ। ପ୍ରଥମ ୧୦ରୁ ୧୫ ଦିନ ପାଗ ଶୁଖିଲା ରହି କ୍ରମେ ପାରଦ ବୃଦ୍ଧି ପାଇବ ବୋଲି ଜାତୀୟ ପାଣିପାଗ ପୂର୍ବାନୁମାନ କେନ୍ଦ୍ର, ଆଇଏମ୍‌ଡିର ବୈଜ୍ଞାନିକ ରାଜେନ୍ଦ୍ର ଜେନାମଣି କହିଛନ୍ତି। ବିଶ୍ୱରେ ଗତ ୨ ଦଶନ୍ଧିରେ ସବୁଠୁ ଉତ୍ତପ୍ତ ବର୍ଷର ରେକର୍ଡ ରହିଛି। ତାପମାତ୍ରା ବୃଦ୍ଧି, ବାତ୍ୟା ତୀବ୍ରତା, ପ୍ରବଳ ବୃଷ୍ଟିପାତ ଭଳି ପାଣିପାଗ ପରିବର୍ତ୍ତନର ଘାତକ ପ୍ରଭାବ ଭାରତରେ ମଧ୍ୟ ପରିଲକ୍ଷିତ ହେଉଥିବା ସେ ପ୍ରକାଶ କରିଛନ୍ତି।

ଆଇଏମ୍‌ଡି ସୂଚନା ଅନୁସାରେ, ଗତ ମାର୍ଚ୍ଚର ଦ୍ୱିତୀୟାର୍ଦ୍ଧରେ ଭାରତର ବିଭିନ୍ନ ସ୍ଥାନରେ ତାପମାତ୍ରା ସର୍ବୋଚ୍ଚ ତାପମାତ୍ରାରେ ରେକର୍ଡ ସୃଷ୍ଟି ହୋଇଛି। ଦିଲ୍ଲୀ, ହରିୟାଣା ସମେତ ଉତ୍ତରରେ ଥିବା ହିଲ୍ ଷ୍ଟେଶନଗୁଡ଼ିକରେ ସାଧାରଣ ତାପମାତ୍ରାରେ ବୃଦ୍ଧି ଘଟିଛି। ଦିଲ୍ଲୀ, ଚନ୍ଦ୍ରପୁର, ଜମ୍ମୁ, ଧର୍ମଶାଳା, ପଟିଆଲା, ଡେରାଡୁନ୍, ଗ୍ୱାଲିୟର, କୋଟା, ପୁଣେ ଆଦି ସହରରେ ଥିବା ପାଣିପାଗ କେନ୍ଦ୍ରଗୁଡ଼ିକ ମାର୍ଚ୍ଚରେ ସର୍ବାଧିକ ତାପମାତ୍ରା ରେକର୍ଡ କରିଛନ୍ତି। ପଶ୍ଚିମ ହିମାଳୟ ଅଞ୍ଚଳରେ ମଧ୍ୟ କିଛି ଦିନ ପାଇଁ ତାପମାତ୍ରା ୭ରୁ ୧୧ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ଡେରାଡୁନ୍, ଧର୍ମଶାଳା କିମ୍ବା ଜମ୍ମୁ ଭଳି ହିଲ୍ ଷ୍ଟେଶନରେ ମାର୍ଚ୍ଚରେ ପାରଦ ୩୪ରୁ ୩୫ ଡିଗ୍ରୀ ରହିବା ସାମାନ୍ୟ ଠାରୁ ବେଶ୍ ଅଧିକ ବୋଲି ବୈଜ୍ଞାନିକ ରାଜେନ୍ଦ୍ର କହିଛନ୍ତି। ସାଧାରଣତଃ ମହାରାଷ୍ଟ୍ର, ଗୁଜରାଟ, ତେଲଙ୍ଗାନା ଏବଂ ଓଡ଼ିଶାର ଆଭ୍ୟନ୍ତର ଅଞ୍ଚଳ ସର୍ବାଧିକ ହିଟ୍ ଜୋନ୍‌ରେ ଗଣାଯାଏ। କିନ୍ତୁ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଯାଇଛି। ଉପରୋକ୍ତ ଅଞ୍ଚଳକୁ ଛାଡ଼ି ଭାରତର ଅନ୍ୟ ସ୍ଥାନରେ ମଧ୍ୟ ସମାନ ଭାବେ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହୋଇଛି। ବିଶେଷକରି ପଶ୍ଚିମ ହିମାଳୟ ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ଏତେମାତ୍ରାରେ ପାରଦ ବୃଦ୍ଧି ଦେଖାଯାଇ ନ ଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଗତ ମାର୍ଚ୍ଚରେ ସର୍ବାଧିକ ହାରାହାରି ତାପମାତ୍ରା ୩୩.୧ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ସର୍ବନିମ୍ନ ହାରାହାରି ତାପମାତ୍ରା ୨୦.୨୪ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ୧୯୮୧-୨୦୧୦ ପାଣିପାଗ ଡାଟା ଅନୁସାରେ ଚଳିତ ବର୍ଷ ମାର୍ଚ୍ଚରେ ହାରାହାରି ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ଯଥାକ୍ରମେ ୧.୮୬ ଡିଗ୍ରୀ ଏବଂ ୧.୩୭ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିଛି। ଗତ ଗୁରୁବାର ଦିଲ୍ଲୀରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ପାର୍ କରିଛି। ଏପ୍ରିଲ ୩ରୁ ୬ ତାରିଖ ମଧ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉତ୍ତର-ପଶ୍ଚିମ ଭାରତରେ ପ୍ରଚଣ୍ଡ ତାତି ଅନୁଭୂତ ହୋଇପାରେ ବୋଲି ସତର୍କ କରାଯାଇଛି।



ଧରିତ୍ରୀ
DHARITRI
ରବିବାର, ୩ ଏପ୍ରିଲ, ୨୦୨୨

**ସଡ଼କ ଦୁର୍ଘଟଣାରେ ୭ ମୃତ**

ତାମିଲନାଡୁର ଜବଧୁମଲାଇ ଅଞ୍ଚଳରେ ଶୁକ୍ରବାର ଭୋର୍ ସମୟରେ ଏକ ମିନିଭ୍ୟାନ୍ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ସେ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିବା ଜଣାପଡ଼ିଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭ୍ୟାନ୍‌ରେ ମୋଟ ୨୬ ଜଣ ଯାତ୍ରୀ ଥିଲେ।



## ସଂକ୍ଷେପରେ

### ସେନା କମାଣ୍ଡୋଙ୍କ ଗୁଳିରେ ୨ ଆହତ

**ଗୁଆହାଟୀ,୨।୪:** ନାଗାଲାଣ୍ଡର ମୋନ୍ ଜିଲାରେ ନିରୀହ ଖଣି ଶ୍ରମିକ ନିହତ ହେବା ଘଟଣାର ୪ ମାସ ପରେ ଶୁକ୍ରବାର ରାତିରେ ଅରୁଣାଚଳପ୍ରଦେଶର ତିରାପ ଜିଲାରେ ଅନୁରୂପ ଗୁଳିକାଣ୍ଡ ଘଟିଛି। ଉଗ୍ରପନ୍ଥୀ ଭାବି ସେନା କମାଣ୍ଡୋ ଗୁଳି ଚଳାଇବାରୁ ୨ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ଆହତ ନୋକଫୁଆ ୱାଙ୍ଗପାନ୍ ଏବଂ ରାମୱାଙ୍ଗ ୱାଙ୍ଗସୁଙ୍କ ମଧ୍ୟରୁ ଜଣକ ବାମ ଗୋଡ଼ ଓ ଅନ୍ୟ ଜଣକ ଡାହାଣ ହାତରେ ଗୁଳି ବାଜିଛି। ସେମାନଙ୍କୁ ହେଲିକପ୍ଟର ଯୋଗେ ଚିକିତ୍ସା ପାଇଁ ଆସାମର ଡିବ୍ରୁଗଡ଼ ନିଆଯାଇଛି। ଖବର ଅନୁଯାୟୀ ଶୁକ୍ରବାର ରାତିରେ ଚାସା ଗ୍ରାମର ଦୁଇଜଣ ନଦୀରୁ ମାଛ ଧରି ଫେରୁଥିବାବେଳେ ପାରା କମାଣ୍ଡୋମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଭୁଲ୍‌ବଶତଃ ଗୁଳି ହୋଇଥିବା ସେନା ଅଧିକାରୀ ସ୍ୱୀକାର କରିଛନ୍ତି। ଏହି ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ଯବାନମାନଙ୍କୁ ଘେରିଯାଇ ପ୍ରତିବାଦ କରିଥିଲେ। ଆହତଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ସେନା ଅଧିକାରୀ କହୁଥିବାର ଭିଡିଓ ଭାଇରାଲ ହୋଇଛି।

### ବଳାତ୍କାର ଅଭିଯୁକ୍ତ ଆତ୍ମସମର୍ପଣ ନ କରିବାରୁ ଘର ଭାଙ୍ଗିଲା ପୋଲିସ



**ମିରଟ,୨।୪:** ଏକ ବଳାତ୍କାର ମାମଲାରେ ଅଭିଯୁକ୍ତ ଥିବା ଦୁଇଭାଇଙ୍କୁ ୪୮ ଘଣ୍ଟା ମଧ୍ୟରେ ଆତ୍ମସମର୍ପଣ କରିବା ଲାଗି ଉତ୍ତରପ୍ରଦେଶ ସାହାରନପୁର ପୋଲିସ ଡ୍ରମ୍ ବଜାଇ ଓ ଡାକବାଜି ଯନ୍ତ୍ର ଯୋଗେ ବାରମ୍ବାର ଆହ୍ୱାନ ଦେଇଥିଲା। ଏଥିସହ ପୋଲିସ ସେମାନଙ୍କ ଘରର କିଛି ଅଂଶ ଭାଙ୍ଗିଦେବା ସହ ଆତ୍ମସମର୍ପଣ ନ କଲେ ସମ୍ପୂର୍ଣ୍ଣ ଘର ଭାଙ୍ଗିଦିଆଯିବ ବୋଲି ଚେତାବନୀ ଦେଇଥିଲା। ଅଭିଯୁକ୍ତ ୨ ଭାଇ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରିଛି। ପୀଡ଼ିତା ନାବାଳିକାଙ୍କ ମାଆ ଥାନାରେ ଅଭିଯୋଗ କରିବାର ୬ ଦିନ ମଧ୍ୟରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୁକ୍ତ ୨ ଭାଇ ଗାଁ ମୁଖିଆଙ୍କ ପୁଅ। ମହିଳାଙ୍କ ଅଭିଯୋଗ ଅନୁଯାୟୀ ସେମାନଙ୍କ ମଧ୍ୟରୁ ଜଣେ ଗତ ଡିସେମ୍ବରରେ ତାଙ୍କ ଝିଅଙ୍କୁ ବଳାତ୍କାର କରିଥିଲେ। ଝିଅଙ୍କୁ ବାହାହେବା ପାଇଁ ଉକ୍ତ ଯୁବକଙ୍କୁ ମହିଳା ପ୍ରସ୍ତାବ ଦେଇଥିଲେ। ମହିଳା ଘରେ ନ ଥିବାବେଳେ ଯୁବକ ଜଣକ ତାଙ୍କ ଭାଇଙ୍କ ସହ ଘରେ ପଶି ନାବାଳିକାଙ୍କୁ ଗଣବଳାତ୍କାର କରିଥିଲେ ଓ ବିବାହ ଦାବି କଲେ ପରିଣତି ଆହୁରି ଭୟଙ୍କର ହେବ ବୋଲି ଧମକ ଦେଇ ଚାଲିଯାଇଥିଲେ।

## ହ୍ୱାଇଟ୍ ହାଉସ୍ ଛାଡ଼ି ମିଡିଆକୁ ଯିବେ



ଜେନ୍ ସାକି

ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ ଜେନ୍ ସାକି ତାଙ୍କ ପଦ ଛାଡ଼ି ମିଡିଆରେ କାମ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ସେ ଏମ୍‌ଏସ୍‌ଏନ୍‌ବିସିରେ ତାଙ୍କ ନିଜ ଶୋ' ହୋଷ୍ଟ କରିବେ। ଏନ୍‌ବିସିର ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ପିପକ୍‌ରେ ମଧ୍ୟ ସେ ନଜର ଆସିବେ। ତେବେ ଏ ନେଇ ହ୍ୱାଇଟ୍ ହାଉସ୍ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଆମେରିକା ରାଷ୍ଟ୍ରପତିଙ୍କ ପାଇଁ ଜେନ୍ ରାତିଦିନ କାମ କରୁଛନ୍ତି ଏବଂ ତାହା ହିଁ ତାଙ୍କ ଲକ୍ଷ୍ୟ ବୋଲି ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ କହିଛନ୍ତି। ପ୍ରଥମେ ଜେନ୍‌ଙ୍କୁ ବର୍ଷକ ପାଇଁ ହ୍ୱାଇଟ୍ ହାଉସ ପ୍ରେସ୍ ସେକ୍ରେଟାରି ଭାବେ ଦାୟିତ୍ୱ ମିଳିଥିଲା। ପରେ ତାଙ୍କ କାର୍ଯ୍ୟକାଳ ବଢ଼ାଯାଇଥିଲା। ତେବେ ହ୍ୱାଇଟ୍ ହାଉସ୍‌ର କୌଣସି ପ୍ରେସ୍ ସେକ୍ରେଟାରି ମିଡିଆ ମୁହାଁ ହେବା ନୂଆ କଥା ନୁହେଁ। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାସନବେଳେ ଜେନ୍ ସିଏନ୍‌ଏନ୍‌ରେ ବିଶ୍ଳେଷକ ଭାବେ କାମ କରୁଥିଲେ। ଟ୍ରମ୍ପଙ୍କ ସମୟରେ ପ୍ରେସ୍ ସଚିବ କଏଲି ମକାନି ଫକ୍ସ ମିଡିଆରେ ଯୋଗ ଦେଇଥିଲେ।

## ଓସ୍କାର ଏକାଡେମୀରୁ ସ୍ମିଥ୍‌ଙ୍କ ଇସ୍ତଫା



ଚଳିତ ବର୍ଷ ଓସ୍କାର ସମାରୋହରେ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନିତ ହୋଇଥିବା ୱିଲ୍ ସ୍ମିଥ୍ ଶୁକ୍ରବାର ଏକାଡେମୀ ଅଫ୍ ମୋସନ୍ ପିକ୍ଚର ଆର୍ଟସ୍ ଆଣ୍ଡ ସାଇନ୍ସେସ୍ (ଏଏମ୍‌ପିଏଏସ୍)ରୁ ଇସ୍ତଫା ଦେଇଛନ୍ତି। ସ୍ମିଥ୍‌ଙ୍କ ଇସ୍ତଫା ପତ୍ରକୁ ଏକାଡେମୀ ପକ୍ଷରୁ ଗ୍ରହଣ କରାଯାଇଥିବା ଏଏମ୍‌ପିଏଏସ୍‌ର ସଭାପତି ଡେଭିଡ୍ ରୁବିନ୍ କହିଛନ୍ତି। ଏ ନେଇ ଏକାଡେମୀ ପକ୍ଷରୁ ଆଗାମୀ ଆଲୋଚନା ଏପ୍ରିଲ ୧୮ରେ ହେବାକୁ ଥିବାବେଳେ ଓସ୍କାରରେ ହିଂସା ଭିଆଇବା ଘଟଣାରେ ସ୍ମିଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରୁବିନ୍ କହିଛନ୍ତି। ସ୍ମିଥ୍ ନିଜକୁ ଦାୟୀ କରି କହିଛନ୍ତି, '୯୪ତମ ଓସ୍କାର ସମାରୋହରେ ମୋ ବ୍ୟବହାର ଆଶ୍ଚର୍ଯ୍ୟକର ଏବଂ ଅକ୍ଷମଣୀୟ ଥିଲା। ଏଥିରେ କେବଳ କ୍ରିସ୍ ରକ୍ ନୁହନ୍ତି ମୋ ବ୍ୟବହାର ତାଙ୍କ ପରିବାର ଓ ପ୍ରିୟଜନମାନଙ୍କୁ କଷ୍ଟ ହୋଇଛି। ଆମେରିକାର ଡଲବି ଥିଏଟରରେ ଅନୁଷ୍ଠିତ ଓସ୍କାର ସମାରୋହରେ ହୋଷ୍ଟ କ୍ରିସ୍ ମଞ୍ଚରେ ସ୍ମିଥ୍‌ଙ୍କ ସ୍ତ୍ରୀ ଜାଡାଙ୍କ ଚନ୍ଦାପଣକୁ ନେଇ ଉପହାସ କରିଥିଲେ। ସ୍ମିଥ୍ ରାଗିଯାଇ କ୍ରିସ୍‌ଙ୍କୁ ଚାପୁଡ଼ା ମାରିଥିଲେ।

# ଆନ୍ଦୋଳନ ଏଡ଼ାଇବାକୁ ଶ୍ରୀଲଙ୍କାରେ କର୍ଫ୍ୟୁ

### ଗମ୍ଭୀର ହେଉଛି ଆର୍ଥିକ ସ୍ଥିତି

**କଲମ୍ବୋ,୨।୪**



ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ଉତ୍କଟ ରୂପ ଧାରଣ କରିଥିବାବେଳେ ଖାଦ୍ୟ, ଔଷଧ, ତେଲ ଓ ଗ୍ୟାସ୍ ଅଭାବ ଯୋଗୁ ଲୋକେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଏହାର ପ୍ରତିବାଦରେ ରବିବାର ବଡ଼ ଧରଣର ଆନ୍ଦୋଳନ ହେବାକୁ ଥିବାବେଳେ ଏହାକୁ ଏଡ଼ାଇବା ପାଇଁ ସେଠାରେ ଶନିବାର ସନ୍ଧ୍ୟାରୁ ସୋମବାର ସକାଳ ୬ ପର୍ଯ୍ୟନ୍ତ ୩୬ ଘଣ୍ଟିଆ କର୍ଫ୍ୟୁ ଜାରି କରାଯାଇଛି। ଏହି ସମୟରେ ଅତି ଜରୁରୀ ଆବଶ୍ୟକ ନ ଥିଲେ କେହି ଘରୁ ବାହାରି ପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି।

ଶ୍ରୀଲଙ୍କାରେ ବୈଦେଶିକ ମୁଦ୍ରାର ଘୋର ଅଭାବ ଦେଖାଦେଇଥିବାରୁ ଏହି ଦ୍ୱୀପଦେଶ ବାହାରୁ ତୈଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଆମଦାନୀ କରିପାରୁ ନାହିଁ। ଡିଜେଲ ଅଭାବରୁ ପରିବହନ ସେବା ବନ୍ଦ ହୋଇଯାଇଥିବାବେଳେ ଦୈନିକ ୧୩ ଘଣ୍ଟାରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ କାଟ୍ ଯୋଗୁ ଗ୍ରୀଷ୍ମ ଋତୁରେ ଲୋକେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ସେହିପରି ଖାଦ୍ୟସାମଗ୍ରୀ ଦର ବହୁତ ବଢ଼ିଯାଇଥିବାବେଳେ ଜରୁରୀ ଔଷଧ ମିଳୁନାହିଁ। ସ୍ୱାଧୀନତା ପରେ ସେଠାରେ ଏଭଳି ଦୟନୀୟ ସ୍ଥିତି କେବେ ଦେଖାଦେଇ ନ ଥିଲା।

ଦେଶର ଏଭଳି ସ୍ଥିତି ପାଇଁ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ପରିଚାଳନାକୁ ଦାୟୀ କରି ଗୁରୁବାର ରାତିରେ ବହୁସଂଖ୍ୟାରେ ଲୋକେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ଘର ଆଗରେ ବିକ୍ଷୋଭ କରିଥିଲେ। ସେମାନେ ରାଷ୍ଟ୍ରପତିଙ୍କ ଇସ୍ତଫା ଦାବି କରିବା ସହ ତାଙ୍କ ବାସଭବନରେ ପ୍ରବେଶ ଉଦ୍ୟମ କରିବାରୁ ସୁରକ୍ଷା ବଳ ସହ ଧସ୍ତାଧସ୍ତି ହୋଇ ହିଂସାତ୍ମକ ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଅନେକ ଆହତ ହୋଇଥିଲେ ଓ ବହୁ ଗାଡ଼ି ପୋଡ଼ିଦିଆଯାଇଥିଲା। ଆନ୍ଦୋଳନକୁ ଦମନ କରିବା ଲାଗି ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ପାଣି ମାଡ଼ କରିଥିଲା। ସାମୟିକ ଭାବେ କର୍ଫ୍ୟୁ ଜାରି ହୋଇଥିଲା ଓ ବହୁସଂଖ୍ୟାରେ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଥିଲା। ଏହାପରେ ଶୁକ୍ରବାର ରାଷ୍ଟ୍ରପତି ଦେଶରେ ଜରୁରୀ ସ୍ଥିତି ଜାରି କରି ସୁରକ୍ଷା ବଳକୁ ଆନ୍ଦୋଳନ ଦମନ ଲାଗି ଅଧିକ କ୍ଷମତା ପ୍ରଦାନ କରିଥିଲେ। ଦେଶରେ ଜନ ଅସନ୍ତୋଷ ବଢୁଥିବାବେଳେ ସରକାରଙ୍କ ବିରୋଧରେ ରବିବାର ଦେଶବ୍ୟାପୀ ଆନ୍ଦୋଳନ ଲାଗି ଯୋଜନା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଶ୍ରୀଲଙ୍କା ପୋଲିସ ୩୬ ଘଣ୍ଟିଆ କର୍ଫ୍ୟୁ ଜାରି କରିଛି। ଦିନକୁ ଦିନ ସ୍ଥିତି ଜଟିଳ ହେଉଥିବାରୁ ସଙ୍କଟର ସମାଧାନ ଲାଗି ସର୍ବଦଳୀୟ ସରକାର ଗଠନ ଲାଗି ପୂର୍ବତନ ରାଷ୍ଟ୍ରପତି ମୈତ୍ରୀପାଲ ସିରିସେନାଙ୍କ ଫ୍ରିଡମ୍ ପାର୍ଟି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି ରାଜପାକ୍‌ସେ ଆନ୍ଦୋଳନକୁ ଦମନ କରିବା ଲାଗି ଦେଶରେ ଏମର୍ଜେନ୍ସି ଜାରି କରିବା ସହ ସେନାକୁ ଅଧିକ କ୍ଷମତା ପ୍ରଦାନ କରିଛନ୍ତି। ଦକ୍ଷିଣରେ ଥିବା ଗାଲେ, ମାତାରା ଏବଂ ମୋରାଟୁୱା ସହରରେ ସରକାର ବିରୋଧୀ ବିକ୍ଷୋଭ ଦେଖାଦେଇଛି। ସେହିପରି ଉତ୍ତର ଓ କେନ୍ଦ୍ରୀୟ ଅଞ୍ଚଳରେ ମଧ୍ୟ ଅନୁରୂପ ଆନ୍ଦୋଳନ ମୁଣ୍ଡ ଟେକିଛି।

## ଓମିକ୍ରନ୍‌ଠାରୁ ଅଧିକ ସଂକ୍ରାମକ 'ଏକ୍ସଇ'

**ଜେନେଭା,୨।୪**

ବ୍ରିଟେନରୁ କରୋନାର ଆଉ ଏକ ନୂଆ ଭାରିଆଣ୍ଟ 'ଏକ୍ସଇ' ଚିହ୍ନଟ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ସୂଚନା ଦେଇଛି। ବିଏ.୧ ଏବଂ ବିଏ.୨ କରୋନା ଭୂତାଣୁର ଗୁଣସୂତ୍ର ମିଶ୍ରଣ ଫଳରେ 'ଏକ୍ସଇ' ଭୂତାଣୁ ସୃଷ୍ଟି ହୋଇଥିବା କୁହାଯାଉଛି। ଅନ୍ୟ ଭାରଆଣ୍ଟ ତୁଳନାରେ ଏକ୍ସଇ ଲୋକଙ୍କୁ ଅଧିକମାତ୍ରାରେ ସଂକ୍ରମିତ କରିବା ନେଇ ଆଶା ବ୍ୟକ୍ତ କରିଛି 'ଡବ୍ଲୁଏଚ୍‌ଓ'। କରୋନାର ସବ୍-ଭାରିଆଣ୍ଟ ବିଏ.୨ ତୁଳନାରେ ନୂଆ ଭାରିଆଣ୍ଟ ୧୦ ଗୁଣା ଅଧିକ ସଂକ୍ରାମକ ହୋଇଥିବା କୁହାଯାଉଛି। ଜାନୁୟାରୀ ୧୯ରେ ପ୍ରଥମେ 'ଏକ୍ସଇ' କରୋନା ଭାରିଏଣ୍ଟ ବ୍ରିଟେନରେ ଚିହ୍ନଟ ହୋଇଥିବାବେଳେ ଏହାଦ୍ୱାରା ମୋଟ ୬୩୭ ଜଣ ଆକ୍ରାନ୍ତ ହୋଇଥିବା ବ୍ରିଟେନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କରୋନା ସଂକ୍ରମଣ କମିବା କାରଣରୁ ବିଭିନ୍ନ ଦେଶ କଟକଣା କୋହଳ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ବ୍ରିଟେନରେ ସଂକ୍ରମଣ ଲହର ଜାରି ରହିଛି।

## ଚାଉଳ, ଡିଜେଲ ଯୋଗାଇଲା ଭାରତ

**ନୂଆଦିଲ୍ଲୀ,୨।୪**

ଶ୍ରୀଲଙ୍କାର ୨.୨ କୋଟି ଲୋକ ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଭାରତ ସରକାରଙ୍କ ପକ୍ଷରୁ ଏହି ଦ୍ୱୀପଦେଶକୁ ଚାଉଳ ଓ ଡିଜେଲ ଯୋଗାଇ ଦିଆଯାଇଛି। ଡିଜେଲ ଅଭାବରୁ ସେଠାରେ ଦୈନିକ ୧୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ କାଟ୍ ହେଉଥିବାବେଳେ ନୂଆଦିଲ୍ଲୀ ପଠାଇଥିବା ୪୦,୦୦୦ ଟନ୍ ଡିଜେଲ ଶନିବାର ସେଠାରେ ପହଞ୍ଚିଛି। ସେହିପରି ନୂଆଦିଲ୍ଲୀରୁ ପ୍ରଥମ ଖାଦ୍ୟ ସହାୟତା ସ୍ୱରୂପ ୪୦ ହଜାର ଟନ୍ ଚାଉଳ କଲମ୍ବୋ ପଠାଇବା ପାଇଁ ଲୋଡିଂ ଆରମ୍ଭ ହୋଇଛି।

## ଏନ୍‌ସିବି ସାକ୍ଷୀ ପ୍ରଭାକର ସେଲ ମୃତ

**ମୁମ୍ବାଇ,୨।୪**




ମୁମ୍ବାଇ କ୍ରୁଜ୍‌ରେ ଡ୍ରଗ୍ସପାର୍ଟି ଓ ଶାହରୁଖ ଖାନ୍‌ଙ୍କ ପୁଅ ଆର୍ୟନଙ୍କ ଗିରଫ ମାମଲାରେ ଏନ୍‌ସିବି ସାକ୍ଷୀ ପ୍ରଭାକର ସେଲଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଏ ନେଇ ତାଙ୍କ ଓକିଲ ସୂଚନା ଦେଇଛନ୍ତି। ଗତ ବର୍ଷ ଅକ୍ଟୋବର ୩ରେ ମୁମ୍ବାଇ ଉପକୂଳରେ ରେଭ୍ ପାର୍ଟି ଚାଲିଥିବାବେଳେ ଏନ୍‌ସିବି ପକ୍ଷରୁ ଚଢାଉ କରାଯାଇଥିଲା। କ୍ରୁଜ୍‌ରୁ ଡ୍ରଗ୍ସ ଜବତ ହେବା ପରେ ଆର୍ୟନଙ୍କ ସମେତ ଏକାଧିକ ଲୋକଙ୍କୁ ଗିରଫ କରାଯାଇଥିଲା। ଯେଉଁଥିରେ ପ୍ରଭାକର ସେଲ ମଧ୍ୟ ସାମିଲ ଥିଲେ। ଡ୍ରଗ୍ସ-କ୍ରୁଜ୍ ମାମଲାରେ ଗିରଫ ହୋଇଥିବା କିରଣ ଗୋସାଭିଙ୍କ ହେଦରକ୍ଷୀ ଥିଲେ ପ୍ରଭାକର। ଆର୍ୟନ୍ ଖାନ୍‌ଙ୍କ ଗିରଫ ନେଇ ଗୋସାଭି ୨୫ କୋଟିର ଡିଲ୍ କରିଥିବା ପ୍ରଭାକର ଏନ୍‌ସିବିକୁ କହିଥିଲେ। ଏ ମାମଲାରେ ସେ ଥିଲେ ସରକାରୀ ସାକ୍ଷୀ। ଘଟଣାର ତଦନ୍ତ ଡିଜିପି କରନ୍ତୁ ବୋଲି ମହାରାଷ୍ଟ୍ର ଗୃହମନ୍ତ୍ରୀ ଦୀଲିପ ୱାଲସେ ପାଟିଲ କହିଛନ୍ତି।

## ରାସ୍ତାକୁ ଓହ୍ଲାଇବାକୁ ଆହ୍ୱାନ ଦେଲେ ଇମ୍ରାନ୍

**ଇସ୍‌ଲାମାବାଦ,୨।୪**

### ଆଜି ଅନାସ୍ଥା ଭୋଟ



ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ରବିବାର ଅନାସ୍ଥା ଭୋଟ୍‌ର ସମ୍ମୁଖୀନ ହେବାକୁ ଯାଉଥିବାବେଳେ ଦେଶବାସୀ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିବାକୁ ଶନିବାର ଆହ୍ୱାନ ଦେଇଛନ୍ତି। ବିଦେଶୀ ଷଡ଼ଯନ୍ତ୍ରକାରୀମାନେ ତାଙ୍କ ସରକାରକୁ କ୍ଷମତାଚ୍ୟୁତ କରିବାକୁ ଉଦ୍ୟମ କରୁଛନ୍ତି। ଏହାର ପ୍ରତିବାଦରେ ଜନସାଧାରଣ ଆନ୍ଦୋଳନରେ ସାମିଲ ହେବା ଆବଶ୍ୟକ। ରାଷ୍ଟ୍ରର ସ୍ୱାର୍ଥ ପାଇଁ ଓ ପିଲାମାନଙ୍କ ଭବିଷ୍ୟତ ନିମନ୍ତେ ଲୋକେ ଆନ୍ଦୋଳନରେ ସାମିଲ ହୁଅନ୍ତୁ ବୋଲି ପାକ୍ ପ୍ରଧାନମନ୍ତ୍ରୀ କହିଛନ୍ତି। ଗତ ସପ୍ତାହରେ ସହଯୋଗୀ ଦଳ ସରକାରରୁ ଓହରିଯାଇ ବିରୋଧୀ ଶିବିରରେ ସାମିଲ ହେବା ପରେ ଇମ୍ରାନ୍‌ଙ୍କ ସରକାର ଆପାତତଃ ସଂଖ୍ୟାଗରିଷ୍ଠତା ହରାଇସାରିଛି।

## ଭାରତ-ଅଷ୍ଟ୍ରେଲିଆ ବାଣିଜ୍ୟ ଚୁକ୍ତି

**ନୂଆଦିଲ୍ଲୀ,୨।୪**

### ଭାରତୀୟ ସାମଗ୍ରୀକୁ ନିଃଶୁଳ୍କ ପ୍ରବେଶ ସୁଯୋଗ

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଶନିବାର ଆର୍ଥିକ ସହଯୋଗ ଓ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ବଳରେ ଭାରତର ବସ୍ତ୍ର, ଚମଡ଼ା ସାମଗ୍ରୀ, ଆସବାବପତ୍ର, ଅଳଙ୍କାର, ଯନ୍ତ୍ରପାତି ସମେତ ୬,୦୦୦ରୁ ଊର୍ଦ୍ଧ୍ୱ ସାମଗ୍ରୀ ଅଷ୍ଟ୍ରେଲିଆ ବଜାରରେ ନିଃଶୁଳ୍କ ପ୍ରବେଶ ସୁଯୋଗ ପାଇବେ। ୪ ମାସ ମଧ୍ୟରେ ଉକ୍ତ ଚୁକ୍ତିନାମା କାର୍ଯ୍ୟକାରୀ ହେବ। ଏକ ଭର୍ଚୁଆଲ ଉତ୍ସବରେ ଭାରତର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଅଷ୍ଟ୍ରେଲିଆର ବାଣିଜ୍ୟ, ପର୍ଯ୍ୟଟନ ଓ ନିବେଶ ମନ୍ତ୍ରୀ ଡାନ୍ ଟେହାନଙ୍କ ମଧ୍ୟରେ ଭାରତ-ଅଷ୍ଟ୍ରେଲିଆ ଆର୍ଥିକ ସହଯୋଗ ଓ ବାଣିଜ୍ୟ ଚୁକ୍ତିନାମା (ଇସିଟିଏ) ସ୍ୱାକ୍ଷର ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଅଷ୍ଟ୍ରେଲିଆ ପ୍ରତିପକ୍ଷ ସ୍କଟ୍ ମୋରିସନ୍ ଉପସ୍ଥିତ ଥିଲେ। ଉକ୍ତ ଚୁକ୍ତିନାମା ବଳରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆଗାମୀ ୫ ବର୍ଷ ମଧ୍ୟରେ ୨୭.୫ ବିଲିୟନ ଡଲାରରୁ ୪୫-୫୦ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଗୋୟଲ କହିଛନ୍ତି। ଏଥିସହିତ ଶ୍ରମଭିତ୍ତିକ ସେକ୍ଟର ଉକ୍ତ ଚୁକ୍ତିନାମାରୁ ଅଧିକ ଲାଭବାନ ହେବାକୁ ଥିବାରୁ ଆଗାମୀ ୫-୭ ବର୍ଷ ମଧ୍ୟରେ ୧୦ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ସେ ସୂଚନା ଦେଇଛନ୍ତି। ଅଷ୍ଟ୍ରେଲିଆ ଭାରତର ମୋଟ ରପ୍ତାନିର ୯୬.୪ ପ୍ରତିଶତକୁ ନିଃଶୁଳ୍କ ପ୍ରବେଶ ଅନୁମତି ଦେବ। ବର୍ତ୍ତମାନ ଏହିସବୁ ସାମଗ୍ରୀ ପାଇଁ ଅଷ୍ଟ୍ରେଲିଆକୁ ୪ରୁ ୫ ପ୍ରତିଶତ ସୀମାଶୁଳ୍କ ଦେବାକୁ ପଡୁଛି।

## ଭାରତ-ନେପାଳ ଟ୍ରେନ୍ ସେବା ଉଦ୍‌ଘାଟିତ

**ନୂଆଦିଲ୍ଲୀ,୨।୪**



ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ନେପାଳ ପ୍ରତିପକ୍ଷ ଶେର୍ ବାହାଦୁର ଦେଉବା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତ ଗସ୍ତରେ ଆସିଥିବା ତାଙ୍କ ନେପାଳ ପ୍ରତିପକ୍ଷ ଶେର୍ ବାହାଦୁର ଦେଉବା ଶନିବାର ମିଳିତ ଭାବେ ସୀମାପାର ଯାତ୍ରୀବାହୀ ଟ୍ରେନ୍ ସେବାକୁ ଉଦ୍‌ଘାଟନ କରିଛନ୍ତି। ଏହି ଟ୍ରେନ୍ ବିହାରର ଜୟନଗର ଏବଂ ନେପାଳର କୁର୍ଥା ମଧ୍ୟରେ ଚାଲିବ। ନେପାଳରେ ରୂପେ ପେମେଣ୍ଟ ବ୍ୟବସ୍ଥା ଲଞ୍ଚ୍ ହେବା ସହ ଦୁଇଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଦୁଇ ନେତାଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିନିଧିସ୍ତରୀୟ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସୀମା ବିବାଦର ସମାଧାନ ପାଇଁ ଏକ ଦ୍ୱିପାକ୍ଷିକ ବ୍ୟବସ୍ଥା ସ୍ଥାପନ ଲାଗି ନେପାଳ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ସୀମାବିବାଦର ରାଜନୀତିକରଣ ନ କରି ଉଭୟ ପକ୍ଷ ଦାୟିତ୍ୱବୋଧ ସହ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବା ଉପରେ ଭାରତ ଜୋର୍ ଦେଇଛି। ଆଲୋଚନା ଶେଷରେ ଗଣମାଧ୍ୟମକୁ ଉଦ୍‌ବୋଧନ ଦେଇ ଦେଉବା କହିଥିଲେ, ସୀମା ବିବାଦ ସମାଧାନ ଲାଗି ସେ ମୋଦିଙ୍କ ସହ କଥା ହୋଇଛନ୍ତି। ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ଉପରେ ଭାରତ ଗୁରୁତ୍ୱ ଦେଉଥିବା ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା କହିଛନ୍ତି।

ନେପାଳ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରଥମ ଦ୍ୱିପାକ୍ଷିକ ବିଦେଶ ଗସ୍ତରେ ଆସି ଶୁକ୍ରବାର ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଶନିବାର ହାଇଦ୍ରାବାଦ ହାଉସ୍‌ରେ ଆଲୋଚନା ପାଇଁ ପହଞ୍ଚିବା ପୂର୍ବରୁ ଦେଉବା ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରେଲୱେ, ଶକ୍ତି କ୍ଷେତ୍ର ଉପରେ ଆଲୋଚନା ହେବା ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ୪ ଦସ୍ତାବିଜ୍ ଓ ବୁଝାମଣାପତ୍ର ସ୍ୱାକ୍ଷର ହେବା ସହ ହସ୍ତାନ୍ତର ହୋଇଥିଲା। ଉଭୟ ପ୍ରଧାନମନ୍ତ୍ରୀ ସୋଲୁ କରିଡର ୧୩୨ କେଭି ବିଦ୍ୟୁତ୍ ସରବରାହ ଲାଇନ ଓ ସବ୍‌ଷ୍ଟେଶନକୁ ଉଦ୍‌ଘାଟନ କରିଥିଲେ।

# କିଭ୍‌କୁ ବିପଦ ମାଇନ୍ସ

**କିଭ୍,୨।୪**

- ଯିବା ପୂର୍ବରୁ ବିସ୍ଫୋରକ ଖଞ୍ଜିଛନ୍ତି ରୁଷୀୟ ସୈନ୍ୟ
- ପୂର୍ବ-ଦକ୍ଷିଣ ୟୁକ୍ରେନ୍‌ରେ ବଡ଼ ଆକ୍ରମଣ ଯୋଜନା
- ନିଖୋଜ ଖବରଦାତାଙ୍କ ମୃତଦେହ ମିଳିଲା



କିଭ୍ ରାସ୍ତାରେ ରୁଷିଆ ସୈନ୍ୟଙ୍କ ପରିତ୍ୟକ୍ତ ଯୁଦ୍ଧ ସରଞ୍ଜାମ ।

ୟୁକ୍ରେନ୍-ରୁଷିଆ ଯୁଦ୍ଧକୁ ଶନିବାର ୩୮ ଦିନ ପୂରିଥିବାବେଳେ ରାଜଧାନୀ କିଭ୍ ଓ ଚେର୍ନିହିଭ୍‌ରୁ ରୁଷୀୟ ସୈନ୍ୟ ଧୀରେ ଧୀରେ ପଛକୁ ହଟୁଛନ୍ତି। ତେବେ ସହର ଛାଡ଼ିବା ପୂର୍ବରୁ ରୁଷିଆ ବିଭିନ୍ନ ଅଞ୍ଚଳରେ ବିପୁଳ ପରିମାଣରେ ମାଇନ୍ସ ବିଛାଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଫଳରେ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ରୁଷୀୟ ସୈନ୍ୟ ଘର ଚାରିପାଖ, ଛାଡ଼ି ଯାଇଥିବା ଯୁଦ୍ଧବାହନ, ଯନ୍ତ୍ରପାତି ଏପରି କି ସେଠାରେ ପଡ଼ିଥିବା ମୃତଦେହରେ ମଧ୍ୟ ମାଇନ୍ସ ଖଞ୍ଜାଯାଇଥିବା ନେଇ ଜେଲେନ୍‌ସ୍କି ସତର୍କ କରାଇଛନ୍ତି। ଉକ୍ତ ସହର ସୁରକ୍ଷିତ ବୋଲି ନିଶ୍ଚିତ କରା ନ ଯିବା ପର୍ଯ୍ୟନ୍ତ ଲୋକେ ସେଠାକୁ ନ ଫେରିବାକୁ ଜେଲେନ୍‌ସ୍କି ନିବେଦନ କରିଛନ୍ତି। ଶନିବାର କିଭ୍‌ର ବୁଚା ନିକଟ ଏକ ଗଳିରେ ୨୦ଟି ମୃତଦେହ ଠାବ କରାଯାଇଛି।

ଅପରପକ୍ଷେ ରୁଷିଆ ପଶ୍ଚିମ ଓ ଉତ୍ତର ୟୁକ୍ରେନ୍‌ରୁ ସେନା ହଟାଇ ଏବେ ଦକ୍ଷିଣ-ପୂର୍ବ ପଟରେ ଧ୍ୟାନ କେନ୍ଦ୍ରୀଭୂତ କରିଛି। ସେଠାରେ ରୁଷିଆ ବଡ଼ ଧରଣର ଆକ୍ରମଣ ଯୋଜନା ପ୍ରସ୍ତୁତ କରିଥିବା ୟୁକ୍ରେନ୍ ସମେତ ପାଶ୍ଚାତ୍ୟ ଦେଶ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏବେ ମଧ୍ୟ ରୁଷିଆ ମାରିଉପୋଲରେ ଘନଘନ ଆକ୍ରମଣ ଜାରି ରଖିଛି। ଆକ୍ରମଣରେ କେବଳ ମାରିଉପୋଲରେ ୫ ହଜାରରୁ ଊର୍ଦ୍ଧ୍ୱ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। କିଭ୍‌ରେ ଯୁଦ୍ଧ ରିପୋର୍ଟିଂ କରିବାକୁ ଯାଇ ନିଖୋଜ ଥିବା ୟୁକ୍ରେନ୍‌ର ଖବରଦାତା ତଥା ଫଟୋଗ୍ରାଫର ମାକ୍ସିମ୍ ଲେଭିନ୍‌ଙ୍କ ମୃତଦେହ ସେଠାରେ ଏକ ଗାଁରୁ ମିଳିଛି।



ମାକ୍ସିମ୍ ଲେଭିନ୍

ପୂର୍ବରୁ ସେ ରଏଟର୍ସ ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି। ଦକ୍ଷିଣ ୟୁକ୍ରେନ୍‌ର ବନ୍ଦର ସହର ମିକୋଲିଭ୍‌ର ଏକ ପ୍ରଶାସନିକ ବିଲ୍ଡିଂରେ ରୁଷିଆ କରିଥିବା ରକେଟ ମାଡ଼ରେ ୩୩ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୦୪,୩୨,୬୮୯ | ୬୧,୭୭,୭୭୯ | ୪୨,୫୧,୭୭,୭୯୬ |
| ଭାରତ | ୪,୩୦,୨୭,୦୩୫ | ୫,୨୧,୨୯୩ | ୪,୨୪,୯୨,୩୨୬ |
| ଓଡ଼ିଶା | ୧୨,୮୭,୭୦୧ | ୯୧୨୧(+୫୩) | ୧୨,୭୮,୧୬୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଶ୍ରୀଲଙ୍କାରେ ଖାଦ୍ୟ ସଂକଟ




# ଅପରାଜିତା-ପିନାକୀ କଥା କଟାକଟି

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ

ଭୁବନେଶ୍ୱର,୨।୪(ବ୍ୟୁରୋ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣକୁ ନେଇ ଗୁରୁବାର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଲୋକ ସଭାରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ହସ୍ତକ୍ଷେପ ଲୋଡ଼ିଥିଲେ। ଏହାର ଜବାବ ଦେବାକୁ ଯାଇ ବିଜେଡି ଏମ୍‌ପି ପିନାକୀ ମିଶ୍ର କହିଥିଲେ, ଶ୍ରୀମନ୍ଦିର ପାଖରେ କେବଳ ୪ଟି ଶୌଚାଳୟ ନିର୍ମାଣ କରାଯାଉଛି। ଏହାଦ୍ୱାରା ମନ୍ଦିରର ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ।

ତେବେ ପିନାକୀଙ୍କ ମନ୍ତବ୍ୟକୁ ବିରୋଧ କରି ଶ୍ରୀକ୍ଷେତ୍ରରେ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହା ପରେ ଶନିବାର ପିନାକୀ ମିଶ୍ର ସ୍ପଷ୍ଟୀକରଣ ରଖିଛନ୍ତି। ଖଣ୍ଡିଏ କାଗଜ ଦେଖାଇ ସେ କହିଛନ୍ତି, ଏହା ହେଉଛି ଗତ ସେପ୍ଟେମ୍ବର ୪ ତାରିଖରେ ଏନ୍‌ଏମ୍‌ଏ ଦେଇଥିବା ଏନ୍‌ଓସି। ଏହି ଏନ୍‌ଓସି ମୁତାବକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ କ୍ଲକ୍ ରୁମ୍, ମିନି କ୍ଲକ୍ ରୁମ୍, ସେଲ୍ଟର ପାଭିଲିଅନ, ପୁରୁଷ, ମହିଳା ଓ ସେବାୟତଙ୍କ ପାଇଁ ଟଏଲେଟ ନିର୍ମାଣ କରିବାକୁ ଅନୁମତି ମିଳିଛି। କିନ୍ତୁ ସମୟ ଅଭାବରୁ ସଂସଦରେ କେବଳ ଟଏଲେଟ କଥା କହିଦେଇଥିଲି। ସଂସଦରେ କିଛି ମିଛ କହିନି। ସତ୍‌ସାହସ ଥିଲେ ବାଚସ୍ପତିଙ୍କୁ ଜଣାନ୍ତୁ ବୋଲି ପିନାକୀ କହିଛନ୍ତି।


ଅପରାଜିତା ଷଡ଼ଙ୍ଗୀ


ପିନାକୀ ମିଶ୍ର

ପିନାକୀଙ୍କ ଏନ୍‌ଓସି ମନ୍ତବ୍ୟର ଜବାବ ଦେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ପ୍ରଥମ କଥା ହେଉଛି- କୌଣସି ଐତିହ୍ୟ ସ୍ଥଳର ୧୦୦ ମିଟର ପରିଧିରେ ନିର୍ମାଣ କାର୍ଯ୍ୟ କରିବା ପାଇଁ ଅନୁମତି ଦେବାକୁ ଏନ୍‌ଏମ୍‌ଏ (ନ୍ୟାଶନାଲ୍ ମନୁମେଣ୍ଟ ଅଥରିଟି)ର କ୍ଷମତା ନାହିଁ। କେବଳ ଏଏସ୍‌ଆଇ ଡିଜିଙ୍କ ସ୍ୱତନ୍ତ୍ର ଅନୁମତି କ୍ରମେ କିଛିଟା ସୁବିଧା ନିର୍ମାଣ ହୋଇପାରିବ। କିନ୍ତୁ କଥା ହେଉଛି, ଯେଉଁ ସବୁ କାର୍ଯ୍ୟ ହୋଇଛି, ସେଥିରେ ୪ଟା ଶୌଚାଳୟ ହେଉଛି ବୋଲି ସେ ବାରମ୍ବାର କହିଥିଲେ। କିନ୍ତୁ ଶନିବାର କହୁଛନ୍ତି ଆହୁରି ଅନେକ କାମ ହେଉଛି। ଏତେସବୁ କାମ ପାଇଁ ଏନ୍‌ଓସି ମିଳିଥିବା କଥା କହୁଛନ୍ତି। କିନ୍ତୁ ସେ ଯାହାକୁ ଏନ୍‌ଓସି କହୁଛନ୍ତି, ସେ କାଗଜ ମୋ ପାଖରେ ମଧ୍ୟ ରହିଛି। ସେଇଟା ଏନ୍‌ଏମ୍‌ଏର ଚିଠି, ଏନ୍‌ଓସି ନୁହେଁ। ଏନ୍‌ଓସିର ଫର୍ମାଟ୍ ଅଲଗା ହୋଇଥାଏ। ସେଥିରେ ଡିଟେଲ୍ ଦିଆଯାଏ। ୧୦୦ ମିଟର ଭିତରେ କୌଣସି କାର୍ଯ୍ୟ ହୋଇପାରିବ ନାହିଁ। ଯଦି କିଛି ମରାମତି ହୁଏ, ତାହାହେଲେ ଏଏସ୍‌ଆଇ ଡିଜି ଅନୁମତି ଦେବେ। ଶନିବାର ମଧ୍ୟ ମୁଁ ଏଏସ୍‌ଆଇଙ୍କ ସହିତ କଥା ହୋଇଛି। ସତ ଜାଣିବାକୁ ହେଲେ ସମସ୍ତେ ଏଏସ୍‌ଆଇଙ୍କ ସହିତ କଥା ହୋଇଯାଆନ୍ତୁ। ସତ କ'ଣ ଓଡ଼ିଶାର ଲୋକ ଜାଣିଗଲେଣି। ଓଡ଼ିଶାର ଲୋକମାନେ ବହୁ ଅଭିଜ୍ଞ। ସେମାନେ ସବୁ କଥା ଠିକ୍ ଭାବେ ବୁଝୁଛନ୍ତି। କାରଣ ଏଇଟା ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର ସୁରକ୍ଷାର କଥା। ସେଥିପାଇଁ ମୁଁ ଥରେ ଲୋକ ସଭାରେ କହିଛି। ଦରକାର ପଡ଼ିଲେ ବାରମ୍ବାର ଲୋକ ସଭାରେ କହିବି। କିନ୍ତୁ ଯେଉଁଟା ଠିକ୍ ସେଇଟା କହିବି। ୧୦୦ ମିଟର ଭିତରେ ନିର୍ମାଣ କରିବା ପାଇଁ ଏଏସ୍‌ଆଇ କୌଣସି ଅନୁମତି ଦେଇନାହିଁ। କିନ୍ତୁ ଦେଖାଯାଉଥିବା କାଗଜଟି ହେଉଛି ଏନ୍‌ଏମ୍‌ଏର ଚିଠି। ଏନ୍‌ଓସି ନୁହେଁ ବୋଲି ଅପରାଜିତା କହିଛନ୍ତି।

# ବାଇକ୍ ଆରୋହୀଙ୍କୁ ଗୋଡ଼ାଇ ହାଣିଲେ ୪ ଦୁର୍ବୃତ୍ତ

### ରାଜନୈତିକ ଶତ୍ରୁତା

ଖଲ୍ଲିକୋଟ,୨।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଲେଶ୍ୱରଠାରେ ଶନିବାର ରାଜନୈତିକ ଶତ୍ରୁତାରୁ ଜଣେ ବାଇକ୍ ଆରୋହୀଙ୍କୁ ଗୋଡ଼ାଇ ଗୋଡ଼ାଇ ୪ ଦୁର୍ବୃତ୍ତ ହାଣିଛନ୍ତି। ଆକ୍ରମଣରେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ଆଠଗଡ଼ ପାଟଣା ପଞ୍ଚାୟତର ଅସିତ କୁମାର ନାୟକ ଗୁରୁତର ହୋଇଛନ୍ତି।

ଶୁକ୍ରବାର ଅସିତ କୌଣସି କାମରେ ତାଙ୍କ ସାଙ୍ଗ ପରେଶ କୁମାର ସେଠୀଙ୍କ ସହ ବାଇକ୍ ଯୋଗେ ଭୁବନେଶ୍ୱର ଯାଇଥିଲେ। ସେଠାରୁ ଶନିବାର ଫେରିବା ବେଳେ ଲଙ୍ଗଲେଶ୍ୱରଠାରେ ଚାରି ଜଣ ଦୁର୍ବୃତ୍ତ ସେମାନଙ୍କ ଉପରକୁ ଲଙ୍କା ଗୁଣ୍ଡ ଫିଙ୍ଗିଥିଲେ। ଅସିତ ଓ ପରେଶ ପଡ଼ିଯିବା ପରେ ପରେଶ ପ୍ରାଣ ବିକଳରେ ସେଠାରୁ ଦୌଡ଼ି ପଳେଇଥିଲେ। କିନ୍ତୁ ଅସିତଙ୍କୁ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ହାଣିଥିଲେ। ସେହି ସମୟରେ ସ୍ଥାନୀୟ ଲୋକ ଘଟଣାସ୍ଥଳକୁ ଆସିଯିବାରୁ ଦୁର୍ବୃତ୍ତମାନେ ଦୌଡ଼ି ପଳେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଅସିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ତେବେ ଆକ୍ରମଣ ରାଜନୈତିକ ଶତ୍ରୁତାରୁ ଘଟିଛି ବୋଲି ଅସିତ କହିଛନ୍ତି। କାରଣ ହାରିଥିବା ଲୋକମାନଙ୍କୁ ସେ ଚିହ୍ନିଛନ୍ତି। ସେମାନେ ପଞ୍ଚାୟତ ନିର୍ବାଚନରେ ହାରିଥିଲେ ଓ ଅସିତଙ୍କ ଗୋଷ୍ଠୀ ଜିତି ଥିଲେ। ସେହି କାରଣରୁ ତାଙ୍କୁ ଆକ୍ରମଣ କରାଯାଇଛି ବୋଲି କହିଛନ୍ତି। ତେବେ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଅଫିସ୍‌ରେ ପଶି ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ମାଡ଼

ପଟ୍ଟାମୁଣ୍ଡାଇ,୨।୪(ସ୍ୱ.ପ୍ର.)

- ବେଆଇନ ଇଟାଭାଟିକୁ କେନ୍ଦ୍ର କରି ଉତ୍ତେଜନା
- ୨ ଆକ୍ରମଣକାରୀ ଥାନାରେ ଅଟକ

ଚାଷ ଜମି ପାଖରେ ବେଆଇନ ଇଟାଭାଟି ନିର୍ମାଣକୁ ବିରୋଧ କରି ଚାଷୀମାନେ ତହସିଲଦାରଙ୍କୁ ବାରମ୍ବାର ଜଣାଇଥିଲେ । ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଶନିବାର ଚାଷୀମାନେ ତହସିଲ ଅଫିସରେ ପଶି ତହସିଲଦାରଙ୍କୁ ମାଡ଼ ମାରିବା ସହିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସ୍ଥାନୀୟ ତହସିଲ ଅଫିସରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଛି । ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୋହନପୁର ପଞ୍ଚାୟତ କଣିପାଳ ଗ୍ରାମର ଏକାଧିକ ଚାଷୀ ନିଜ ଜମିରେ ଫସଲ କରିଛନ୍ତି। ସେହି ଜମି ପାଖରେ ଜଣେ ବ୍ୟକ୍ତି ବେଆଇନ ଭାବେ ଇଟା ଭାଟି ତିଆରି କରିଛନ୍ତି । ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ନିକଟରେ ଚାଷୀମାନେ ଅଭିଯୋଗ କରିଥିଲେ । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଏହାର ପ୍ରତିବାଦରେ ଗତ ୩ ଦିନ ତଳେ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଥିଲେ । ତହସିଲଦାର ଦିଲ୍ଲୀପ ସେଠୀଙ୍କ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ । ହେଲେ ଶୁକ୍ରବାର ରାତିରେ ସମ୍ପୃକ୍ତ ବ୍ୟକ୍ତି ନିଜ ଇଟାଭାଟିରେ ନିଆଁ ଦେବାରୁ ଶନିବାର ଉତ୍ତ୍ୟକ୍ତ ଚାଷୀମାନେ ତହସିଲ ଅଫିସକୁ ଆସି ଏ ସଂକ୍ରାନ୍ତରେ ତହସିଲଦାରଙ୍କୁ ଜଣାଇବା ସହିତ ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ପ୍ରଶ୍ନ କରିଥିଲେ । ଏହାକୁ ନେଇ ତହସିଲଦାର ସେଠୀଙ୍କ ସହିତ ଚାଷୀମାନଙ୍କ ବଚସା ହେବା ସହିତ ଧସ୍ତାଧସ୍ତି ହୋଇଥିଲା । କଣିପାଳ ଗାଁର ଦୋଳଗୋବିନ୍ଦ ସାହୁ ଓ ଉଦୟଭାନୁ ସାହୁ ମିଳିତ ଭାବେ ତହସିଲଦାରଙ୍କୁ ମାଡ଼ ମାରିବା ସହିତ ଆକ୍ରମଣ କରିଥିଲେ ବୋଲି ତହସିଲଦାର ସେଠୀ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଧରି ନେଇ ଥାନାରେ ଅଟକ ରଖିଛି। ଉକ୍ତ ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।


ଅଫିସ ପରିସରରେ ତହସିଲଦାର(ବାମ)ଙ୍କୁ ଆକ୍ରମଣ କରାଯାଉଛି।


DSPL-318

Electronics and Information Technology Department, Government of Odisha

OCAC Odisha Computer Application Centre

ଆଧାର ସେବା ପାଇବା ଏବେ ଅତ୍ୟନ୍ତ ସୁବିଧାଜନକ ଏବଂ ସରଳ ।

ନିଜର ନିକଟସ୍ଥ ବ୍ଲକ୍ / ପୌରାଞ୍ଚଳ କାର୍ଯ୍ୟାଳୟର ଯେକୌଣସି ଆଧାର କେନ୍ଦ୍ରକୁ ଯାଆନ୍ତୁ ଏବଂ ନିମ୍ନଲିଖିତ ସେବାଗୁଡ଼ିକୁ ସହଜରେ ଉପଲବ୍ଧ କରନ୍ତୁ ।


AADHAAR ଆଧାର ସେବା ପାଇଁ ଦେୟ

| | | |
|---|---|---|
| ୧ | ନୂତନ ଆଧାର କାର୍ଡ | ମାଗଣା |
| ୨ | ପିଲାମାନଙ୍କ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ସଂଶୋଧନ | ମାଗଣା |
| ୩ | ବ୍ୟକ୍ତିଗତ ସୂଚନା ସଂଶୋଧନ | ଟ.୫୦ |
| ୪ | ଆପଣଙ୍କ ଆଧାର କାର୍ଡର ରଙ୍ଗିନ୍ ପ୍ରିଣ୍ଟ | ଟ.୩୦ |
| ୫ | ଅନ୍ୟାନ୍ୟ ବାୟୋମେଟ୍ରିକ ସଂଶୋଧନ | ଟ.୧୦୦ |

ଆଧାର ସେବା ପାଇଁ ସମସ୍ତ ଦେୟ ମୂଲ୍ୟ UIDAI ଦ୍ୱାରା ନିର୍ଦ୍ଦେଶିତ + ୧୮% ଜିଏସ୍‌ଟି । ନିର୍ଦ୍ଧାରିତ ଦେୟ ଏବଂ ନିର୍ଦ୍ଦିଷ୍ଟ ଶାଖା ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ଦେୟ ମୁକ୍ତ ନମ୍ବର ୧୯୪୭ ଏବଂ help@uidai.gov.in ରେ ଯୋଗାଯୋଗ କରନ୍ତୁ । ଆଧାର ସମ୍ବନ୍ଧୀୟ ଯେକୌଣସି ଅଭିଯୋଗ ପାଇଁ "ସଂଯୋଗ ହେଲ୍ପଲାଇନ" ନମ୍ବର ୧୫୫୩୩୫ରେ ଯୋଗାଯୋଗ କରନ୍ତୁ ଏବଂ ଅଧିକ ସୂଚନା ପାଇଁ ଆମ ୱେବସାଇଟ୍ www.sanjoghelpline.odisha.gov.in କୁ ଯାଆନ୍ତୁ ।

OIPR-16003/13/0056/2122






MCL
ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉପକ୍ରମ ଏବଂ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା, ଜିଲ୍ଲା: ସମ୍ବଲପୁର-୭୬୮୦୨୦ (ଓଡ଼ିଶା)

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାଜ୍ୟ ଭାଜପା ସଭାପତିଙ୍କ ନିକଟକୁ ଇସ୍ତଫାପତ୍ର ପଠାଇଲେ ଜୟରାମ ପାଙ୍ଗୀ

**କୋରାପୁଟ,୨।୪(ସ୍ୱ.ପ୍ର.)**

କୋରାପୁଟ ଜିଲାର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି ଶନିବାର ତାଙ୍କ ଇସ୍ତଫାପତ୍ର ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ମା’ ମାଟି ପାଇଁ ସମର୍ପିତ ଜୀବନ ବିତାଇବା ଲକ୍ଷ୍ୟ ନେଇ ମୁଁ ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ (ଡିପିବିପି)ର ପରିକଳ୍ପନା କରିଥିଲି। ମାତ୍ର ବିଭିନ୍ନ କାର୍ଯ୍ୟକ୍ରମ ଭିତରେ ଏହି କାମ ପାଇଁ ସମୟ ଦେଇ ପାରୁ ନ ଥିବା ଅନୁଭବ କରି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବାକୁ ଚିନ୍ତା କଲି ବୋଲି ସେ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।


ଜୟରାମ ପାଙ୍ଗି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ବେହିଆ ନାଚି ଯାଏ**
**ଅତି ବେହିଆ ପାଚି ଯାଏ ।**

ଯେଉଁମାନଙ୍କ ମୁହଁରେ ଲାଜ ସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଇଲେ ଅମିନ, ମାଇଲେ ମେଖ**
**ବାର ହାଣ୍ଡିଆଙ୍କ ଚାତୁରୀ ଦେଖ।**

ଅମିନ ଜମି ମପାମାପି କାମ କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଫଳସ୍ୱରୂପ ଲୋକଙ୍କୁ ଭୁଆଁ ବୁଲେଇ ହାତ ଚିକ୍କଣ କରୁଥିବା ଟାଉଟର, ମାମଲତିକାର ବ୍ୟକ୍ତିଙ୍କ ଉପୁରୀର ବାଟ ବନ୍ଦ ହୋଇଯାଏ। ପରୋକ୍ଷରେ ପେଞ୍ଚ କାଢ଼ିବାକୁ ଅସମର୍ଥ ବ୍ୟକ୍ତି ନିଜ ଦୋଷ ଦୁର୍ବଳତାକୁ ଘୋଡ଼େଇବାକୁ ଯାଇ ତୁଚ୍ଛା ବାହାଦୁରୀ ଦେଖାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମେଘୁଆ ରହିବ ପାଗ

**ଭୁବନେଶ୍ୱର,୨।୪(ବ୍ୟୁରୋ)**

**ବଲାଙ୍ଗୀରରେ ପାରଦ ୪୨.୨ ଡିଗ୍ରୀ ସେଲ୍‌ସିୟସ**

ରାଜ୍ୟରେ ତାତିର ପ୍ରକୋପ ସାମାନ୍ୟ ହ୍ରାସ ପାଇଛି । ଅଧିକାଂଶ ସ୍ଥାନରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି। ଆସନ୍ତା ୪ ଦିନ ଯାଏ ରାଜ୍ୟର ଅଧିକାଂଶ ସ୍ଥାନରେ ଆକାଶ ମେଘାଚ୍ଛନ୍ନ ରହିବା ସହ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସେହିପରି ୪ ତାରିଖରେ ଉତ୍ତର ଓଡ଼ିଶା, ଉପକୂଳ, ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟର କେତେକ ସ୍ଥାନରେ ତାତିର ପ୍ରକୋପ ଦେଖିବାକୁ ମିଳିଛି। ଶନିବାର ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୨.୧ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ଟିଟିଲାଗଡ଼ ୪୧.୭, ସୋନପୁର ୪୦.୨, ସୁନ୍ଦରଗଡ଼ ୪୦.୫, ବୌଦ୍ଧ ୪୦, ମାଲକାନଗିରି ୩୯, ଅନୁଗୋଳ ୩୯.୧, ସମ୍ବଲପୁର ୩୯.୫, ବାରିପଦା ୩୯ ଏବଂ ହୀରାକୁଦରେ ୩୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ବିଭିନ୍ନ ସମସ୍ୟା ହେତୁ ଆଜି ମନ ଅନୁଯାୟୀ କାମ ସମ୍ପନ୍ନ କରିବା କଷ୍ଟକର ହୋଇ ପଡ଼ିବ। ଆର୍ଥିକ କ୍ଷେତ୍ରରେ ଆଜି ପାଇବେ ଯେମିତି ଓ ଯେତିକି, ଖର୍ଚ୍ଚ ମଧ୍ୟ କରିବେ ସେମିତି। ସତର୍କତା ଅଭାବରୁ ସାଧାରଣ ଘଟଣା ବିବାଦୀୟ ପରିସ୍ଥିତି କିମ୍ବା ଭିନ୍ନ ରୂପ ନେଇପାରେ। ପରିବାର ସହ ବନ୍ଧୁମିଳନ ଓ ଦୂରଯାତ୍ରାରୁ ଉତ୍ସାହିତ ହେବେ।

**ବୃଷ** - ଖୁସି ମିଜାଜରେ କାମ କରିବାର ସୌଭାଗ୍ୟ ଅର୍ଜନ କରିବେ, କିନ୍ତୁ ତର୍କ ଅନର୍ଥର କାରଣ ପାଲଟି ଯାଇପାରେ। ମନେମନେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ପାଇଁ ବହୁତ ବିଳମ୍ବ ଘଟିବ। ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍‌ସିପରୁ ମନ ଖୁସି ରହିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ କିଛି ପରିମାଣରେ ଝାମେଲା ଆସିପାରେ।

**ମିଥୁନ** - ଗ୍ରହସ୍ଥିତିର ପ୍ରତିକୂଳତା ହେତୁ ପ୍ରକୃତ ଘଟଣା ନ ବୁଝି କୌଣସି କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ଅନ୍ୟମନସ୍କତା କାରଣରୁ ଦରକାରୀ କାଗଜପତ୍ର କିମ୍ବା ସୁନା ଜିନିଷ ହଜିଯିବାର ଆଶଙ୍କା ରହିଛି। ଆର୍ଦ୍ରା ନକ୍ଷତ୍ର ଯେଉଁ କାମରେ ହାତ ଦେବେ ସଫଳତା ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିବ।

**କର୍କଟ** - ଆଜି ସାମାନ୍ୟ ଅସୁବିଧା ହେଲେ ମଧ୍ୟ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ମନୋବଳ ବୃଦ୍ଧି ପାଇବ । ସାଧାରଣ କଥାରେ ବନ୍ଧୁ ମୁହଁ ଫଣଫଣ କରିପାରନ୍ତି। ଆନୁଷ୍ଠାନିକ କାମ, ମନୋରଞ୍ଜନ, ଆଧାତ୍ମିକ ଆଲୋଚନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** - ଆଜି ସତର୍କରେ ନ ଚଳିଲେ ଅର୍ଥହାନି ସାଙ୍ଗକୁ କଳହର ସମ୍ମୁଖୀନ ହୋଇପାରନ୍ତି। ସମସ୍ୟାଗ୍ରସ୍ତ କରିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ସାନ୍ନିଧ୍ୟ ଲାଭ କରିବେ। ବ୍ୟବସାୟୀମାନେ ବିଶେଷଭାବେ ପରିବହନ, ମନୋରଞ୍ଜନ କାର୍ଯ୍ୟକ୍ରମାଦିରୁ ଲାଭବାନ ହେବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**କନ୍ୟା** - କଥା କଥାକେ ସାହାଯ୍ୟର ପ୍ରତିଶ୍ରୁତି ଦେଉଥିବା ଲୋକଟି ଠିକଣା ସମୟରେ ସାମ୍ନାକୁ ଆସିବ ନାହିଁ। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାର ନିରାକରଣ ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ ଓ ବିଜୟଲାଭର ଆଶା ମଧ୍ୟ କରାଯାଇପାରେ । ପାରିବାରିକ, ଆନୁଷ୍ଠାନିକ, ବ୍ୟବସାୟିକ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ତୁଳା** - ବିଭିନ୍ନ ଯୋଜନାର କାମ ହାତକୁ ନେବେ ଏବଂ ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ । ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଜଣେ ଅପରିଚିତ ବ୍ୟକ୍ତି ବହୁତ ସାହାଯ୍ୟ କରିବେ, ଯାହାକି ଆପଣଙ୍କ କଳ୍ପନା ବାହାରେ ଥିବ। ପୁତ୍ରକନ୍ୟାଙ୍କ ବିବାହ ବିଷୟକୁ କେନ୍ଦ୍ରକରି ସମସ୍ୟା ଲାଗି ରହିବ।

**ବିଛା** - ବିଗତ ଦିନର ସ୍ମୃତି ରୋମନ୍ଥନ କରି ବିଚଳିତ ବୋଧ କରିବେ । ଉଚ୍ଚ ଆଶା ଧରି ଆଗେଇବା ପାଇଁ ଚେଷ୍ଟା କଲେ ମଧ୍ୟ ସଫଳତା ପାଇପାରିବେ ନାହିଁ । ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ମଧ୍ୟ ରହିଛି। ଜମିଜମା, କଳିତକରାଳ, ଗୃହସୀମା ପ୍ରଭୃତି ସମ୍ପର୍କୀୟ ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ।

**ଧନୁ** - ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ସଜାଗ ରହି କାର୍ଯ୍ୟ ହାସଲ ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଉପଯୁକ୍ତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଣ୍ଠୁଗଣ୍ଠି ବାତ, ଗ୍ୟାଷ୍ଟ୍ରିକ୍‌ଜନିତ କଷ୍ଟ ପାଇପାରନ୍ତି। ଅବହେଳା ଯୋଗୁ କାର୍ଯ୍ୟ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ।


**ମକର** - ଜଣାଶୁଣା କେହି ବ୍ୟକ୍ତି ପ୍ରତିବାଦ କରି କାମ ହାସଲରେ ବିଘ୍ନ ଘଟାଇପାରନ୍ତି। ପାରିବାରିକ ଜଞ୍ଜାଳ ବୃଦ୍ଧି ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। କାର୍ଯ୍ୟଦକ୍ଷତା ହେତୁ ନିଜ ପରିସରରେ ପ୍ରଶଂସିତ ହେବେ। ସନ୍ତାନହେତୁକ ଚିନ୍ତା ବଢ଼ିଯାଇପାରେ।

**କୁମ୍ଭ** - ଦୀର୍ଘ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ। ଶତଭିଷା ନକ୍ଷତ୍ର ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ** - ଆଜି ପାରିବାରିକ ସ୍ଥିରତା ରକ୍ଷାରେ ଅସମର୍ଥ ହେବେ। ବିବାଦୀୟ ପରିସ୍ଥିତିରେ ଲଢ଼େଇ କଲେ ବାଦୀ ଓ ପ୍ରତିବାଦୀ ଉଭୟେ କ୍ଷତିଗ୍ରସ୍ତ ହେବା ବ୍ୟତୀତ ଲାଭ ହେବନି। ସାମାଜିକ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହେଲେ ବିଶେଷ ଅସୁବିଧା ହେବନି। ବହୁତ ଦିନରୁ ମନେ ମନେ ଖୋଜୁଥିବା ଲୋକଟିର ଖବର ଆଜି ସାୟାହ୍ନେ ପାଇପାରନ୍ତି।



# classifieds Everyday
0674-2580101, 2549302




**GROOM WANTED**

ଏକାକୀ ରହୁଥିବା ଭୁବନେଶ୍ୱରସ୍ଥିତ ୬୫ ବୟସ୍କା Pension Holder ନିଃସନ୍ତାନ ବିଧବା ବ୍ରାହ୍ମଣ ଝିଅଙ୍କୁ ବରପାତ୍ର ଆବଶ୍ୟକ। 9437688033. D-023




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Plot For Sale at Chaatabar per sqft. @99/-. 9583295832, 8249017091. D-23501

**Studio and 1BHK Apartment with all furnished available at Srikhetradham, Puri. 9348332283, 9861593321.** D-017

**ପୁରୀ ହରେକୃଷ୍ଣପୁର ଛକରୁ ମଙ୍ଗଳାଘାଟ ଛକ ମଧ୍ୟରେ ମଙ୍ଗରାଜପୁର ଛକ ପାଖରେ ସ୍ଥିତିବାନ ଘରବାଡ଼ି ପ୍ଲଟ୍ ଡିସିମିଲିକୁ 3 ଲକ୍ଷ ଟଙ୍କା। ଶ୍ରୀମନ୍ଦିର, ମହୋଦଧି ଓ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର 10 ରୁ 15 ମିନିଟ୍ ସମୟ ରାସ୍ତା। ଯୋଗାଯୋଗ- 9438220432/ 9437629713.** D-23539

2BHK flat for sale 2nd Floor at Surekha Vatika Hanspal. Contact: 9040887355, 9040075409. D-024

**1.4KM from Pitapalli Chandaka bypass Bhubaneswar (loan available) developed for home sqft.- 999/- Gangapada Priyanka- 7735142073.** D-73217

Sum Hospital ଘଙ୍ଘାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71881

GA Freehold 3750sqft. & 2400sqft. for immediate sale at Bharatpur, Bhubaneswar & Resell a double storeyed building near Hotel May Fair, cost 2.70cr. 9861040268. D-71626

**Fully furnished apartment @73L, Madanpur, Bhubaneswar, Semi furnished apartment at Patrapada and commercial at LaxmiSagar @70000/- sqft. & 35L at Madanpur. 8370834658, 9439434700.** D-73223

ଭୁବନେଶ୍ୱର, ତମାଣ୍ଡୋ ବଜାର ନିକଟରେ 30ft. road, electricity, ପାଚେରି ଥାଇ ପ୍ଲଟ୍ କିଣନ୍ତୁ। 8658913284. D-73224

**Gharabari ready to construction plot sale 1.5k.m. from Patia Railway station @1300/-, gharabari plot Puri bypass 1.5k.m. Kesura Mangaraj point, Bhubaneswar- sqft.-2700/- first possesion then registration. 8249602844.** D-73221

Residential plot measuring 1250sqft. near to Samantarapur, BBSR ready for sale. 9437932367. D-73304

**Developed gharabari plot sale at Krushnasaranpur near Patia sqft.-750/-, 1250/- immediate construction. 9937746615.** D-73220

Buy or Sale Property- 8984071303. Ready 4BHK Duplex Balianta- 85lakh. Land Pahala-1500/-, Patrapada-2000/-. D-011

**ଉତ୍ତରା ଛକ ବାଲକାଟି market ନିକଟରେ developed, gharabari boundary plot କିଣନ୍ତୁ। 9937166932.** D-23509

ନଖରା, ପଞ୍ଚବଟି, ପାହାଳ, ବାଲିଅନ୍ତା, ତମାଣ୍ଡୋରେ develop ହୋଇଥିବା ପ୍ଲଟ କିଣି ଘର କରନ୍ତୁ। 9938603188. D-73218

**Ghara bhari plot for sell at Bankuala, Tankapani Road @ 1650-/- per sq feet with demarcation. Contact: 9178060228.** D-015

Luxurious 4BHK Duplex Balianta syphon. Land-1400 and Construction-2200 -75Lakh. 9938219397, 9861022055. D-010

**Independent bungalow for immediate sale main road, Jharsuguda. Contact: 9861193320.** D-23452

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71970

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

Yellowzone ୨୦୦ ଫୁଟ ରାସ୍ତାରେ sqft.300/- ଜାଗା ବିକ୍ରି ହେଉଛି। 7327055890. D-71483

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23478

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.-220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D- 014

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated gharabari, electricity plot କିଣନ୍ତୁ। 7008492511.** D-23475

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-23479

**ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856.** D-73215

**PURCHASE**

**Require Yellowzone Homestead Land on sharing basis across Bhubaneswar for Simplex/ Duplex Housing Project. 7008550473.** D-009




Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

**GENERAL**

**SALE**

Carrier window A.C. 1.5 ton domestically used in excellent running sale 12,000/- fixed. Contact: 8458080690. D-018

**PURCHASE**

**ହୋଟେଲର ପୁରୁଣା ରୋଷେଇ ପାଇଁ ଆସବାବପତ୍ର ଚେୟାର ଓ ଟେବୁଲ ଅନ୍ୟାନ୍ୟ ସାମଗ୍ରୀ ଆବଶ୍ୟକ। ଯୋଗାଯୋଗ- 9439000420.** D-70786




Residential house of 1300sqft. (each) on Groundfloor and 1st floor side of Kalinga Stadium near National Highway at Nayapalli Rs.14,000/- rent (each) for Family only. 9438106854. D-71883

Three Rooms, Dining, Kitchen, Veranda, near GGP Colony, Pandara road. 8249484647. D-003

**2BHK well located modern flat available for rent Rs.- 15000/- (negotiable) with conditions on GGP Pandra road in Avantika Apartment near Gokul Residency. Contact: 8984692488 during Office hour.** D-71627

Commercial space of 1000sqft. for Showroom on Ground Floor, Office space of 2000sqft. on Second floor at Ashok Nagar near Janpath, BBSR for rent. 9438106854. D-71882




Refreshing your mind and body with the best therapy, 7873794731. D-23292

Mesmerizing, energetic body, mind qualitative relaxing massage experienced therapists. 9668374480. D-71972

Newly open SPA positively health benifit with expert. Contact: 7749976301. D-71973

Newly open full body massage ladies and gents. 8327740003. D-71884

Newly opening SPA positively health benefits with expert therapist. 8917332216. D-71971

**Relax, Refresh your body, Mind at Saikrupa Spa with best therapies. 8984068077.** D-23511

Newly open SPA positively health benefits by expert therapist. 8455987557. D-71484

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

## ■ ଆର୍‌ଏମ୍‌ସି ସମ୍ପାଦକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ସୁନ୍ଦରଗଡ଼, ୨।୪ (ଡି.ଏନ୍.ଏ.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଶନିବାର ସୁନ୍ଦରଗଡ଼ ସର୍ଗିପାଲି ଆର୍‌ଏମ୍‌ସି (ନିୟନ୍ତ୍ରିତ ବଜାର କମିଟି) ସମ୍ପାଦକ ତଥା ସମବାୟ ବିଭାଗର ଇନ୍ସପେକ୍ଟର ବନମାଳୀ ନାଏକଙ୍କ ଘରେ ଚଢାଉ କରାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ୫ଟି ସ୍ୱତନ୍ତ୍ର ଟିମ୍ ୫ଟି ସ୍ଥାନରେ ଚଢାଉ କରିଥିଲା। ଚଢ଼ାଉ ବେଳେ ଭିଜିଲାନ୍ସ ବିଭାଗ ନାଏକଙ୍କର ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ ବେଳେ ସୁନ୍ଦରଗଡ଼ ସହରର କେନ୍ଦୁପଡାଠାରେ ୩ମହଲା ବିଶିଷ୍ଟ ୨ଟି କୋଠା, ଡେଙ୍ଗିବାଡିଠାରେ ୨ମହଲା କୋଠା ଠାବ କରିଛି। କେନ୍ଦୁପଡ଼ାରେ ଥିବା ପ୍ଲଟ ନଂ. ୭୩୮/୪୦୫୫ ରେ ୬୬୦୦ ବର୍ଗଫୁଟ ସ୍ଥାନରେ ଥିବା ଏହି ୩ମହଲା କୋଠାର ଆନୁମାନିକ ମୂଲ୍ୟ ୧କୋଟି ୧୧ଲକ୍ଷ ଟଙ୍କା ଆକଳନ ହୋଇଥିବାବେଳେ ଅନ୍ୟ ୩ମହଲା କୋଠାଟି ୪ହଜାର ବର୍ଗଫୁଟରେ ନିର୍ମିତ ଓ ଆନୁମାନିକ ମୂଲ୍ୟ ୪୭ଲକ୍ଷ ୭୦ହଜାର ଟଙ୍କା। ସବ୍‌ଡେଗା ବ୍ଲକ କୁକୁରିଡିହିସ୍ଥିତ ପୈତୃକ ଗ୍ରାମରେ ୧୫ଲକ୍ଷ ଟଙ୍କା ମୂଲ୍ୟ ଘର, ବିଭିନ୍ନ ବ୍ୟାଙ୍କ ଓ ବୀମାରେ ଆନୁମାନିକ ୬୨ଲକ୍ଷ ୨୭ ହଜାର ଟଙ୍କା ଜମା ଥିବାବେଳେ ଆନୁମାନିକ ୨୧୭ ଗ୍ରାମ ଓଜନର ସୁନା, ୬୮୨ ଗ୍ରାମ ଓଜନର ରୁପା ଅଳଙ୍କାର ମଧ୍ୟ ଠାବ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ୪୫ହଜାର ଟଙ୍କା ଆକଳନ ହୋଇଛି। ଏତଦ୍ ବ୍ୟତୀତ ସୁନ୍ଦରଗଡ଼ ସହର ଏବଂ ଲେଫ୍ରିପଡା ବ୍ଲକ ଦର୍ଲିପାଲିରେ ୪ଟି ଜମି ପ୍ଲଟ ରହିଛି। ଏହା ସହିତ ୨ଟି ୨ଚକିଆ ଯାନ ଏବଂ ୧୪ଲକ୍ଷ ଟଙ୍କା ମୂଲ୍ୟର ଘରକରଣା ସାମଗ୍ରୀ ଥିବା ଭିଜିଲାନ୍ସ ବିଭାଗ ଯାଞ୍ଚ ବେଳେ ଜଣାଯାଇଛି। ଏଥିସହ ନଗଦ ୨ଲକ୍ଷ ୯୮ହଜାର ଟଙ୍କା ଠାବ ହୋଇଛି। ତଦନ୍ତ ଜାରି ରହିଥିବାରୁ ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ। ତଦନ୍ତ ପରେ ଜଣାପଡିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଉରକେଲା ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏହି ଚଢାଉରେ ଡିଏସ୍‌ପି ବି.କେ. ନାଏକଙ୍କ ନେତୃତ୍ୱରେ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ଡିଏସ୍‌ପି ପି.କେ. ଆଇନ୍ଦ, ଡିଏସ୍‌ପି ଏ.ପ୍ରଧାନଙ୍କ ନେତୃତ୍ୱରେ ୫ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର, ୪ଜଣ ଏଏସଆଇ ଓ ଅନ୍ୟ କର୍ମଚାରୀମାନଙ୍କୁ ନେଇ ଏହି ଚଢାଉ ଜାରି ରହିଛି।

ପ୍ରଥମ ପୃଷ୍ଠାରୁ...

## ଅନୁପ ସାଏଙ୍କୁ ...

ହତ୍ୟାକାଣ୍ଡରେ ବ୍ୟବହୃତ ସାଏଙ୍କ ଇନୋଭା ଗାଡ଼ିକୁ ପୋଲିସ ଜବତ କରିଥିଲା। ମାମଲାକୁ କୋର୍ଟରେ ପ୍ରମାଣ କରିବା ପାଇଁ ପୋଲିସ ସାକ୍ଷ୍ୟପ୍ରମାଣ ଯୋଗାଡ଼ରେ ଲାଗିପଡ଼ିଥିଲା। ପୋଲିସ ସମୁଦାୟ ୭୦ଜଣଙ୍କ ସାକ୍ଷ୍ୟପ୍ରମାଣ କୋର୍ଟରେ ଦାଖଲ କରିଥିଲା। ଉଭୟ ଅଭିଯୁକ୍ତ ଜେଲ୍‌ରେ ଥିବାବେଳେ ମାମଲା କୋର୍ଟରେ ବିଚାରାଧୀନ ରହିଥିଲା। ଏଭଳି ସ୍ଥିତିରେ ୨ମାସ ତଳେ ଅନ୍ୟତମ ଅଭିଯୁକ୍ତ ଡ୍ରାଇଭର ଟପ୍ପୋ ସର୍ତ୍ତମୂଳକ ଜାମିନରେ ଜେଲ୍‌ରୁ ମୁକୁଳିଥିଲେ। ମୁଖ୍ୟ ଅଭିଯୁକ୍ତ ସାଏ ଜେଲ୍‌ରେ ରହିଥିଲେ।

## ସଂକ୍ଷେପରେ

### ନୂତନ ରଥ ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ

କୋଷାଗୁମୁଡ଼ା, ୨।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ନୂତନ ଭାବେ ରଥ ନିର୍ମାଣ ହେବା ନେଇ ବୈଠକରେ ଆଲୋଚନା କରାଯାଇଛି। ରଥକାଠ ସଂଗ୍ରହ ପାଇଁ ଏକ କମିଟି ଗଠନ କରାଯାଇଛି। ସେହି କମିଟିର ସଦସ୍ୟମାନେ ରଥ କାଠ ସଂଗ୍ରହ କରିବାରେ ସାହାଯ୍ୟ କରିବେ। ସ୍ଥାନୀୟ ବଡ଼େଇମାନଙ୍କ ସହ ରଥ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ମନ୍ଦିର ସଭାପତି ଯୋଗେନ୍ଦ୍ର କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସତ୍ୟନାରାୟଣ ଚୌଧୁରୀ, କୋଷାଧ୍ୟକ୍ଷ ଦିଲ୍ଲୁ ଜଗଦେବ ଓ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ନବବର୍ଷ ପାଳିତ

କୋଡିଙ୍ଗା, ୨।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ପ୍ରଥମେ ଭାରତମାତାଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ସଙ୍ଗୀତ ପରିବେଷଣ କରଯାଇଥିଲା। କୋଡିଙ୍ଗା ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନା ମୁଖ୍ୟବକ୍ତାଭାବେ ଯୋଗ ଦେଇ ଏହି ଦିନର ମହତ୍ତ୍ୱ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପଟ୍ଟନାୟକ, ଚୈତନ ବିଶୋଇ, ନିରଞ୍ଜନ ବିଶୋଇ, ତ୍ରିପତି ପଟ୍ଟନାୟକ, ବିନୋଦ ମେହେଟା ଓ ଅନ୍ୟ ସଂଘ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶହୀଦ ପ୍ରମୋଦ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି




ପାପଡାହାଣ୍ଡି, ୨।୪(ଡି.ଏନ୍.ଏ.)- ୧୩ ଓଡିଶା ଆଇଏନ୍ଏଫ୍ ସମର ଶିକ୍ଷାର୍ଥୀ ବାହିନୀ ନବରଙ୍ଗପୁର ପକ୍ଷରୁ ଶନିବାର ପାପଡାହାଣ୍ଡି ବ୍ଲକ ଘାଟଗୁଡାରେ ଶହୀଦ ପ୍ରମୋଦ ଚନ୍ଦ୍ର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ସୋମନାଥ ବିଷୋୟୀ ଅତିଥିଭାବେ ଉପସ୍ଥିତ ଥିଲେ। ୧୯ ଜୁନ୍ ୧୯୮୧ରେ ପ୍ରମୋଦ ଘାଟିଗୁଡ଼ା ଗ୍ରାମରେ ଜନ୍ମ ନେଇଥିଲେ। ୨୦୦୨ରେ ଆସାମ ରାଇଫଲରେ ଯୋଗଦେଇଥିଲେ। ସେ ଜଣେ ନିଷ୍ଠାବାନ ସୈନିକ ଭାବେ କାର୍ଯ୍ୟରତ ଥିଲେ। ୩୧ ଡିସେମ୍ବର୨୦୧୦ରେ ଷଓ ଶତ୍ରୁଙ୍କ ଗୁଳିରେ ଶହୀଦ ହୋଇଯାଇଥିଲେ। ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପ୍ରମୋଦଙ୍କ ସ୍ତ୍ରୀ, ଝିଅ ସୁନିତା ନାୟକଙ୍କୁ ଏନ୍ସିସି ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଛି। ଶମର ଶିକ୍ଷାର୍ଥୀ ବାହିନୀର ଉଚ୍ଚ କର୍ମଚାରୀ ତଥା କମାଣ୍ଡିଙ୍ଗ ଅଫିସର ଜଗନ୍ନାଥ ନିଶଙ୍କ, ସୁବେଦାର ମେଜର ଦିନେଶ କୁମାର, ସୁବେଦାର ପିତେର ମିଞ୍ଜ, ହାବିଲଦାର ପଦମନ ମାଝି,କୁଳମଣି ମାଝି,ଧର୍ମେନ୍ଦ୍ର କୁମାର ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଭାରସାମ୍ୟ ହରାଇ ଓଲଟିପଡିଲା ବାଇକ୍, ଚାଳକ ଗୁରୁତର

ଚନ୍ଦାହାଣ୍ଡି,୨।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ଝରାବାହାଲ ଛକ ନିକଟରେ ବାଇକ ଦୁର୍ଘଟଣା ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଥିବା ଭାଟିପଡା ଗ୍ରାମର କପୁରଚାନ୍ଦ ନାୟକଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, କପୁରଚାନ୍ଦ ନିଜ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ସନ୍ଧ୍ୟାରେ ଝରାବାହାଲ ଛକରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ଏଥିରେ ତାଙ୍କ ମୁଣ୍ଡ ଓ ଡାହାଣ କାନ୍ଧରେ ଗଭୀର ଆଘାତ ଲାଗିଥିଲା। ସେ ଆହତ ହୋଇ ରାସ୍ତାକଡରେ ପଡିରହିଥିଲେ। ଚନ୍ଦାହାଣ୍ଡି ଅଗ୍ନିଶମ କର୍ମଚାରୀ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା କରିବା ପରେ କପୁରଚାନ୍ଦଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ସନ୍ଦିପ ଶତପଥୀ କହିଛନ୍ତି।

# ନଦୀପାଣିରେ ମେଣ୍ଟୁଛି ଶୋଷ

ଦଶମନ୍ତପୁର,୨।୪(ଡି.ଏନ୍.ଏ.)

ଦିନକୁ ଦିନ ଖରାର ପ୍ରକୋପ ଯେତିକି ବଢୁଛି, ପାନୀୟ ଜଳର ଅଭାବ ମଧ୍ୟ ସେତିକି ବଢ଼ିଚାଲିଛି। କୂଅ, ନଳକୂଅରୁ ମଧ୍ୟ ଶୁଖିଗଲାଣି ପାଣି। ପାଣି ପାଇଁ ଏବେ ଗ୍ରାମାଞ୍ଚଳରେ ଲୋକେ ସମସ୍ୟାରେ ଦିନ କାଟୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ପଞ୍ଚାୟତର ମାଳିତଳା ଗ୍ରାମରେ। ଏହି ଗ୍ରାମରେ ରହନ୍ତି ୧୫୦ ପରିବାର। ଜନସଂଖ୍ୟା ରହିଛି ୪୫୦। ଗ୍ରାମବାସୀଙ୍କ ପାଇଁ ରହିଛି ୨ଟି ନଳକୂଅ ଓ ଗୋଟିଏ କୂପ। ମାତ୍ର ଏହି ଉତ୍ସରୁ ଠିକ୍ ରୂପେ ଗ୍ରାମବାସୀଙ୍କୁ ପାନୀୟ ଜଳ ମିଳୁନାହିଁ। ନଳକୂପ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କଲେ ହାଣ୍ଡିଏ ପାଣି ମିଳୁଛି। ବିଭିନ୍ନ ସମୟରେ ପାଣି ପାଇଁ ମହିଳାମାନଙ୍କ ମଧ୍ୟରେ କଳିଗୋଳ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି ବୋଲି କହନ୍ତି ଗ୍ରାମର ମନି ମାଳି, ମହେଶ୍ୱର ମାଳି, ପୂର୍ଣ୍ଣିମା ମାଳି, ପିଓମ ମାଳି। ନଳକୂଅରେ ପାଣି ଆସୁ ନ ଥିବାରୁ ଗ୍ରାମ ନିକଟସ୍ଥ ଡଙ୍ଗାନାଳର ଦୂଷିତ ପାଣି ସଂଗ୍ରହକରି ବ୍ୟବହାର କରୁଛନ୍ତି ବୋଲି କହନ୍ତି ସେମାନେ। ଏନେଇ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ପଲ୍ଲିସଭା ଓ ଗ୍ରାମସଭାରେ ନଳକୂଅ ପାଇଁ ପ୍ରସ୍ତାବ ଗୃହୀତ ହୋଇ କାର୍ଯ୍ୟକାରୀ ହେଉନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।


ପାଣି ନେବାକୁ କୂଅ ପାଖରେ ଗ୍ରାମବାସୀଙ୍କ ଭିଡ଼।

- ୧୫୦ ପରିବାରକୁ ୨ ନଳକୂଅ
- ପାଣି ପାଇଁ ତହଲବିକଳ ଗ୍ରାମବାସୀ
- କାର୍ଯ୍ୟକାରୀ ହେଉନି ପଲ୍ଲିସଭା, ଗ୍ରାମସଭା ପ୍ରସ୍ତାବ

ତୁରନ୍ତ ନଳକୂଅ ମରାମତି କରି କୂଅର ପୁନରୁଦ୍ଧାର ନ କଲେ ଆଗାମୀ ଦିନରେ ହାଣ୍ଡି ଗରା ଧରି ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ମିଶନର କନିଷ୍ଠ ଯନ୍ତ୍ରୀ ସଞ୍ଜିତ କୁମାର ଅଲିଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଗ୍ରାମର ନଳକୂଅ ମରାମତି କରାଯିବ ବୋଲି କହିଛନ୍ତି।

### ହିନ୍ଦୁ ନବବର୍ଷ ପାଳିତ

ଅମ୍ବାଦଳା,୨।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳାଠାରେ ହିନ୍ଦୁ ନବବର୍ଷ ଶନିବାର ପାଳିତ ହୋଇଯାଇଛି। ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ଭଗବାନ ବ୍ରହ୍ମା ସୃଷ୍ଟିର ରଚନା କରିଥିବା ଏବଂ ସଂସାରରେ ସୂର୍ଯ୍ୟ ପ୍ରଥମ ଥର ଉଦୟ ହୋଇଥିବା ହିନ୍ଦୁମାନେ ବିଶ୍ୱାସ କରନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଦୀପକ ସାହୁ ଯୋଗଦେଇ କହିଛନ୍ତି, ବିଶ୍ୱରେ ଭାରତୀୟ ସଂସ୍କୃତି ଓ ପରମ୍ପରା ଏକ ବିଶେଷ ମହତ୍ତ୍ୱ ରଖେ। ହିନ୍ଦୁ ପଞ୍ଜିକା ଅନୁଯାୟୀ ଏହି ଦିନଠାରୁ ହିଁ ହିନ୍ଦୁ ମାନଙ୍କର ନୂତନ ବର୍ଷ ଆରମ୍ଭ ହୋଇଥାଏ। ଅନ୍ୟମାନଙ୍କ ମଧ୍ୟରେ ସରୋଜ ପଟ୍ଟନାୟକ, ବଟକୃଷ୍ଣ ପୃଷ୍ଟି, ଜଗନ୍ନାଥ ପ୍ରସାଦ, ସତ୍ୟବାନ ଛତର, ସନ୍ତୋଷ ନାହାକ, ମାଣିକ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ଗୁଣପୁର,୨।୪(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଗାଦିଆଖଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ ରଥଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏକ ସଭା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ୧୯୮୦ ମସିହାରୁ ନବୀନ ନିଜର ଶିକ୍ଷକତା ଜୀବନ ଆରମ୍ଭ କରି ଶେଷରେ ପ୍ରଧାନ ଶିକ୍ଷକଭାବେ ଅବସର ନେଇଛନ୍ତି। ଏଥିସହ ସେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟରେ ମଧ୍ୟ ନିୟୋଜିତ ରହିଛନ୍ତି। ତାଙ୍କ ଭଳି ଜଣେ ଆଦର୍ଶ ଶିକ୍ଷକଙ୍କ ଅବସର ସ୍କୁଲ ପାଇଁ ଅପୁରଣୀୟ କ୍ଷତି ବୋଲି ଅତିଥିମାନେ କହିବା ସହ ତାଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରାଯାଇଛି। ସିଆର୍ସିସି ଶିବ ପ୍ରସାଦ ବାଉରୀ, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମିଶ୍ର, ସ୍କୁଲ କମିଟିର ସଭାପତି ଜଗଦୀଶ ପଣ୍ଡା, ରାମ କିଙ୍କର ପାଠୀ, ଦୂର୍ଗା ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଗୁଣପୁର କଲେଜରେ କାର୍ଯ୍ୟରତ ହିସାବରକ୍ଷକ ରବି ନାରାୟଣ ଶତପଥୀ ଅବସର ନେଇଛନ୍ତି ଏ ନେଇ କଲେଜ ପରିସରରେ ଅଧକ୍ଷ ବାମଦେବ ମିଶ୍ରଙ୍କ ଅଧକ୍ଷତାରେ ଏକ କାର୍ଯ୍ୟକ୍ରମରେ ରବି ନାରାୟଣଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।

## ପ୍ରାକୃତିକ ବିପର୍ଯ୍ୟୟବେଳେ ନିଜେ ବଞ୍ଚି ଅନ୍ୟକୁ ରକ୍ଷା କରିବା ପ୍ରଶିକ୍ଷଣ

ଡାବୁଗାଁ, ୨।୪ (ଡି.ଏନ୍.ଏ.)

ଜିଲା ଅନୁସୂଚିତ ଜାତି ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଏବଂ ତା'ର ଠିକ୍ ପ୍ରତିକାର ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି। ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ଯଥା ଅଂଶୁଘାତ, ବନ୍ୟା, ବାତ୍ୟା, ଅଗ୍ନିଜନିତ ଦୁର୍ଘଟଣାବେଳେ ନିଜେ ବଞ୍ଚି ଯେପରି ଅନ୍ୟକୁ ବଞ୍ଚାଇବା ସେ ବିଷୟରେ ଜରୁରିକାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଭାରପ୍ରାପ୍ତ ଅଧକ୍ଷା କିରଣମାଳା ତିର୍କୀ, ସୁକାନ୍ତ ସରକାର, ସନାତନ ଭୋଇ, ସୌମିତ୍ର ଚକ୍ରବର୍ତ୍ତୀ, ନଟବର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଛାତ୍ରୀମାନେ।

## ଲାଖ ଶିଳ୍ପର ଉନ୍ନତି ପାଇଁ ୧୫ କାରିଗରଙ୍କୁ ନିପୁଣ ଶିଳ୍ପୀ ତାଲିମ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର,୨।୪ (ବି.ପ୍ର.)

ରାଜ୍ୟ ହସ୍ତତନ୍ତ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୬ମାସିଆ ନିପୁଣ ଲାଖ ହସ୍ତଶିଳ୍ପ ତାଲିମ ଶିବିର ନବରଙ୍ଗପୁର ଶଙ୍ଖାରିସାହିରେ ଉଦ୍‌ଘାଟିତ ହୋଇଛି। ଜିଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ଆୟୋଜିତ ଏହି ତାଲିମ ଶିବିରରେ ପ୍ରଭାତି ପାତ୍ର ୧୫ଜଣ କାରିଗରଙ୍କୁ ତାଲିମ ଦେବେ। ଜିଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ଏଲ୍.ଏସ୍. ଧାରୁଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଡିଓ ସୁକାନ୍ତ ପଟ୍ଟନାୟକ, ମୁଖ୍ୟବକ୍ତାଭାବେ ଜିଲା କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମାସୀ ମହାପାତ୍ର, ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ପୌରପାଳିକା ୱାର୍ଡ ନଂ. ୧୧ କାଉନ୍‌ସିଲର ପୁନମ ସାହୁ ,ହସ୍ତଶିଳ୍ପ ବିଭାଗ ଅଧିକାରୀ ସଚିନ ପଟେଲ, ଗୌରବ ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ (ଓଏସ୍‌ଡି) ସୁବାସ ଚନ୍ଦ୍ର ମିଶ୍ର ପରିଚାଳନା କରିଥିବାବେଳେ କାଳୀଚରଣ ପାତ୍ର ସହଯୋଗ କରିଥିଲେ। ଲାଖ ଶିଳ୍ପର ଉନ୍ନତି, ଏହାର ବଜାର ସୃଷ୍ଟି ଦିଗରେ କାର୍ଯ୍ୟ କରିବା ସମ୍ପର୍କରେ ଆଲୋଚନା ହୋଇଛି।

## ଭର୍ଚୁଆଲ କୋର୍ଟ, ସୁରକ୍ଷିତ ସାକ୍ଷ୍ୟ ଗ୍ରହଣ କେନ୍ଦ୍ର ଉଦ୍‌ଘାଟିତ

ନବରଙ୍ଗପୁର,୨।୪ (ବି.ପ୍ର.)

ସୁପ୍ରିମକୋର୍ଟ ବିଚାରପତି ତଥା ଇ–କମିଟି ଅଧକ୍ଷ ଡି. ୱାଇ. ଚନ୍ଦ୍ରଚୂଡ଼ ଆଭାସୀ ମାଧ୍ୟମରେ ଶନିବାର ନବରଙ୍ଗପୁର ଜିଲା କୋର୍ଟ ପରିସରରେ ଭର୍ଚୁଆଲ କୋର୍ଟ ରୁମ୍ ଏବଂ ସୁରକ୍ଷିତ ସାକ୍ଷ୍ୟ ଗ୍ରହଣ କେନ୍ଦ୍ର, ସାକ୍ଷୀ ପ୍ରତୀକ୍ଷା ଗୃହର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରରେ ପ୍ରତିପକ୍ଷଙ୍କଠାରୁ ଭୟ କିମ୍ବା ଧମକ ପାଉଥିବା ସାକ୍ଷୀମାନେ ନିର୍ଭୟରେ ସାକ୍ଷ୍ୟ ପ୍ରଦାନ କରିପାରିବେ। ଏହାଦ୍ୱାରା ମାମଲାର ଅବାଧ ବିଚାରଣା ହେବା ସଙ୍ଗେ ସଙ୍ଗେ ଜନ ସାଧାରଣ ଉଚିତ ନ୍ୟାୟ ପାଇପାରିବେ ବୋଲି ଜଜ୍ ଚନ୍ଦ୍ରଚୂଡ଼ କହିଛନ୍ତି। ପ୍ରାରମ୍ଭରେ ହାଇକୋର୍ଟ ବିଚାରପତି ବିଶ୍ୱଜିତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସୁପ୍ରିମକୋର୍ଟ ଇ–କମିଟି ଉପାଧକ୍ଷ ଆର୍.ସି.ଚଭନ, ସୁରକ୍ଷିତ ସାକ୍ଷ୍ୟ ଗ୍ରହଣ କେନ୍ଦ୍ର ଅଧକ୍ଷା ଗୀତା ମିତ୍ତଲ, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲିଧର ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ହାଇକୋର୍ଟ ଜଜ୍ ତଥା ସୁରକ୍ଷିତ ସାକ୍ଷ୍ୟ ଗ୍ରହଣ କେନ୍ଦ୍ର ସଦସ୍ୟ ବିଭୁ ପ୍ରସାଦ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। କଟକ ଜୁଡିସିଆଲ ଏକାଡେମୀରେ ହୋଇଥିବା ଏହି ଉଦ୍‌ଘାଟନୀ ସମାରୋହରେ ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲା ଓ ଦୌରା ଜଜ୍ ସଞ୍ଜୀବ ଦୁବେ, ଅତିରିକ୍ତ ଜିଲା ଜଜ୍ ପ୍ରଣତି ସାହା, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ସୁଦାମ ଚରଣ ଦାସ, ରେଜିଷ୍ଟ୍ରାର ଅପର୍ଣ୍ଣା ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ଅନ୍ନପୂର୍ଣ୍ଣା ନାୟକ, ଏସ୍‌ଡିଜେଏମ୍ ପ୍ରିୟରଞ୍ଜନ ଓଝା, ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମପ୍ରସାଦ ପାତ୍ର, ଉପସଭାପତି ବିଧୁଶେଖର ତ୍ରିପାଠୀ, ସରକାରୀ ଆଇନଜୀବୀ ସଚ୍ଚିଦାନନ୍ଦ ସ୍ୱାଇଁ, ଆଇନଜୀବୀ ସୁରଜ କୁମାର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ପିଇଓଙ୍କ ବଦଳି ଦାବିରେ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ସେମିଳିଗୁଡା,୨।୪ (ସ୍ୱ.ପ୍ର.)

ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଏନ.ଗୋବିନ୍ଦ ରାଓଙ୍କ ମନୋମୁଖୀ କାର୍ଯ୍ୟର ପ୍ରତିବାଦ କରି ତାଙ୍କ ବଦଳି ଦାବିରେ ଗୁଣ୍ଡାପୁଟ ପଞ୍ଚାୟତବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ସରକାରଙ୍କ କୌଣସି ଯୋଜନାରୁ ସୁଫଳ ପାଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ପଞ୍ଚାୟତରେ କୌଣସି କାର୍ଯ୍ୟ ସରକାରୀ ନିୟମ ଅନୁସାରେ କରାଯାଉନାହିଁ। ସେ ପଞ୍ଚାୟତଠାରୁ ଦୂରରେ ରହି କାର୍ଯ୍ୟରେ ଅବହେଳା କରୁଛନ୍ତି। ଏପରିକି ପଞ୍ଚାୟତ କାର୍ଯ୍ୟାଳୟ ମାସକୁ ୨ ଥର ଖୋଲା ରହୁଛି। ଫଳରେ ଆବଶ୍ୟକ ସମୟରେ ପଞ୍ଚାୟତର ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଭତ୍ତାଧାରୀଙ୍କୁ ଠିକ ସମୟରେ ସେବା ମିଳିପାରୁନାହିଁ। ଏପରିକି ପିଇଓ ଭତ୍ତା ବଣ୍ଟନ ସମୟରେ ନିଜେ ଉପସ୍ଥିତ ନ ରହି ଅନ୍ୟମାନଙ୍କ ଦ୍ୱାରା ଭତ୍ତା ବାଣ୍ଟୁଥିବା ଦେଖିବାକୁ ମିଳୁଛି। ତୁରନ୍ତ ପିଇଇ ରାଓଙ୍କୁ ବଦଳି କରି ନୂତନ ପିଇଓ ନିଯୁକ୍ତି କରିବାକୁ ପଞ୍ଚାୟତବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦିନେଶ ଖରା, ଜୟଦାସ ଖରା, ପୂର୍ବ ବଡନାୟକ, ପୂର୍ବ ଜିରା, ଗୋବିନ୍ଦ ନାୟକ, ବଡ଼ କିରା, ଦାମି ପାଙ୍ଗି, ଜମୁ ପାଙ୍ଗି, ସୋନୁ ବରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ତୀର ଚାଳନା ଖେଳାଳିଙ୍କୁ ମିଳିବ ପ୍ରଶିକ୍ଷଣ

ଉମରକୋଟ, ୨।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଜିଲା ବଲ୍ ବ୍ୟାଡମିଣ୍ଟନ୍ ସଂଘ ପକ୍ଷରୁ ତୀର ଚାଳନା, କ୍ରୀଡା ଉପକରଣ ଉଦ୍‌ଘାଟନ କରାଯାଇଛି। ଜିଲାରେ ପ୍ରଥମ ଥର ଏହି ଖେଳକୁ ଲୋକଙ୍କ ପାଇଁ ପରିଚିତ କରାଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ରୁପା ଡିଜିଟାଲ ପ୍ରେସ ପକ୍ଷରୁ ତିର ଚାଳନାର ଦୁଇଟି ଉପକରଣ ବଲ ବ୍ୟାଡ୍‌ମିଣ୍ଟନ ସଂଘକୁ ଦିଆଯାଇଛି। ଆଗକୁ ତୀର ଚାଳନା ପ୍ରଶିକ୍ଷକଙ୍କୁ ଆଣି ପିଲାଙ୍କୁ ତାଲିମ ଦିଆଯିବ ବୋଲି ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି। ପିଲାମାନେ ପ୍ରଶିକ୍ଷଣ ପାଇବା ପରେ ଏହି କ୍ରୀଡା ମାଧ୍ୟମରେ ଉମରକୋଟର ଟେକ ରଖିବେ ବୋଲି ଅତିଥିମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଉମରକୋଟ ପୌରଧକ୍ଷ ରାଧା ଭତ୍ରା, ଉମରକୋଟ ବିଡ଼ିଓ ହିମାଞ୍ଚଳ ମାଝି, ମୁନା ପାଢ଼ି, ଜିଲା ଇନଡୋର କ୍ରୀଡା ସମ୍ପାଦକ ସମ୍ପାଦକ କୃଷ୍ଣ ପ୍ରସାଦ ପଟନାୟକ,କୈଳାଶ ନାୟକ,ଖେଳ ପ୍ରଶିକ୍ଷକ ସପନ ବୈରାଗୀ, ଏମ୍. ବିଜୟ କୁମାର, ସଲିମ ରାଠୋର,ପଙ୍କଜ ଗୋଲଦାରଙ୍କ ସମେତ ଅନେକ ଖେଳାଳି ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଚଚରାଗୁଡ଼ାକୁ ହରାଇ କନ୍ଧମାଳ ଚାମ୍ପିୟନ

ଡାବୁଗାଁ, ୨।୪ (ଡି.ଏନ୍.ଏ.)

**ମାଁ ବନ୍ଧ ଗୋସାୟନୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡା ପଞ୍ଚାୟତ ଅଧୀନ କୁମୁଝରିଆଗୁଡା ଗ୍ରାମରେ ମାଁ ବନ୍ଧ ଗୋସାୟନୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଚଚରାଗୁଡ଼ାକୁ ହରାଇ କନ୍ଧମାଳ ଦଳ ଚାମ୍ପିୟନ ହୋଇଛି। କନ୍ଧମାଳ ଦଳ ଟସ ଜିତି ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୧୪୩ ରନ ସଂଗ୍ରହ କରିଥିଲା। ଚଚରାଗୁଡା ଦଳ ୧୪୩ ରନର ପିଛା କରି ନିର୍ଦ୍ଧାରିତ ୧୨ ଓଭରରେ ୫୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫାଇନାଲ ମ୍ୟାଚ ଜିତି କନ୍ଧମାଳ ଦଳ ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇ ବିଜୟୀ ଦଳକୁ ୧୨ ହଜାର ଟଙ୍କା ସହ ଟ୍ରଫିପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିବା ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝି ପରାଜିତ ଦଳକୁ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ଚଚରାଗୁଡା ସରପଞ୍ଚ ରଞ୍ଜୁ ଭତ୍ରା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଟୁର୍ନାମେଣ୍ଟ କମିଟି ସଭାପତି ଅଭି ମାଝି, ସପନ ମାଝି, ଭକ୍ତ ଦିଆରି, ହେମନ୍ତ ଦିଆରି, ହେମନ୍ତ ଦିଆରି, ରାଜମନ ମାଝି, ପଦଲାମ ପୂଜାରୀ, ପ୍ରହଲାଦ ଭତରା ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

**ଅର୍ଥାରିଟିସ୍ ବିଷୟରେ ଜାଣନ୍ତୁ**

ତାରିଖ ଓ ସମୟ: ୦୩.୦୪.୨୦୨୨,
ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୨.୩୦ ଘଟିକା
ସ୍ଥାନ: ଜନଶକ୍ତି ହେଲ୍‌ଥ କେୟାର, ବ୍ରଜ ନଗର ଛକ, ଲୋଚାପୋଡ଼ା ମୁଖ୍ୟ ରାସ୍ତା, ରେଡ଼ିଓ ଷ୍ଟେସନ ପାଖରେ, ବ୍ରହ୍ମପୁର - ୭୬୦୦୦୨

ମାଗଣା ପଞ୍ଜୀକରଣ ପାଇଁ ରୋଗୀର ନାମ, ବୟସ ସହ ଦୟାକରି କଲ୍ କିମ୍ବା Whatsapp କରନ୍ତୁ
9703701515 / 8985730417

ଡ. ରବିଚନ୍ଦ୍ର ଭାଟିପାଲ୍ଲୀ,
ଡିଏନ୍‌ବି (ଅର୍ଥୋ), ଅର୍ଥୋପେଡ଼ିକ ସର୍ଜନ,
ଆପୋଲୋ ହସପିଟାଲ, ବିଶାଖାପାଟଣା

**CLASSIFIED DISPLAY**
ALL EDITION - B/W (Everyday)
MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ସରକାରୀ ସୁବିଧାର ଉଠାନ୍ତୁ ଲାଭ**
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

OCPL Odisha Coal and Power Limited

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur
Bhubaneswar – 751023, Odisha
Ph No: 0674-2300654 / 0674-2300664

**NOTICE FOR COAL SALE THROUGH E-AUCTION**

Ref : EA/1/22 Dt. 03/04/2022

Odisha Coal and Power Ltd(OCPL) a State PSU of Odisha is operating Manoharpur Coal Mine in Hemgir Block of Sundargarh District in Odisha. OCPL intends to place its surplus coal for commercial sale, in accordance with amended Mineral Concession Rule and MMDR Act. Declared grade of the Mine is G-14. Approx. 3Lakh (Three Lakh) tons of Coal will be sold through E-auction via MSTC auction portal,on 12 April 2022:

(https://www.mstcecommerce.com/auctionhome/ocpl/index.jsp)

Interested Agencies/ Industries are invited to register themselves on MSTCwebsite as a buyer on or before 08 April 2022. For any assistance the following officials of MSTC may be contacted :

Mr. Mahesh Ramavath, Dy. Manager & Mr.TDMV Satya Sai, Branch Manager

Mail id : rmahesh@mstcindia.co.in, tsatyasai@mstcindia.co.in

Mobile no. : +91-8801281004, 0674-2544199/2950091

Sd./- General Manager (C & CA)

ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। –ଶ୍ରୀମା

# ନିର୍ଯାତନା ଲାଗିରହିବ



ଆକାର ପଟେଲ

ଶନିବାର ପୁଣି ତେଲ ଦର ବଢ଼ିଲା। ୧୨ ଦିନ ମଧ୍ୟରେ ୧୦ ଥର ବଢ଼ିଲାଣି। କିନ୍ତୁ ଗଣମାଧ୍ୟମରେ ଏହା ଅଧିକ ବିତର୍କର ବିଷୟ ହୋଇନାହିଁ। ବିରୋଧୀ ମୁଦ୍ରାସ୍ଫୀତି ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଛନ୍ତି। ବେରୋଜଗାରୀ ସହ ମୁଦ୍ରାସ୍ଫୀତି ଭାରତୀୟମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ବହୁ ସର୍ଭେ ଜୋର୍ ଦେଇ କହିଛନ୍ତି। କିନ୍ତୁ କେତେକ କାରଣ ପାଇଁ ବର୍ତ୍ତମାନ ଏହାର କୌଣସି ଗ୍ରହଣୀୟତା ନାହିଁ କି ଲୋକେ ଏହା ଉପରେ ସ୍ୱର ଉଠାଉ ନାହାନ୍ତି। ଗତ ସପ୍ତାହରେ କର୍ନାଟକରେ କଂଗ୍ରେସ କହିଥିଲା ଯେ, ଜନ ସମ୍ବନ୍ଧିତ ପ୍ରସଙ୍ଗଗୁଡ଼ିକୁ ସାମ୍ପ୍ରଦାୟିକ ତତ୍ତ୍ୱଗୁଡ଼ିକର ଅତ୍ୟଧିକ ହିଂସ୍ର ପ୍ରବୃତ୍ତି ମଧ୍ୟରେ ଉପେକ୍ଷା କରାଯାଉଛି ଓ ଏହା ହିଁ ଚିନ୍ତାର କାରଣ। କେବଳ ଉଚିତ ପ୍ରସଙ୍ଗଗୁଡ଼ିକ ଉଠାଇ ଜନ ସମର୍ଥନକୁ ଆଧାର କରି ଆମେ ଆଗକୁ ବଢ଼ିପାରିବୁ ବୋଲି କହିଥିଲା। ଏଥିରୁ ବୁଝାପଡୁଛି ଯେ, ମୂଲ୍ୟ ବୃଦ୍ଧିକୁ ବିରୋଧ କରିବା ପାଇଁ ଜନମାନସରେ କୌଣସି ଉତ୍ସାହ ପ୍ରକାଶ ପାଇ ନ ଥିଲା। କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀ ଏହି ଘଟଣାରେ କହିଥିଲେ ଯେ, ମୋଦିଙ୍କ ଶାସନ କାଳରେ ଲୋକମାନେ ସମୃଦ୍ଧ ହୋଇଛନ୍ତି, ସେଥିପାଇଁ ସମ୍ଭବତଃ ସେମାନେ ମୂଲ୍ୟ ବୃଦ୍ଧି ବିରୋଧରେ ଆନ୍ଦୋଳନ କରୁନାହାନ୍ତି କିମ୍ବା ବେରୋଜଗାରୀ ବିରୋଧରେ ମଧ୍ୟ ସ୍ୱର ଉଠାଉ ନାହାନ୍ତି। ୨୦୧୯ ନିର୍ବାଚନର ଠିକ୍ ପୂର୍ବରୁ କେନ୍ଦ୍ର ସରକାରଙ୍କର ଏକ ସର୍ଭେରୁ ଜଣାପଡ଼ିଥିଲା ଯେ, ୨୦୧୮ରେ ବେରୋଜଗାରୀ ହାର ୬% ଥିଲା ଓ ଏହା ୫୦ ବର୍ଷ ମଧ୍ୟରେ ସବୁଠୁ ଅଧିକ। ତା'ପରଠାରୁ ୪ ବର୍ଷ ହେଲା ଉକ୍ତ ହାରଠାରୁ ଅଧିକ ରହିଆସିଛି ; ଠିକ୍ ତେଲ ଓ ଇନ୍ଧନ ଗ୍ୟାସ୍ ମୂଲ୍ୟ ଅଧିକ ରହିବା ଭଳି ଏହାର ସ୍ଥିତି। ହେଲେ ଏହା ଏକ ରାଜନୈତିକ ପ୍ରସଙ୍ଗ ନ ହେବା ଭଳି ମନେହେଉଛି। ଲୋକଙ୍କ ସ୍ୱାର୍ଥ ସମ୍ବଳିତ କିଛି ପ୍ରସଙ୍ଗ ଉପରେ ବିରୋଧୀଦଳଗୁଡ଼ିକ ଲୋକଙ୍କୁ ସଂଗଠିତ କରି ନ ପାରିବା ପଛରେ କାରଣ ରହିଛି। ମିଡିଆ ସହ ଜଡ଼ିତ ବିଷୟ ପ୍ରଥମ ବାଧକ। ଭାରତରେ ମିଡିଆର ଢାଞ୍ଚା ଏମିତି ଯେ, ଏହା ଲାଇସେନ୍ସ, ବିଜ୍ଞାପନ ଏବଂ ଅନ୍ୟସବୁ ଲାଭ ପାଇଁ ସରକାରଙ୍କ ଉପରେ ନିର୍ଭରଶୀଳ। ଭାରତୀୟ ଗଣମାଧ୍ୟମ ପ୍ରାୟତଃ କର୍ପୋରେଟଗୁଡ଼ିକ ମାଲିକାନାରେ ରହିଛି। ଏହି ସବୁ କର୍ପୋରେଟ ଦ୍ୱାରା ଅନ୍ୟ କମ୍ପାନୀ ମଧ୍ୟ ଚାଲୁଛି ଏବଂ ସେମାନେ ମିଡିଆ ସଂସ୍ଥାକୁ ସେମାନଙ୍କ ବୃହତ୍ ବିଜ୍‌ନେସ ସ୍ୱାର୍ଥର ଏକ ଅଂଶ ଭାବେ ଦେଖୁଛନ୍ତି। ଏଥିପାଇଁ ଅଧିକାଂଶ ମିଡିଆ ସରକାରଙ୍କ ମୁଖପତ୍ର ପାଲଟିଛନ୍ତି। ଶାସକ ଦଳ କୌଣସି ଚାପର ବଶବର୍ତ୍ତୀ ନ ହେବାର ଏହା ମଧ୍ୟ ଏକ କାରଣ। ତେବେ ଏଥିପାଇଁ ମିଡିଆ ଏକ ମାତ୍ର କାରଣ ନୁହେଁ।

ଆଉ ଏକ କାରଣ ହେଉଛି, ବିରୋଧୀ ନେତାମାନେ ଶାସକ ବିରୋଧରେ ଲୋକଙ୍କୁ ସଂଗଠିତ କରିବାରେ ଦକ୍ଷ ନୁହନ୍ତି। ଏହା ସମ୍ଭବତଃ ସତ ହୋଇପାରେ, କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ ବୋଲି କୁହାଯାଇପାରିବ ନାହିଁ। ଭାଜପା ସବୁ ରାଜ୍ୟରେ ଜିତି ନାହିଁ ଏବଂ ସରକାରରେ ତା'ର ସମ୍ପୂର୍ଣ୍ଣ ପ୍ରଭାବ ରହିଛି ବୋଲି ଦାବି କରିବା କେବେ ବି ସମ୍ଭବ ନୁହେଁ। ବିରୋଧୀଙ୍କ ପାଇଁ କିଛି ସ୍ଥାନ ଅଛି ନିଶ୍ଚୟ। କିନ୍ତୁ ସେମାନେ ସାମ୍ପ୍ରତିକ ଦର ବୃଦ୍ଧି ପ୍ରସଙ୍ଗରେ ଜନ ସମର୍ଥନ ପାଇବା ଜଣାପଡୁନାହିଁ। ପାକିସ୍ତାନରେ ଇମ୍ରାନ୍ ଖାନ୍‌ଙ୍କ ସରକାର ଲୋକପ୍ରିୟତା ହରାଇଛି ଏବଂ ମୁଦ୍ରାସ୍ଫୀତି କାରଣରୁ ତାହା ପତନ ହେବାକୁ ଯାଉଛି। କିନ୍ତୁ ଭାରତ ସରକାର ଲୋକପ୍ରିୟ ହୋଇ ବସିଛି। ଆସନ୍ତୁ ବିରୋଧୀମାନେ କ'ଣ କହୁଛନ୍ତି ତାହାକୁ ପୁଣି ଥରେ ଶୁଣିବା। କର୍ନାଟକରେ ସ୍କୁଲରେ ଭଗବତ ଗୀତା ଶିକ୍ଷା ଆରମ୍ଭ କରିବା, ହିଜାବ ବନ୍ଦ କରି ମୁସଲମାନ ଝିଅମାନଙ୍କୁ ସ୍କୁଲକୁ ନ ଆସିବାର ବାଟ କରିବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଏହା ବ୍ୟତୀତ କଶ୍ମୀର ଉପରେ ବିବାଦୀୟ ଫିଲ୍ମ, ମାଂସ କାଟିବା ଏବଂ ମନ୍ଦିରର ଆଧ୍ୟାତ୍ମିକ ଉତ୍ସବରେ ଅଣହିନ୍ଦୁଙ୍କ ବେପାରକୁ ବାରଣ କରିବା ଉପରେ ମଧ୍ୟ ଅଧିକ ଧ୍ୟାନ ଦିଆଯାଉଛି। ଏହା ନିଃସନ୍ଦେହ, ଏ ସମ୍ପର୍କିତ ଖବରଗୁଡ଼ିକୁ ଦେଖିବା ଓ ପଢ଼ିବାରେ ଲୋକମାନଙ୍କର ରୁଚି ରହିଛି। ମିଡିଆ ସେହି ସବୁ ପ୍ରସଙ୍ଗ ଉପରେ କେତେ ସମୟ ଦେଉଛି ତାହା ଯଦି ଆମେ ଅନୁଧ୍ୟାନ କରିବା ତେବେ ଜାଣିପାରିବା ଯେ ସେଗୁଡ଼ିକ ନିଶ୍ଚିତ ଭାବେ ପ୍ରଭାବୀ ପ୍ରସଙ୍ଗ। ତେଲ ଦର, ଇନ୍ଧନ ଗ୍ୟାସ୍ ଓ ବେରୋଜଗାରୀ ତୁଳନାରେ ଉକ୍ତ ପ୍ରସଙ୍ଗଗୁଡ଼ିକ ଅନେକ, ସମ୍ଭବତଃ ଅଧିକାଂଶ ଭାରତୀୟଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତୀୟ ରାଜନୈତିକ ଦଳଗୁଡ଼ିକ କହୁଛନ୍ତି। ଲଗାତର ସାମ୍ପ୍ରଦାୟିକ ପ୍ରସଙ୍ଗଗୁଡ଼ିକ ଉପରେ ଜୋର ଦେଇ ଶାସକଦଳ ମଧ୍ୟ ଏକା କଥାକୁ ପ୍ରମାଣ କରୁଛି। ଅନ୍ୟପଟେ ଅଣସାମ୍ପ୍ରଦାୟିକ ପ୍ରସଙ୍ଗଗୁଡ଼ିକର କୌଣସି ଗ୍ରହଣୀୟତା ନାହିଁ କିମ୍ବା ଲୋକମାନେ ଏହା ବିରୋଧରେ ସ୍ୱର ଉଠାଉନାହାନ୍ତି ବୋଲି ବିରୋଧୀ କହୁଛି।

ଏଭଳି ସ୍ଥିତି କେତେଦିନ ଯାଏ ଚାଲିବ ଓ ଆମ ଭବିଷ୍ୟତ କେଉଁଆଡ଼େ ଯିବ। ଦୁଇ ବର୍ଷ ପୂର୍ବେ ମୁଁ ଏକ ବହି ଲେଖିଥିଲି ଯାହାର ସିଦ୍ଧାନ୍ତ ଥିଲା ହିନ୍ଦୁତ୍ୱର ଶେଷ ଅବସ୍ଥା ନାହିଁ। ଏହା କ'ଣ ହାସଲ କରିବାକୁ ଚାହୁଁଛି ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ। ତେବେ ସାମ୍ପ୍ରଦାୟିକ ସ୍ଥିତିକୁ ଲଗାତର ଉଜାଗର କରି ରଖିବା ଏହାର ଏକମାତ୍ର ଲକ୍ଷ୍ୟ ଏବଂ ଏଠାରେ ସବୁବେଳେ କିଛି ପ୍ରୟୋଗ ହେଉଛି। ଆଜି ମାଂସ ତ କାଲି ନମାଜ ଓ ପରକୁ ପର ହିଜାବ ଏବଂ ଲଭ୍ ଜିହାଦ ଆଦି ସାମ୍ନାକୁ ଆସୁଛି। ଏପ୍ରିଲ ୨ରେ ଉତ୍ତରପ୍ରଦେଶ ସରକାର ଘୋଷଣା କଲେ, ଏପ୍ରିଲ ୧୦ ଯାଏ ସମ୍ପୂର୍ଣ୍ଣ ନବରାତ୍ରିରେ ରାଜ୍ୟର ସବୁ ମାଂସ ଦୋକାନ ବନ୍ଦ ରହିବ। ଦେଖିବାକୁ ଗଲେ ଦେଶରେ ସଂଖ୍ୟାଲଘୁଙ୍କୁ ନିର୍ଯାତନା ଦେବା ପାଇଁ ଆମ ପାଖରେ ବିଚାରର ଅଭାବ ନାହିଁ ଓ ଏହା ଯୋଗୁ ନିର୍ଯାତନା ଆଗକୁ ଲାଗି ରହିବ। ଆମ ପ୍ରବଚନ ଅତ୍ୟଧିକ ରୂପେ ରାଜନୈତିକ ବିଜୟ ଓ ପରାଜୟ କୈନ୍ଦ୍ରିକ। କିନ୍ତୁ ନିର୍ବାଚନ ମଧ୍ୟରେ ଓ ପରେ କ'ଣ ଘଟେ ତା' ଉପରେ ଆମେ କମ୍ ବିଚାର କରୁ। ମୋ ମତରେ ଭାରତ ସମୃଦ୍ଧ ଓ ଆକର୍ଷକ ଜିନିଷ ଯୋଗାଇ ଦେଉଛି, ହେଲେ ଆମେ ଏବେ କେଉଁ ସ୍ତରରେ ପହଞ୍ଚିଛୁ ତାହା ଦେଖିଲେ ହତାଶ ଲାଗୁଛି।


Email:aakar.patel@gmail.com


# ସମ୍ପ୍ରଦାୟ ଊର୍ଦ୍ଧ୍ୱରେ ବିବେକାନନ୍ଦ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସ୍ୱାମୀ ବିବେକାନନ୍ଦ ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱଧର୍ମ ସମ୍ମିଳନୀରେ ଯେଉଁ ବାର୍ତ୍ତା ଦେଇଥିଲେ ତାହା ଥିଲା ଅଦ୍ୱୈତବାଦ। ବେଦ, ବେଦାନ୍ତ, ଉପନିଷଦ ଆଦିରୁ ଅନେକ ଉଦ୍ଧୃତି ଦେଇ ସେ କହିଥିଲେ ଯେ ଆତ୍ମା ଓ ପରମାତ୍ମା ଏକ ଓ ଅଭିନ୍ନ। ଆମେ ସମସ୍ତେ ଅମୃତର ସନ୍ତାନ। ପରମେଶ୍ୱର ଏକ। ତାଙ୍କୁ ପଣ୍ଡିତମାନେ ବିଭିନ୍ନ ନାମରେ ନାମିତ କରିଥାନ୍ତି। ସେ ''ଶିବ ମହିମ୍ନ ସ୍ତୋତ୍ରଂମ୍‌ରୁ ଉଦ୍ଧୃତ କରି କହିଲେ ''ରୁଚୀନାଂ ବୈଚିତ୍ର୍ୟାଦୃଜୁକୁଟିଳ ନାନାପଥଯୂଷାମ୍/ ନୃଣାମେକୋ ଗମ୍ୟସ୍ତ୍ୱମସି ପୟସାମର୍ଣ୍ଣବଇବ।'' ଅର୍ଥାତ୍ ରୁଚି ଅନୁସାରେ ଜଣେ ସରଳ କୁଟିଳ ଯେଉଁଭଳି ପଥରେ ଗଲେ ମଧ୍ୟ ସେହି ଏକ ପରମେଶ୍ୱରଙ୍କ ପାଖରେ ପହଞ୍ଚେ ଠିକ୍ ଯେପରି ନଦୀମାନେ ଯେତେ କୁଟିଳ ପଥରେ ପ୍ରବହମାନ ହେଲେ ମଧ୍ୟ ଶେଷରେ ସେହି ଏକ ସମୁଦ୍ରରେ ମିଶନ୍ତି। ଏଣୁ ''ଜଣେ ଖ୍ରୀଷ୍ଟିଆନ୍‌କୁ ହିନ୍ଦୁ ବା ବୌଦ୍ଧ ହେବାର ଆବଶ୍ୟକତା ନାହିଁ। ଜଣେ ହିନ୍ଦୁ ବା ବୌଦ୍ଧକୁ ଖ୍ରୀଷ୍ଟିଆନ୍ ହେବାର ଯଥାର୍ଥତା ନାହିଁ। କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ଯେଉଁ ଧର୍ମରେ ଦୀକ୍ଷିତ ହେଉ ପଛେ ଅନ୍ୟଧର୍ମ ପ୍ରତି ବିଦ୍ୱେଷ ଭାବ ପ୍ରକଟ ନ କରି ନିଜ ଧର୍ମ ଅନୁଯାୟୀ ଜୀବନ ଧାରଣ କରୁ। ଆଗାମୀ ଦିନରେ ସବୁଧର୍ମର ବିଜୟ ପତାକା ଉପରେ ସମସ୍ତ ପ୍ରତିବନ୍ଧ ସତ୍ତ୍ୱେ ଲିଖିତ ହେଉ ସହାୟତା–ସଂଘର୍ଷ ନୁହେଁ, ଗ୍ରହଣଶୀଳତା–ଧ୍ୱଂସ ନୁହେଁ, ସମନ୍ୱୟ ଓ ଶାନ୍ତି– କଳହ ନୁହେଁ।'' ପୁଣି ସେ କହିଲେ ''ପ୍ରସାରଣ ହିଁ ଜୀବନ, ସଂକୋଚନ ହିଁ ମୃତ୍ୟୁ। ପ୍ରେମ ହିଁ ଜୀବନ, ଘୃଣା ହିଁ ମୃତ୍ୟୁ।'' ବିବେକାନନ୍ଦଙ୍କ ଏହି ବାଣୀ କେବଳ ଖ୍ରୀଷ୍ଟିଆନ୍ ନୁହେଁ, ମୁସଲମାନମାନଙ୍କ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥିଲା ଓ କିଛି ମୁସଲମାନ ତାଙ୍କର ଅନୁଗାମୀ ହୋଇଥିଲେ।

ସ୍ୱାମିଜୀଙ୍କ ପରିବ୍ରାଜକ ଜୀବନର କଥା। ୧୮୯୧ ଫେବୃୟାରୀ ପ୍ରାରମ୍ଭରେ ସେ ଅଲୱାରରେ ପହଞ୍ଚିଲେ। ତାଙ୍କର ପ୍ରଥମ ସାକ୍ଷାତ ହେଲା ଜଣେ ଅପରିଚିତ ଡାକ୍ତର ଗୁରଚରଣ ଲାସ୍କାରଙ୍କ ସହିତ। ସେ ସ୍ୱାମିଜୀଙ୍କ ତେଜସ୍ୱୀ ରୂପ ଓ ଶାଳୀନତାରେ ମୋହିତ ହୋଇ ସେଠି କିଛିଦିନ ରହିବା ପାଇଁ ଗୋଟିଏ ଗୃହର ବ୍ୟବସ୍ଥା କରିଦେଲେ। ସେହି ସମୟରେ ହାଇସ୍କୁଲର ଜଣେ ଉର୍ଦ୍ଦୁ ଓ ପାର୍ଶୀ ଭାଷାରେ ଦକ୍ଷ ଶିକ୍ଷକ ମୌଲବୀ ସାହେବ ସ୍ୱାମିଜୀଙ୍କ ସହ କଥୋପକଥନ କରୁକରୁ ମୁଗ୍ଧ ହେଲେ। ହିନ୍ଦୁ ଓ ଖ୍ରୀଷ୍ଟିଆନ୍‌ମାନଙ୍କ ସହ ମୁସଲମାନମାନେ ମଧ୍ୟ ସେଠାରେ ତାଙ୍କ ପ୍ରବଚନ ଶୁଣିବା ପାଇଁ ରୁଣ୍ଡ ହେଲେ। ତାଙ୍କ ପ୍ରବଚନରେ ବେଦ ଉପନିଷଦ ସହ ବାଇବେଲ ଓ କୋରାନ୍‌ର ବାଣୀ ମଧ୍ୟ ସ୍ଥାନ ପାଉଥିଲା। ମୌଲବୀ ସାହେବ ତାଙ୍କ ପ୍ରବଚନରେ ଏତେ ମୁଗ୍ଧ ହେଲେ ଯେ ସ୍ୱାମିଜୀଙ୍କୁ ନିଜ ଘରକୁ ଆମନ୍ତ୍ରଣ କରି ଖୁଆଇବା ପାଇଁ ତାଙ୍କର ଇଚ୍ଛା ହେଲା। ମାତ୍ର ସେ ରହୁଥିଲେ ଜଣେ ପଣ୍ଡିତଙ୍କ ଘରେ। ଏଣୁ ସେ ଆଶଙ୍କା କଲେ ସେ ମୁସଲମାନ ହୋଇଥିବାରୁ ହୁଏତ ସେହି ନୈଷ୍ଠିକ ପଣ୍ଡିତ ଆପତ୍ତି କରିପାରନ୍ତି। ଏଣୁ ଦିନେ ସନ୍ଧ୍ୟାରେ ସେ ପଣ୍ଡିତଙ୍କ ପାଖରେ ପହଞ୍ଚି କହିଲେ, ''ମହାଶୟ, ସ୍ୱାମିଜୀଙ୍କୁ ମୁଁ ମୋ ଘରେ ଖୁଆଇବା ପାଇଁ ଚାହୁଁଛି। ଜଣେ ବ୍ରାହ୍ମଣ ପୂଝାରୀ ଦ୍ୱାରା ମୁଁ ଖାଦ୍ୟ ରନ୍ଧାଇବି। ଯେଉଁ ବାସନ କୁଶନରେ ଖାଦ୍ୟ ପରିବେଷିତ ହେବ ତାହା ମଧ୍ୟ ବ୍ରାହ୍ମଣ ଘରୁ ଆଣିବି। ଆପଣ ଦୟାକରି ମୋତେ ଏଥିପାଇଁ ଅନୁମତି ଦିଅନ୍ତୁ।'' ମୌଲବୀ ସାହେବଙ୍କ ଆନ୍ତରିକତା ଓ ନମ୍ରତାରେ ପଣ୍ଡିତ ମୁଗ୍ଧ ହୋଇ ତାଙ୍କୁ ଅନୁମତି ଦେଇଥିଲେ। ମୌଲବୀ ସାହେବ ସ୍ୱାମିଜୀଙ୍କୁ ଆମନ୍ତ୍ରଣ କରି ନିଜ ଘରେ ତାଙ୍କୁ ମହାନନ୍ଦରେ ଖୁଆଇଲେ। ପରବର୍ତ୍ତୀ ସମୟରେ ବହୁ ମୁସଲମାନଙ୍କ ଘରେ ସ୍ୱାମିଜୀ ଭୋଜନ କରିଥିଲେ।

ପାଶ୍ଚାତ୍ୟରୁ ଫେରିବାପରେ ଥରେ ନୈନିତାଲରେ ସ୍ୱାମିଜୀଙ୍କ ଖେତଡ଼ି ମହାରାଜଙ୍କ ସହ ସାକ୍ଷାତ ହେଲା। ସ୍ୱାମିଜୀ ତାଙ୍କ ପାଶ୍ଚାତ୍ୟ ଶିଷ୍ୟଶିଷ୍ୟାଙ୍କୁ ରାଜାଙ୍କ ସହ ପରିଚୟ କରାଇଲେ। ସେଠାରେ ଜଣେ ମୁସଲମାନ ବ୍ୟକ୍ତିଙ୍କ ସହ ସ୍ୱାମିଜୀଙ୍କ ସାକ୍ଷାତ ହେଲା। ତାଙ୍କ ନାମ ଥିଲା ମହମ୍ମଦ ସର୍ଫରାଜ ହୁସେନ୍। ସ୍ୱାମିଜୀଙ୍କ ଅସାଧାରଣ ଆଧ୍ୟାତ୍ମିକ ଜ୍ଞାନରେ ସେ ଏତେ ବିମୁଗ୍ଧ ହେଲେ ଯେ ସେ କହିଲେ, ''ସ୍ୱାମିଜୀ ପରବର୍ତ୍ତୀ କାଳରେ ଯଦି କେହି ଆପଣଙ୍କୁ ଅବତାର ବା ସ୍ୱତନ୍ତ୍ର ଦେବଦୂତ ବୋଲି ଦାବି କରେ ମୁଁ ଜଣେ ମୁସଲମାନ ହୋଇଥିଲେ ବି ତାକୁ ଗ୍ରହଣ କରିବି।'' ତା'ପରେ ସେ ସ୍ୱାମିଜୀଙ୍କ ଅନୁଗାମୀ ହୋଇ ନିଜକୁ ମହମ୍ମଦାନନ୍ଦ ବୋଲି ନାମିତ କଲେ। ସ୍ୱାମିଜୀ ଆଲମୋଡ଼ାରୁ ଏକ ଚିଠିରେ ତାଙ୍କ ପାଖକୁ ଲେଖିଥିଲେ, ''ଆମେ ଏହାକୁ ବେଦାନ୍ତବାଦ କିମ୍ବା କୌଣସି ବାଦ ବୋଲି କହୁ ବା ନ କହୁ, ସତ୍ୟ ହେଉଛି ଯେ ଧର୍ମ ଓ ଭାବଧାରାର ଶେଷ ବାକ୍ୟ ଅଦ୍ୱୈତବାଦ ଏବଂ ଏହି ସ୍ଥାନରୁ ଜଣେ ସମସ୍ତ ଧର୍ମ ଓ ସଂପ୍ରଦାୟକୁ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ଦେଖିପାରିବ। ମୋର ବିଶ୍ୱାସ ଯେ ଆଗାମୀ ସଚେତନ ମାନବ ପାଇଁ ଏହା ହେବ ଧର୍ମ। ମୁଁ ଦୃଢ଼ତାର ସହ କହିବି ଯେ ପ୍ରକୃତ ଇସଲାମ ଧର୍ମର ସାହାଯ୍ୟ ବିନା ବେଦାନ୍ତର ତତ୍ତ୍ୱ ଯେତେ ବି ଶୁଦ୍ଧ ଓ ବିସ୍ମୟକର ହୋଇଥାଉ ସାଧାରଣ ଜନତାଙ୍କ ପାଇଁ ଅର୍ଥହୀନ ହେବ। ଆମର ମାତୃଭୂମି ନିମନ୍ତେ ହିନ୍ଦୁଧର୍ମ ଓ ଇସଲାମଧର୍ମ ଭଳି ଦୁଇଟି ମହାନ୍ ମାର୍ଗର ମିଳନ–ବେଦାନ୍ତ ମସ୍ତିଷ୍କ ଓ ଇସଲାମ ଶରୀର–କେବଳ ହିଁ ଆଶା।''

ସ୍ୱାମିଜୀ ଅଦ୍ୱୈତବାଦ ଦର୍ଶନର କଥା କେବଳ କହୁ ନ ଥିଲେ, ତାକୁ ସେ ନିଜ ଜୀବନରେ ପ୍ରୟୋଗ କରୁଥିଲେ। ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସେ କୌଣସି ପ୍ରଭେଦ ଦେଖୁ ନ ଥିଲେ। ପରିବ୍ରାଜକ ଜୀବନରେ ଆଲମୋଡ଼ାରେ ଭ୍ରମଣ କରୁଥିବା ବେଳେ ଥରେ ସେ କ୍ଷୁଧାର୍ତ୍ତ ହୋଇ କ୍ଳାନ୍ତ ହୋଇପଡ଼ିଲେ ଓ ଏକ ମୁସଲମାନ କବର ନିକଟରେ ବସି ପଡ଼ିଲେ। ତାଙ୍କର ଅଚେତପ୍ରାୟ ଅବସ୍ଥା ଉପନୀତ ହେଲା। ସାଙ୍ଗରେ ଥାନ୍ତି ଅଖଣ୍ଡାନନ୍ଦ। ସେ ଦୌଡ଼ିଗଲେ ନିକଟସ୍ଥ ନଦୀରୁ ଜଳ ଆଣିବା ପାଇଁ। ସେହି କବରର ରକ୍ଷକ ଥାନ୍ତି ଜଣେ ମୁସଲମାନ। ନାଁ ତାଙ୍କର ଜୁଲ ଫକୀର ଅଲ୍ଲୀ। ସେ ସ୍ୱାମିଜୀଙ୍କ କ୍ଷୁଧାର୍ତ୍ତ ଅବସ୍ଥା ଦେଖି ଦୌଡ଼ି ଆସିଲେ ଓ ସେ ମୁସଲମାନ ହୋଇଥିବାରୁ ସଙ୍କୋଚ ସହ ସ୍ୱାମିଜୀଙ୍କୁ ତାଙ୍କ ପାଖରେ ଥିବା କିଛି କାକୁଡ଼ି ଯାଚିଲେ। ସ୍ୱାମିଜୀ କାକୁଡ଼ି ଖାଇବାକୁ ଆନନ୍ଦରେ ସମ୍ମତ ହେଲେ ଓ ତାଙ୍କୁ ଖୁଆଇ ଦେବାପାଇଁ ଅନୁରୋଧ କଲେ। ଜୁଲ ଫକୀର ଅଲ୍ଲୀ କହିଲେ, ''ମୁଁ ଜଣେ ମୁସଲମାନ। ଆପଣ ଜଣେ ସନ୍ନ୍ୟାସୀ। ଆପଣଙ୍କ ପବିତ୍ର ଦେହକୁ ମୁଁ ଛୁଇଁବି କିପରି?'' ସ୍ୱାମିଜୀ କହିଲେ, ''ଧର୍ମ ଆମକୁ ଭିନ୍ନ କରିପାରିବ ନାହିଁ। ଆମେ ଦୁହେଁ ଭାଇ ଭାଇ। ଭାଇ ହାତରୁ କାକୁଡ଼ି ଖାଇବାରେ କୌଣସି ଦ୍ୱିଧା ନାହିଁ।'' ସେଦିନ ସେ ଫକୀର ଅଲ୍ଲୀ ସ୍ୱାମିଜୀଙ୍କୁ ଆନନ୍ଦରେ କାକୁଡ଼ି ଖୁଆଇଦେଇ ନିଜକୁ ଧନ୍ୟ ମଣିଥିଲେ।

ସ୍ୱାମିଜୀଙ୍କ ପରିବ୍ରାଜକ ଜୀବନର ଆଜମିର ପରିଭ୍ରମଣ ସମୟର କଥା। ସେ ମୁସଲମାନ ସୁଫି ସନ୍ଥ ମୈନୁଦ୍ଦିନ ଚିଷ୍ଟିଙ୍କର ସମାଧିସ୍ଥଳ ପରିଦର୍ଶନ କରିସାରି ମାଉଣ୍ଟ ଆବୁର ଏକ ପରିତ୍ୟକ୍ତ ଗୁମ୍ଫାରେ ଆଧ୍ୟାତ୍ମିକ ସାଧନା ଆରମ୍ଭ କଲେ। ଦୈବାତ୍ ସେହି ରାଜ୍ୟର ଯୁବରାଜଙ୍କର ଜଣେ ଓକିଲଙ୍କ ଦୃଷ୍ଟି ପଡ଼ିଲା ସ୍ୱାମିଜୀଙ୍କ ଉପରେ। ତାଙ୍କ ତେଜସ୍ୱୀ ରୂପ ଦେଖି ସେ ଆକର୍ଷିତ ହେଲେ ଓ ସ୍ୱାମିଜୀଙ୍କ ସହ ବାର୍ତ୍ତାଳାପ କଲେ। ସେ ତାଙ୍କର ବ୍ୟକ୍ତିତ୍ୱ ଦ୍ୱାରା ଏତେ ମୁଗ୍ଧ ହେଲେ ଯେ ଶେଷରେ ସ୍ୱାମିଜୀଙ୍କୁ ସେ ନିଜ ଗୃହକୁ ନିମନ୍ତ୍ରଣ କରି ତାଙ୍କ ରହଣିର ବ୍ୟବସ୍ଥା କରିଦେଲେ। ସେଠିକୁ ବହୁଲୋକ ଆସିଲେ ସ୍ୱାମିଜୀଙ୍କ ବାଣୀ ଶୁଣିବା ପାଇଁ। ଖେତଡ଼ି ରାଜାଙ୍କ ବ୍ୟକ୍ତିଗତ ସଚିବ ମୁନ୍‌ସି ଜଗମୋହନ ଲାଲ ସେଠାକୁ ଆସି ସ୍ୱାମିଜୀଙ୍କୁ କହିଲେ, 'ମହାଭାଗ! ଆପଣ ଜଣେ ହିନ୍ଦୁ ହୋଇ ମୁସଲମାନଙ୍କ ଘରେ କାହିଁକି ରହୁଛନ୍ତି?' ସ୍ୱାମିଜୀ ଉତ୍ତର ଦେଇଥିଲେ, ''ମୁଁ ଜଣେ ସନ୍ନ୍ୟାସୀ, ମୁଁ ଜଣେ ମେହେନ୍ତର ପାଖରୁ ମଧ୍ୟ ଭୋଜନ ଗ୍ରହଣ କରିପାରିବି। ଯଦି ଶାସ୍ତ୍ର ଏହାକୁ ନିଷେଧ କରିଛି ମୁଁ ସେହିଭଳି ଶାସ୍ତ୍ରକୁ ଭୟ କରେ ନାହିଁ। ମୁଁ ସର୍ବତ୍ର ବ୍ରହ୍ମଙ୍କର ଦର୍ଶନ କରେ। ମୋ ପାଇଁ ଉଚ୍ଚନୀଚ ଭେଦଭାବ ନାହିଁ। ସବୁକିଛି ଶିବ।'' ଚିକାଗୋ ଧର୍ମ ମହାସଭାରେ ସେ କହିଥିଲେ ''ମାନବ ଭ୍ରାତୃତ୍ୱ ହିଁ ଆମର ବହୁ ଆକାଂକ୍ଷିତ ଉଦ୍ଦେଶ୍ୟ। ଏହି ଭ୍ରାତୃତ୍ୱ ଗୋଟିଏ ସ୍ୱାଭାବିକ ଅବସ୍ଥା, କାରଣ ଆମେ ସମସ୍ତେ ଈଶ୍ୱରଙ୍କ ସନ୍ତାନ। ଏପରି ଅନେକ ସଂପ୍ରଦାୟ ଅଛନ୍ତି ; ଯେଉଁମାନେ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର କରନ୍ତି ନାହିଁ। ଯଦି ଆମେ ସେମାନଙ୍କୁ ଉପେକ୍ଷା କରୁ, ତେବେ ଆମର ଭ୍ରାତୃତ୍ୱ ସାର୍ବଜନୀନ ହେବନାହିଁ। ଏଣୁ ସମଗ୍ର ମାନବଜାତିକୁ ସମ୍ମିଳିତ କରିବାପାଇଁ ଆତ୍ମା ସହ ଆତ୍ମାର ମିଳନ ଭୂମିକୁ ଆହୁରି ପ୍ରଶସ୍ତ କରିବାକୁ ହେବ।'' ସ୍ୱାମିଜୀଙ୍କ ଏହିଭଳି ଦୃଷ୍ଟିଭଙ୍ଗୀ ପାଇଁ କେବଳ ଖ୍ରୀଷ୍ଟିଆନ୍ ନୁହନ୍ତି, ମୁସଲମାନ୍‌ମାନେ ମଧ୍ୟ ତାଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ। ସେଥିପାଇଁ ତ ସ୍ୱାମିଜୀ ଜଣେ ଅନନ୍ୟ ସନ୍ନ୍ୟାସୀ।


ମୋ:୭୦୦୮୩୬୯୯୨୦


# ଫେଡେକ୍ସ ଚିଫ୍

ବ୍ୟକ୍ତିତ୍ୱ



ରାଜ୍ ସୁବ୍ରମଣ୍ୟମ୍

କୋରିୟର ବିତରଣ ସେବା କ୍ଷେତ୍ରରେ ଅନ୍ତର୍ଜାତୀୟ ପ୍ରସିଦ୍ଧି ଅର୍ଜନ କରିଥିବା ଆମେରିକାର ବହୁରାଷ୍ଟ୍ରୀୟ କମ୍ପାନୀ 'ଫେଡେକ୍ସ'ର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଭାରତୀୟ ଆମେରିକୀୟ ରାଜ୍ ସୁବ୍ରମଣ୍ୟମଙ୍କ ନାମ ଘୋଷଣା କରାଯାଇଛି। ସେ ଆସନ୍ତା ଜୁନ୍‌ରେ ଫ୍ରେଡେରିକ୍ ଡବ୍ଲ୍ୟୁ ସ୍ମିଥ୍‌ଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଉଲ୍ଲେଖଯୋଗ୍ୟ ଯେ, ଫେଡେକ୍ସ ଦୈନିକ ୧୬ ମିଲିୟନ ଶିପ୍‌ମେଣ୍ଟସ୍ (ଜାହାଜରେ ଦ୍ରବ୍ୟ ପ୍ରେରଣ) କରି ଏକ ବୃହତ୍ ସପ୍ଲାଏ ଚେନ୍ ଜରିଆରେ ଉପଭୋକ୍ତାଙ୍କ ନିକଟରେ ପହଞ୍ଚୁଥିବାରୁ ଏହା କୋରିୟର ବିତରଣ ସେବା କ୍ଷେତ୍ରରେ ବିଶ୍ୱରେ ଏକ ଈର୍ଷଣୀୟ ସ୍ତରରେ ପହଞ୍ଚିପାରିଛି। ଏଭଳି ଏକ ସଂସ୍ଥାର ସିଇଓ ହେବା ନେଇ ଖବର ପ୍ରସାରିତ ହେବା ପରେ ରାଜ୍‌ଙ୍କ ପିତା ତଥା କେରଳର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସି. ସୁବ୍ରମଣ୍ୟମ୍ ଓ ମାତା ତଥା ନିଶ୍ଚେତକ ଡାକ୍ତର ବି. କମଳାମାଲ୍ ଖୁସି ବ୍ୟକ୍ତ କରିଛନ୍ତି। ଏହି ଅବସରରେ ପୁଅର କ୍ୟାରିୟର କଥା ପିତା ମନେ ପକାଇଛନ୍ତି। ହାଇଦ୍ରାବାଦରେ ସିଆର୍‌ପିଏଫ୍‌ରେ ଡେପୁଟେଶନରେ ଥିବା ସମୟରେ ମୁମ୍ବାଇରେ ରାଜ୍ ଯୁକ୍ତ ୨ ପଢୁଥିବା ବେଳେ ତାଙ୍କ ନିକଟକୁ ସେ ଯାଇଥିଲେ। ଯେହେତୁ ପିତା ସର୍ବଭାରତୀୟ ସେବାର ଅଧିକାରୀ ଥିଲେ ତାଙ୍କ ପୁଅ ସିଭିଲ୍ ସର୍ଭିସକୁ କ୍ୟାରିୟର କରୁ ବୋଲି ଚାହୁଁଥିଲେ। ସେଥିପାଇଁ ପୁଅକୁ ମଧ୍ୟ ଉପଦେଶ ଦେଇଥିଲେ। ହେଲେ ରାଜ୍ କହିଥିଲେ ଯେ ସେହି ଚାକିରି ପ୍ରତି ସେ ଆଗ୍ରହୀ ନୁହନ୍ତି, କାରଣ ଆଗାମୀ ଯୁଗ ପ୍ରଯୁକ୍ତିବିଦ୍ୟାର ବୋଲି ପିତାଙ୍କୁ ଜଣାଇ ଦେଇଥିଲେ। ଏହା ପରେ ପୁଅର ପସନ୍ଦ ଉପରେ ପିତା କ୍ୟାରିୟର ଗଢ଼ିବା ଲାଗି ଛାଡ଼ିଦେଇଥିଲେ। ଆଜି ଯେତେବେଳେ ପୁଅ ବିଶ୍ୱର ଜଣାଶୁଣା ବ୍ୟକ୍ତିତ୍ୱଙ୍କ ମଧ୍ୟରେ ନିଜ ନାମକୁ ସ୍ଥାନିତ କରିବାରେ ସକ୍ଷମ ହୋଇଛନ୍ତି, ସେଥିରେ ମାତାପିତାଙ୍କ ସହ ଭାରତୀୟମାନେ ଗର୍ବ ଅନୁଭବ କରିବା ସ୍ୱାଭାବିକ।

କେରଳର ଥିରୁଭାନନ୍ତପୁରମ୍‌ରେ ଜନ୍ମିତ ରାଜ୍ ସ୍ଥାନୀୟ ଲୋୟଲା ସ୍କୁଲରେ ପଢ଼ି ରାଜ୍ୟର ଆଇସିଏସ୍‌ଇ ଟପ୍ପର ହୋଇଥିଲେ। ପରେ ବମ୍ବେ ଆଇଆଇଟିରେ କେମିକାଲ ଇଞ୍ଜିନିୟରିଂ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଭଳି ମେଧା ସକାଶେ ତାଙ୍କୁ ଜାମ୍‌ଶେଦ୍‌ଜୀ ଟାଟା ସ୍କଲାରଶିପ୍ ମିଳିବାରୁ ସେ ଆମେରିକାର ସାଇରାକ୍ୟୁସେ ବିଶ୍ୱବିଦ୍ୟାଳୟରେ ଏମ୍‌ଏସ୍ ପଢ଼ିବାର ସୁଯୋଗ ପାଇଥିଲେ। ଏହା ପରେ ସେ ଟେକ୍ସାସ୍ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢ଼ିବାକୁ ଚାହିଁଲେ। କିନ୍ତୁ ତାଙ୍କୁ ଏହି ଡିଗ୍ରୀ କରିବା ଲାଗି ସମ୍ପୂର୍ଣ୍ଣ ଅର୍ଥ ପଇଠ କରିବାକୁ କୁହାଯାଇଥିଲା। ସେ ତାହା ଦେବାରେ ଅକ୍ଷମ ହୋଇଥିଲେ। ପ୍ରଚଣ୍ଡ ପ୍ରତିଭା ଥିଲେ ମଧ୍ୟ ଅର୍ଥ ତାଙ୍କ ପାଇଁ ବାଧକ ସାଜିଥିଲା। ହେଲେ ତାଙ୍କ ପ୍ରଫେସର ଟିଚିଂ ଆସିଷ୍ଟାଣ୍ଟ ପଦବୀଟିଏ ଯାଚି ସେଥିରୁ ଅର୍ଜିତ ଅର୍ଥରେ ଏମ୍‌ବିଏ ପଢ଼ିବାକୁ ସୁଯୋଗ ଦେଇଥିଲେ।

ରାଜ୍‌ଙ୍କ ଫେଡେକ୍ସରେ ଚାକିରି ପାଇବାର ମଧ୍ୟ ଏକ କ୍ଷୁଦ୍ର କାହାଣୀ ଅଛି। ଏମ୍‌ବିଏ ଡିଗ୍ରୀ ସାରି ରାଜ୍ ବିବାହ କରିବା ଲାଗି ଚେନ୍ନାଇ ଆସିଥିଲେ। ସେହି ସମୟରେ ଫେଡେକ୍ସ ଅଧିକାରୀମାନେ ତାଙ୍କ ବିଶ୍ୱବିଦ୍ୟାଳୟକୁ କ୍ୟାମ୍ପସ୍ ରିକ୍ରୁଟିମେଣ୍ଟ କରିବାକୁ ଆସିଥିଲେ। ସେଠାରେ ଯେଉଁ ବିଦ୍ୟାର୍ଥୀଙ୍କୁ ସେ ପସନ୍ଦ କରିଥିଲେ ସେ ଚାକିରିରେ ଯୋଗଦେବାକୁ ମନା କରିଥିଲେ। କାରଣ ତାଙ୍କର ଭାରତ ଫେରିବାର ଥିଲା। ଏ କଥା ରାଜ୍ ଜାଣିବା ପରେ ଫେଡେକ୍ସରେ ଇଣ୍ଟରଭ୍ୟୁ ଦେବା ନିମନ୍ତେ ନିଜ ଆଗ୍ରହ ଦେଖାଇଥିଲେ। ଏବଂ ସେଥିରେ ସେ କୃତକାର୍ଯ୍ୟ ହୋଇଥିଲେ।

ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଆଜି ରାଜ୍‌ଙ୍କୁ କମ୍ପାନୀର ଶୀର୍ଷରେ ପହଞ୍ଚାଇପାରିଛି। ୨୦୨୦ରେ ସେ ଫେଡେକ୍ସ ବୋର୍ଡ ଅଫ୍ ଡାଇରେକ୍ଟର୍ସକୁ ନିର୍ବାଚିତ ହୋଇଥିଲେ। ଫେଡେକ୍ସ ବୋର୍ଡ ଗଭର୍ନାନ୍ସ, ସେଫ୍ଟି ଆଣ୍ଡ୍ ପବ୍ଲିକ୍ ପଲିସି କମିଟି ମୁଖ୍ୟ ଡାଭିଡ୍ ଷ୍ଟେଇନର କହନ୍ତି, ରାଜ୍ ହେଉଛନ୍ତି ମେଧାଯୁକ୍ତ ବାସ୍ତବ ବ୍ୟକ୍ତି। ବ୍ୟବସାୟକୁ ଆଗକୁ ନେବାରେ ରଣନୀତି ଓ କାର୍ଯ୍ୟାନ୍ୱୟନକୁ ଦେଖିଲେ ରାଜ୍‌ଙ୍କ ବିଶ୍ୱ ସ୍ତରୀୟ ୩୦ ବର୍ଷର ଅଭିଜ୍ଞତା ଫେଡେକ୍ସକୁ ମଧ୍ୟ ଅନେକ ସଫଳତା ଦେଇଛି ବୋଲି ଡାଭିଡ୍ କହିଛନ୍ତି।

ବାସ୍ତବରେ କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ଯୋଗୁ ରାଜ୍ ଏବେ ନୂଆ ପିଢ଼ି ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ତାଙ୍କ ସାଂସାରିକ ଜୀବନ କହିଲେ ସହଧର୍ମିଣୀ ଉମା ଆଇଆଇଏମ୍ ଅହମ୍ମଦାବାଦର ପୂର୍ବତନ ଛାତ୍ରୀ। କୌତୂହଳର କଥା ହେଉଛି, ତାଙ୍କ ପରିବାର ତିନି ଜଣ ସଦସ୍ୟ ମଧ୍ୟ ଫେଡେକ୍ସରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ହେଲେ ରାଜ୍‌ଙ୍କ ଅଧୀନରେ ଉମା କାର୍ଯ୍ୟ କରିବା ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ବା କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଭାବି ଚାକିରିରୁ ଇସ୍ତଫା ଦେଇଥିଲେ। ତାଙ୍କ ଭାଇ ରାଜୀବ ସୁବ୍ରମଣ୍ୟମ୍ ମଧ୍ୟ ଏହାର ଆଇଟି ଡିଭିଜନ୍‌ରେ କାର୍ଯ୍ୟ କରନ୍ତି। ତେବେ ରାଜ୍‌ଙ୍କ ପୁଅ ଅର୍ଜୁନ ରାଜେଶ ଇ–କମର୍ସ ଡିଭିଜନ୍‌ରେ କାମ କରୁଥିଲେ। ଉଚ୍ଚଶିକ୍ଷା କରିବା ଲାଗି ମନସ୍ଥ କରିବା ପରେ ସେଠାରୁ ଇସ୍ତଫା ଦେଇଥିଲେ। ଏବେ ପିତା ସି. ସୁବ୍ରମଣ୍ୟମ୍ କହିଛନ୍ତି, କୋଭିଡ୍–୧୯ ଭୂତାଣୁ ପ୍ରାଦୁର୍ଭାବ ଦେଖା ଦେବା ପୂର୍ବରୁ ରାଜ୍ ଥିରୁଭାନନ୍ତପୁରମ୍ ଆସିଥିଲେ। ଆସନ୍ତା ମେ'ରେ ସେ ସମ୍ଭବତଃ ଆସିବା ଲାଗି କହିଛନ୍ତି। ଆମ୍ଭେ ସମସ୍ତେ ତାଙ୍କୁ ଦେଖିବା ଲାଗି ଅପେକ୍ଷା କରି ରହିଛୁ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜଳ ସଙ୍କଟ ଦୂର କରିବା ଲାଗି ସ୍ୱେରେଜ ଜଳ ଟ୍ରିଟ୍‌ମେଣ୍ଟ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଦିଲ୍ଲୀର ସ୍ମିତା ସିଂଘଲ ଏ କ୍ଷେତ୍ରରେ କେଇପାଦ ଆଗକୁ ବଢ଼ିଛନ୍ତି। ସେ ସ୍ୱେରେଜ ଜଳକୁ ଶୁଦ୍ଧ ଜଳରେ ପରିଣତ କରୁଛନ୍ତି। ଏଥିଲାଗି 'ଆବ୍‌ସଲ୍ୟୁଟ ୱାଟର ପ୍ରାଇଭେଟ୍ ଲିମିଟେଡ' ପ୍ରତିଷ୍ଠା କରିଛନ୍ତି। ଉକ୍ତ କମ୍ପାନୀର ସୌରଚାଳିତ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଦ୍ୱାରା ଦିନକୁ ୧ ଲକ୍ଷ ଲିଟର ସ୍ୱେରେଜ ଜଳକୁ ଶୁଦ୍ଧ ଜଳରେ ପରିଣତ କରାଯାଉଛି। ସ୍ୱେରେଜ ଜଳରୁ ପ୍ରାପ୍ତ ଶୁଦ୍ଧ ଜଳକୁ ପିଇବା ଓ ରୋଷେଇ ପାଇଁ ବ୍ୟବହାର କରାଯାଉଛି। ଘରୋଇ, ଡ୍ରେନ୍, ଶିଳ୍ପ ସ୍ୱେରେଜ, ସ୍ୱେ ପଣ୍ଡ୍ ଓ ରୋଷେଇ ଘରର ବ୍ୟବହୃତ ପାଣିକୁ ଟ୍ରିଟ୍‌ମେଣ୍ଟ କରାଯାଉଛି। ସୌରଚାଳିତ ଏହି ପ୍ଲାଣ୍ଟରେ ଖୁବ୍ କମ୍ ଶକ୍ତି ଲାଗୁଛି ଓ ଏହା ଦ୍ୱାରା ଖର୍ଚ୍ଚ ମଧ୍ୟ କମ୍ ହେଉଛି। ସାଧାରଣ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ତୁଳନାରେ ଏହାର ଖର୍ଚ୍ଚ ଏକପଞ୍ଚମାଂଶ ରହୁଛି। ଦେଶର ସବୁ ବଡ଼ ସହରରେ ପର୍ଯ୍ୟାପ୍ତ ସ୍ୱେରେଜ ଜଳକୁ ଟ୍ରିଟ୍‌ମେଣ୍ଟ କରାଯାଇପାରିଲେ ଦେଶରେ ଜଳ ସଙ୍କଟ ବହୁମାତ୍ରାରେ କମ୍ ହୋଇପାରିବ ବୋଲି କହିଛନ୍ତି ସ୍ମିତା।

## ୨୫ ବର୍ଷ ତଳର ଧରିତ୍ରୀ

୩ ଏପ୍ରିଲ ୧୯୯୭

- ଦୁଇ ରାଷ୍ଟ୍ରର ମିଶ୍ରଣ ସମ୍ଭାବନାକୁ ହ୍ରାସ କରିବା ପାଇଁ ରୁଷିଆର ରାଷ୍ଟ୍ରପତି ବୋରିସ୍ ୟେଲଟସିନ ଓ ବେଲାରସ୍‌ର ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୁକାଶେଙ୍କୋଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ସିଂହଳୀ ସୈନ୍ୟଙ୍କ ଆକ୍ରମଣରେ ୪ଟି ଏଲ୍.ଟି.ଟି.ଇ. ବିଦ୍ରୋହୀ ବୋଟ୍ ଧ୍ୱଂସ ପାଇବା ସହ ୨୦ ବିଦ୍ରୋହୀ ନିହତ।
- ସାଂସ୍କୃତିକ, ଶିକ୍ଷା ଓ ତଥ୍ୟ ଆଦାନପ୍ରଦାନ, ବେସାମରିକ ବିମାନ ଚଳାଚଳ, କୃଷି ଏବଂ ସାର ପ୍ରକଳ୍ପ ପ୍ରତିଷ୍ଠା ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ନେଇ ଭାରତ ଓ ଓମାନ ମଧ୍ୟରେ ୭ଟି ଚୁକ୍ତି ସ୍ୱାକ୍ଷରିତ।

## ସୁଡୋକୁ

su|do|ku Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 7 | | | 8 | | | | | |
| 9 | | | | | | 1 | 2 | 6 |
| | | | | 5 | | | 3 | |
| | | | | | | | 4 | 3 |
| 1 | 3 | | | 7 | | 8 | | |
| 8 | | 9 | | | | | | |
| | | | | | 4 | 2 | | |
| 2 | 7 | 8 | 9 | | | | 6 | |
| 6 | | | 7 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 9 | 5 | 3 | 8 | 2 | 6 |
| 9 | 5 | 2 | 8 | 6 | 1 | 4 | 3 | 7 |
| 3 | 8 | 6 | 7 | 4 | 2 | 1 | 5 | 9 |
| 2 | 4 | 3 | 1 | 8 | 9 | 6 | 7 | 5 |
| 1 | 6 | 5 | 4 | 2 | 7 | 9 | 8 | 3 |
| 8 | 9 | 7 | 6 | 3 | 5 | 2 | 4 | 1 |
| 5 | 3 | 9 | 2 | 1 | 8 | 7 | 6 | 4 |
| 7 | 2 | 4 | 3 | 9 | 6 | 5 | 1 | 8 |
| 6 | 1 | 8 | 5 | 7 | 4 | 3 | 9 | 2 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଖବର ପ୍ରସାରଣକୁ ନେଇ ନିରପେକ୍ଷତା ରହୁ

ମହାଶୟ,

ଖବର ପ୍ରସାରଣରେ କୌଣସି ବ୍ୟବସାୟିକ ମନୋବୃତ୍ତି ରଖି ରାଜନୈତିକ ଦଳ କିମ୍ବା ନେତାଙ୍କ ଗୁଣଗାନ କରିବା, ଯୁଦ୍ଧ ସମୟରେ କେବଳ ଶକ୍ତିଶାଳୀ ଦେଶର ସଫଳତା ଉପରେ ପ୍ରଚାର ପ୍ରସାର କରିବା ପୂର୍ବରୁ ଗଣମାଧ୍ୟମ ସମୀକ୍ଷା କରିବା ଉଚିତ। ଆଜିର ସମୟରେ ଦେଶ ପାଇଁ ଗଣମାଧ୍ୟମଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କେବଳ ନିର୍ଭୀକ ନିରପେକ୍ଷ ଓ ସ୍ୱଷ୍ଟ ଖବର ପ୍ରସାରଣ କରିବାରେ। ଖବର ପରିବେଷଣ କରିବା ଜନସମ୍ପର୍କ ରକ୍ଷାର ଏକ ମାଧ୍ୟମ ଓ ମାର୍ଗଦର୍ଶକ। ୟୁକ୍ରେନ୍–ରୁଷିଆ ଯୁଦ୍ଧର ପ୍ରସାରଣ ବେଳେ ଗୋଟେ ଗୋଟେ ଟିଭି ଚ୍ୟାନେଲ ଅସ୍ତ୍ରଶସ୍ତ୍ରର ତୁଳନାତ୍ମକ ମାନକୁ ଦେଖାଇ ରୁଷିଆର ଅସ୍ତ୍ରଶସ୍ତ୍ର ଅପେକ୍ଷା ଆମେରିକା ଅସ୍ତ୍ରଶସ୍ତ୍ରକୁ ଉଚ୍ଚ ଗୁଣମାନର ବୋଲି ବର୍ଣ୍ଣନା କରୁଥିବା ଦେଖାଯାଉଛି। ଆମେରିକା ରାଷ୍ଟ୍ରପତି ବାଇଡେନ୍‌ଙ୍କ ରୁଷିଆ ଉପରେ ଆର୍ଥିକ ପ୍ରତିବନ୍ଧକ ଲଗାଉଥିବା ସମୟର ଭାଷଣ,ୟୁକ୍ରେନ୍‌କୁ ଆର୍ଥିକ ଓ ଅସ୍ତ୍ରଶସ୍ତ୍ର ଅନୁଦାନ କରୁଥିବାର ସମୟର ଦୃଶ୍ୟକୁ ବ୍ୟାପକ ଭାବେ ପ୍ରସାରଣ କରାଯାଉଛି। ସେହିପରି ଯୁଦ୍ଧ ଜନିତ କ୍ଷୟକ୍ଷତିକୁ ମଧ୍ୟ ପକ୍ଷପାତିତା କରିବାର ଦେଖାଯାଉଛି। ଯୁଦ୍ଧର ପ୍ରକୃତ କାରଣ ସମ୍ପର୍କରେ ଅବଗତ କରାଇବାରୁ ଦୂରେଇଯାଇଛନ୍ତି ଗଣମାଧ୍ୟମଗୁଡ଼ିକ। ଗୁରୁତ୍ୱପୂର୍ଣ୍ଣ ହେଉଛି, ୟୁକ୍ରେନ୍ ନାଗରିକମାନଙ୍କ ଅସ୍ତ୍ରଶସ୍ତ୍ର ଧାରଣ କରିବାକୁ ନେଇ ତାଇୱାନ ନାଗରିକମାନଙ୍କୁ ଚାଇନା ବିରୋଧରେ ପ୍ରେରଣା ଦେଉଥିବାର ଖବର ଦେଖିବାକୁ ମିଳୁଛି। ଏହା ଦୁର୍ଭାଗ୍ୟଜନକ ।

– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ୍ ଗଳି, ପୁରୀ

## ଚିରନ୍ତନୀ

ମୁଗ୍ଧ ଲୀଟ କୁସୁମେ କରେ
ଗୁଞ୍ଜନ ହେ ଗୁଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ!
(ପଉଷ ସନ୍ଧ୍ୟା)

–କାଳିନ୍ଦୀଚରଣ ପାଣିଗ୍ରାହୀ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# BUSINESS EMINENCE AWARDS





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ୍‌ରେ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ' କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ମୁଖ୍ୟ ଅତିଥି ଓଡ଼ିଶା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ନିକଟରେ ଅଛନ୍ତି ମୁଖ୍ୟବକ୍ତା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଚେୟାରମ୍ୟାନ୍ ନବୀନ ଜିନ୍ଦଲ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ




ମୁଖ୍ୟବକ୍ତା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଉଦ୍‌ବୋଧନ ଦେଉଛନ୍ତି



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ସ୍ୱାଗତ ଭାଷଣ ଦେଉଛନ୍ତି



ଓଡ଼ିଶା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଧନ୍ୟବାଦ ଜଣାଉଛନ୍ତି

## ପ୍ରାୟୋଜକଙ୍କୁ ସମ୍ବର୍ଦ୍ଧନା



ଏମ୍‌ଜିଏମ୍ ମିନେରାଲ୍ସ ଲିଃ



ବେଦାନ୍ତ



ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍



ନାଲ୍‌କୋ



ଇମ୍ଫା



ଜେଏସ୍‌ଏଲ୍



ପିପିଏଲ୍



ଟିମ୍ ଆଡ୍‌ମାର୍କ



ଏଚ୍‌ଡିଏଫ୍‌ସି ବ୍ୟାଙ୍କ










ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ କାର୍ଯ୍ୟକ୍ରମରେ ଉପସ୍ଥିତ ଗଣ୍ୟମାନ୍ୟ ବ୍ୟକ୍ତି



ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଚେୟାରମ୍ୟାନ୍ ନବୀନ ଜିନ୍ଦଲଙ୍କୁ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ କରିବା ବେଳର ଏକ ବିଶେଷ ମୁହୂର୍ତ୍ତ



ମୁଖ୍ୟ ଅତିଥି ଓଡ଼ିଶା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସହ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଆଲୋଚନାରତ



ଆୱାର୍ଡ ସହ ଡିପିଏସ୍ କଳିଙ୍ଗର ପ୍ରୋ ଭାଇସ୍ ଚେୟାରପର୍ସନ ମାଳା ମିଶ୍ର ଓ ସହକର୍ମୀମାନେ

ଧରିତ୍ରୀ
DHARITRI
Sunday, April 3/2022

## ‘ଟାଟା ପ୍ଲେ’ ମୂଲ୍ୟ ହ୍ରାସ

**ନୂଆଦିଲ୍ଲୀ:** ଚଳିତ ମାସ ପ୍ରଥମ ସପ୍ତାହରୁ ଟାଟା ପ୍ଲେ ନିଜର ସେଟ୍ ଟପ୍ ବକ୍ସ (ଏସଟିବି) ର ମୂଲ୍ୟ ହ୍ରାସ ସମ୍ପର୍କରେ ଘୋଷଣା କରିଛି। ବର୍ତ୍ତମାନ କମ୍ପାନୀ ନୂତନ ଗ୍ରାହକଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଅନେକ ଗୁଡିଲ ଯୋଜନା ଓ ଆକର୍ଷଣୀୟ ଅଫର ପ୍ରଦାନ କରିଚାଲିଛି। ଟାଟା ପ୍ଲେ ନିଜର ଏଚ୍‌ଡି ଏବଂ ଏସ୍‌ଡି ଏସଟିବି ମୂଲ୍ୟରେ ୨୦୦ଟଙ୍କାରୁ ଅଧିକ କମ କରିଛନ୍ତି। ଏ ସେମ୍ପର୍କରେ ମଧ ବିସ୍ତୃତ ସୂଚନା କମ୍ପାନୀର ୱେବସାଇଟରେ ଉଲ୍ଲେଖ କରାଯାଇଛି। ଏଚଡି ସେଟ୍-ଟପ୍ ବକ୍ସର ମୂଲ୍ୟ ବର୍ତ୍ତମାନ ୧୮୯୯ ଟଙ୍କା ପରିବର୍ତ୍ତେ ୧୬୯୯ ଟଙ୍କା ଏବଂ ଏଚଡି ସେଟ୍ ଟପ୍ ବକ୍ସର ଦାମ ୧୬୯୯ ଟଙ୍କା ବଦଳରେ ୧୪୯୯ ଟଙ୍କା ହୋଇଛି। ସେହିପରି ଏହାର ବିଙ୍ଗ+ବକ୍ସର ଦାମ ୨୪୯୯ ଟଙ୍କା ରହିଛି।



### ସଂକ୍ଷେପରେ

## ଏଚ୍‌ଏଏଲ୍ ପକ୍ଷରୁ ୨୪,୦୦୦ କୋଟି ରାଜସ୍ୱ ସଂଗ୍ରହ

**ନୂଆଦିଲ୍ଲୀ,୨।୪:** ରାଷ୍ଟ୍ରାୟତ୍ତ କମ୍ପାନୀ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍) ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୨୪,୦୦୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି। ଏହି ରାଜସ୍ୱ ସଂଗ୍ରହ ହାର ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୦-୨୧ ଅପେକ୍ଷା ୬% ଅଧିକ ରହିଛି। ପୂର୍ବ ବର୍ଷ ଏଚ୍‌ଏଏଲ୍ ୨୨,୭୫୫ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଥିଲା। ତେବେ ଏହି ରାଜସ୍ୱ ସଂଗ୍ରହକୁ କମ୍ପାନୀର ସର୍ବକାଳୀନ ଅଧିକ ରାଜସ୍ୱ ସଂଗ୍ରହ ବୋଲି ସୂଚନା ଦେବା ସହିତ ଏଚ୍‌ଏଏଲ୍ ଅଧକ୍ଷ ଆର୍. ମାଧବନ୍ କହିଛନ୍ତି, ଗତ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ କୋଭିଡ୍ ପରିସ୍ଥିତି ଯୋଗୁ ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜ ସତ୍ତ୍ୱେ କମ୍ପାନୀ ନିଜ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ ହାସଲ କରିପାରିଛି।

## ପୂରଣ ହୋଇ ନ ପାରେ କ୍ୟାପେକ୍ସ ଟାର୍ଗେଟ୍

**ନୂଆଦିଲ୍ଲୀ,୨।୪:** ସରକାରଙ୍କ ପକ୍ଷରୁ ପୁଞ୍ଜିଗତ ବ୍ୟୟ (କ୍ୟାପେକ୍ସ) ଦ୍ୱାରା ଆର୍ଥିକ ଭରଣା ଉପରେ ପ୍ରାଥମିକତା ଦିଆଯିବା ସତ୍ତ୍ୱେ ଶେଷ ହୋଇଥିବା ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ନିଜ କ୍ୟାପେକ୍ସ ଟାର୍ଗେଟ୍ ପୂରଣ ନ କରିପାରିବା ସମ୍ଭାବନା ରହିଛି। ବ୍ୟୟ ପାଇଁ ଆବଣ୍ଟନ କରାଯାଇଥିବା ୬ ଟ୍ରିଲିଅନ୍‌ରୁ ଫେବୃୟାରୀ ସୁଦ୍ଧା ମାତ୍ର ୮୦.୬% ଖର୍ଚ୍ଚ ହୋଇଥିବା ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ଦେଖାଦେଇଥିବା କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟ୍ସ ଡାଟା ପକ୍ଷରୁ ଦର୍ଶାଯାଇଛି। ତେବେ ଡିସେମ୍ବରର ମାସିକ କ୍ୟାପେକ୍ସ ଖର୍ଚ୍ଚ ୧.୨ ଟ୍ରିଲିଅନ୍‌ରେ ପହଞ୍ଚିଥିବା ବେଳେ ଏହାର ଏକ ମାସ ପରେ ଅର୍ଥାତ୍ ଫେବୃୟାରୀରେ ଏହା ବହୁମାତ୍ରାରେ ହ୍ରାସ ପାଇ ୪୩,୪୯୫ କୋଟି ଟଙ୍କା ବ୍ୟୟ ପର୍ଯ୍ୟନ୍ତ ସୀମିତ ରହିଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କ୍ୟାପେକ୍ସ ଲକ୍ଷ୍ୟ ପୂରଣ ପାଇଁ ମନ୍ତ୍ରଣାଳୟ ଏବଂ ବିଭିନ୍ନ ବିଭାଗ ଉପରେ ଜୋର୍ ଦିଆଯାଉଛି।

# ରାଜ୍ୟର ଜିଏସ୍‌ଟି ସଂଗ୍ରହରେ ୪୯% ବୃଦ୍ଧି

**କଟକ,୨।୪**




ରାଜ୍ୟରେ କ୍ରମାଗତ ଭାବେ ଜିଏସ୍‌ଟି ସଂଗ୍ରହ ବୃଦ୍ଧି ପାଉଥିବା ଓଡ଼ିଶା ସରକାରଙ୍କ ବାଣିଜ୍ୟକର ଏବଂ ଜିଏସ୍‌ଟି କମିଶନରେଟ୍ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ ମାର୍ଚ୍ଚରେ ଓଡ଼ିଶାର ମୋଟ୍ ଜିଏସ୍‌ଟି ସଂଗ୍ରହ ୪୧୨୪.୬୬ କୋଟି ଟଙ୍କା ହୋଇଛି। ପୂର୍ବ ବର୍ଷ ଅର୍ଥାତ୍ ୨୦୨୧ରେ ରାଜ୍ୟର ମୋଟ୍ ଜିଏସ୍‌ଟି ସଂଗ୍ରହ ୩୨୮୫.୨୯ କୋଟି ଥିବା ବେଳେ ଚଳିତଥର ଏଥିରେ ୨୬% ଅଭିବୃଦ୍ଧି ଘଟିଛି। ଏହାଛଡ଼ା ୨୦୨୨ ମାର୍ଚ୍ଚରେ ରାଜ୍ୟ ଜିଏସ୍‌ଟି ବାବଦକୁ ୧୩୫୧.୨୫ କୋଟି ଟଙ୍କା ସଂଗ୍ରହ ହୋଇଥିବା ବେଳେ ପୂର୍ବ ବର୍ଷ ମାର୍ଚ୍ଚରେ ଏହା ୯୫୪.୬୨ କୋଟି ଟଙ୍କା ଥିଲା। ଫଳରେ ୨୦୨୨ ମାର୍ଚ୍ଚରେ ଜିଏସ୍‌ଟି ସଂଗ୍ରହ ୨୦୨୧ ବର୍ଷଠାରୁ ୪୨% ବୃଦ୍ଧି ପାଇଛି। ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ରାଜ୍ୟ ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ଏହା ହେଉଛି ଓଡ଼ିଶାର ସର୍ବାଧିକ ସଂଗ୍ରହ।

୨୦୨୦-୨୧ ଆର୍ଥିକ ବର୍ଷ ସହ ୨୦୨୧-୨୨ ଆର୍ଥିକ ବର୍ଷକୁ ତୁଳନା କରାଗଲେ ଗତ ଆର୍ଥିକ ବର୍ଷର ମୋଟ୍ ଜିଏସ୍‌ଟି ସଂଗ୍ରହରେ ୪୯% ଅଭିବୃଦ୍ଧି ଘଟିଛି। ୨୦୨୦-୨୧ରେ ୨୯,୮୫୨.୭୬ କୋଟି ଟଙ୍କାର ମୋଟ୍ ଜିଏସ୍‌ଟି ସଂଗ୍ରହ କରାଯାଇଥିବା ବେଳେ ପରବର୍ତ୍ତୀ ତଥା ଗତ ଆର୍ଥିକ ବର୍ଷରେ ଏହା ୪୪,୩୩୪.୬୭ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ୍ ଜିଏସ୍‌ଟି ସଂଗ୍ରହ ପରିମାଣ ୨୯,୬୮୬.୩୨ କୋଟି ଥିଲା।

ଏହାଛଡ଼ା ୨୦୨୧-୨୨ରେ ରାଜ୍ୟ ଜିଏସ୍‌ଟି ବାବଦକୁ ୧୨,୭୪୩.୦୧ କୋଟି ଟଙ୍କା ସଂଗୃହୀତ ହୋଇଥିବା ବେଳେ ପୂର୍ବ ବର୍ଷ ଏ କ୍ଷେତ୍ରରେ ସଂଗ୍ରହ ପରିମାଣ ୮,୨୯୨.୧୫କୋଟି ଟଙ୍କା ଥିଲା। ଫଳରେ ଏ କ୍ଷେତ୍ରରେ ଗତ ଆର୍ଥିକ ବର୍ଷରେ ୫୪% ବୃଦ୍ଧି ଘଟିଛି। ସେହିପରି ୨୦୧୯-୨୦ ରେ ରାଜ୍ୟ ଜିଏସ୍‌ଟି ସଂଗ୍ରହ ପରିମାଣ ୮,୭୨୨ କୋଟି ଟଙ୍କା ଥିଲା।

## ବିଜିୟୁର ୬ଷ୍ଠ ପ୍ରତିଷ୍ଠା ଦିବସ ପାଳିତ



**ଭୁବନେଶ୍ୱର,୨।୪**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ୬ଷ୍ଠ ପ୍ରତିଷ୍ଠା ଦିବସ ସହ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟର ଡାଇରେକ୍ଟର ଜେନେରାଲ ପ୍ରଖ୍ୟାତ ଶିଳ୍ପୀ ଅଦ୍ୱୈତ ଗଡ଼ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠା ଦିବସ ସମ୍ଭାଷଣ ପ୍ରଦାନ କରି କହିଥିଲେ, ଦେଶର ବିଶାଳ ସଂସ୍କୃତିର ବିଭିନ୍ନ ଦିଗ ଏବଂ ପଥର ଖୋଦିତ କଳାକୃତି ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ନିର୍ମାଣ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଳ୍ପୀ ନିବେଦିତା ମିଶ୍ର ଶିବ ଓ ଶକ୍ତିଙ୍କ ଉପରେ ନିଜର ଧାରଣା ବାଣ୍ଟିଥିଲେ। ସେହିଭଳି ବିଜିୟୁ କୁଳପତି ପ୍ରଫେସର ପି.ପି. ମାଥୁର ତାଙ୍କ ସ୍ୱାଗତ ସମ୍ଭାଷଣରେ ବିଜିୟୁର ପ୍ରତିଷ୍ଠାତା ସ୍ୱର୍ଗତ ବି.କେ. ବିର୍ଲା ଏବଂ ସ୍ୱର୍ଗତ ସାରଳା ବିର୍ଲାଙ୍କର କଳା ଓ ସ୍ଥାପତ୍ୟ ଓ ଶିକ୍ଷା କ୍ଷେତ୍ରରେ ଥିବା ଅବଦାନ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ପରିଶେଷରେ ବିଜିୟୁ ରେଜିଷ୍ଟ୍ରାର ବି.କେ. ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୋଡା ଅଟୋର ମାସିକ ବିକ୍ରିରେ ସର୍ବାଧିକ ରେକର୍ଡ

**ନୂଆଦିଲ୍ଲୀ,୨।୪**

- ୨୦୨୨ ମାର୍ଚ୍ଚରେ ୫,୬୦୮ ୟୁନିଟ୍ ବିକ୍ରି ପଞ୍ଜୀକରଣ
- ପୂର୍ବ ବର୍ଷ ସମାନ ଅବଧିରେ ପ୍ରାୟ ୫ଗୁଣ ବୃଦ୍ଧି
- ତ୍ରୈମାସିକରେ ୧୩,୧୨୦ ୟୁନିଟ୍ ବିକ୍ରି ସହ ରେକର୍ଡ

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ସ୍କୋଡା ଅଟୋ ଇଣ୍ଡିଆ’ର ମାସିକ ବିକ୍ରିରେ ସର୍ବାଧିକ ରେକର୍ଡ କରିଥିବା ଜଣାପଡ଼ିଛି। କମ୍ପାନୀ ୨୦୨୨ ମାର୍ଚ୍ଚରେ ବିକ୍ରି ସହିତ ସ୍କୋଡା ଅଟୋ ଇଣ୍ଡିଆ ପ୍ରକ୍ଷେପ ବକ୍ର ଲଗାତର ବୃଦ୍ଧି ପାଇ ୫,୬୦୮ ୟୁନିଟ ସହ ରେକର୍ଡ ଭାଙ୍ଗିବା ଉଚ୍ଚତାରେ ପହଞ୍ଚିଛି। କମ୍ପାନୀ ଭାରତରେ ୨ ଦଶନ୍ଧି ଧରି ବ୍ୟବସାୟ କରିଆସୁଛି। ହେଲେ ଏହାର ଇତିହାସରେ ସ୍କୋଡା ଅଟୋ ଦ୍ୱାରା ଏହା ଏକ ମାସ ମଧରେ ସର୍ବାଧିକ ବିକ୍ରି ପରିମାଣ ବୋଲି କୁହାଯାଉଛି। କମ୍ପାନୀର ବର୍ଷକୁ ବର୍ଷ ବିକ୍ରି ତୁଳନାରେ ମାର୍ଚ୍ଚ ୨୦୨୧ରେ ବିକ୍ରି ହୋଇଥିବା ୧,୧୫୯ ୟୁନିଟ୍ ତୁଳନାରେ ମାର୍ଚ୍ଚ ୨୦୨୨ରେ ବିକ୍ରି ପ୍ରାୟ ୫ ଗୁଣ ବୃଦ୍ଧି ପାଇଛି ।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜେକ୍ ହଲିସ କହିଛନ୍ତି, କମ୍ପାନୀର ଇଣ୍ଡିଆ ୨.୦ ପ୍ରକଳ୍ପର ସଫଳ ରୋଲ୍ ଆଉଟ ସୁନିଶ୍ଚିତ କରିବା ପାଇଁ ସମଗ୍ର ଦଳର ମିଳିତ ପ୍ରୟାସ ଫଳପ୍ରଦ ହେଉଛି । ଏହି ପ୍ରକଳ୍ପ କେବଳ ନୂତନ ପ୍ଲାଟ୍‌ଫର୍ମ ଏବଂ ଉତ୍ପାଦ ବିଷୟରେ ନୁହେଁ ବରଂ ଆମର ବ୍ୟବସାୟ ପ୍ରକ୍ରିୟାର ଏକ ସମ୍ପୂର୍ଣ୍ଣ କାୟାକଳ୍ପ । ଏହାର ମାଲିକାନା ଅଭିଜ୍ଞତାକୁ ବଢ଼ାଇବା ସହ ଆମର ନେଟ୍‌ୱାର୍କର ପ୍ରସାରକୁ ବୃଦ୍ଧି କରିବା, ଗ୍ରାହକଙ୍କ ନିକଟତର ହେବା ଏବଂ ବିଭିନ୍ନ ମୂଲ୍ୟ ବର୍ଦ୍ଧିତ ସେବା ଯାହା ସ୍କୋଡାର ମାଲିକାନାରୁ ମିଳିଥିବା ଏକ ଆନନ୍ଦଦାୟକ ଅନୁଭୂତି । ବ୍ରାଣ୍ଡକୁ ନୂତନ ଉଚ୍ଚତାକୁ ନେବାକୁ ଆମେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଯେହେତୁ ଭାରତ ବୈଶ୍ୱିକ ସ୍ତରରେ ସ୍କୋଡା ଅଟୋ ପାଇଁ ଏକ ପ୍ରମୁଖ ବଜାର ପାଲଟିଛି । ଜାନୁୟାରୀରୁ ମାର୍ଚ୍ଚ ୨୦୨୨ମଧରେ ବ୍ରାଣ୍ଡ ଗ୍ରାହକଙ୍କୁ ୧୩,୧୨୦ ଗାଡ଼ି ବିକ୍ରି କରିଥିଲା। ୨୦୨୧ରେ ସମାନ ଅବଧିରେ ସ୍କୋଡା ଅଟୋ ଇଣ୍ଡିଆ ୩,୦୧୬ ୟୁନିଟ୍ ବିକ୍ରି କଲା। ଏହା ଫଳରେ ୪ଗୁଣରୁ ଅଧିକ ବୃଦ୍ଧି ଘଟିଲା । ଇଣ୍ଡିଆ ୨.୦ ପ୍ରକଳ୍ପର ସଫଳ ରୂପାୟନ ଉତ୍ପାଦର ପୂରା ଶୃଙ୍ଖଳାରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରି ଏକ ବଡ଼ ପ୍ରୋତ୍ସାହନ ଯୋଗାଉଛି।

୨୦୨୧ ଏବଂ ୨୦୨୨ର ପ୍ରଥମ ତ୍ରୈମାସିକରେ ଏହାର ଡିଲର ନେଟ୍‌ୱାର୍କ ଦୃଷ୍ଟିରୁ ସ୍କୋଡା ଅଟୋର ବିସ୍ତାର ଏବଂ ପ୍ରବେଶ ମଧ ଅଭିବୃଦ୍ଧିକୁ ଇନ୍ଧନ ଯୋଗାଇଛି ।

## ପ୍ରତ୍ୟକ୍ଷ କର ସଂଗ୍ରହ ୪୯% ବୃଦ୍ଧି

**ନୂଆଦିଲ୍ଲୀ,୨।୪**

ପୂର୍ବ ଆର୍ଥିକ ବର୍ଷ ଶେଷ ସାଙ୍ଗକୁ ନୂତନ ଆର୍ଥିକ ବର୍ଷର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆୟକର ମନ୍ତ୍ରଣାଳୟ ଏକ ନୂଆ ଉପଲବ୍ଧି ହାସଲ କରିଛି। ବିଶେଷକରି ଆୟକର ଏବଂ ନିଗମ କର ସମେତ ପ୍ରତ୍ୟକ୍ଷ କର ସଂଗ୍ରହର ସମସ୍ତ ରେକର୍ଡ ଭାଙ୍ଗିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ସମସ୍ତ କର ସଂଗ୍ରହ ୧୩.୮୧ ଟ୍ରିଲିଅନରେ ପହଞ୍ଚିଛି। ବିଶେଷ ଭାବରେ ଲୋ’ବେସ୍ ପ୍ରଭାବ କାରଣରୁ ଏହି ସଂଗ୍ରହ ହାର ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୦-୨୧ ତୁଳନାରେ ୪୯% ବୃଦ୍ଧି ଘଟିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ମୋଟ୍ ସଂଗ୍ରହ ୯.୨୩ ଟ୍ରିଲିଅନ ରହିଥିଲା। ଏପରିକି ୨୦୨୧-୨୨ରେ କୋଭିଡ୍ ମହାମାରୀ ପ୍ରଭାବିତ ହୋଇ ନ ଥିବା ୨୦୧୮-୧୯ ଏବଂ ୨୦୧୯-୨୦ ଆର୍ଥିକ ବର୍ଷ ଅପେକ୍ଷା ଯଥାକ୍ରମେ ୩୪% ଏବଂ ୨୩% କର ସଂଗ୍ରହ ହୋଇଛି।

## ଟୟୋଟାର ପ୍ରିମିୟମ ହିଲକ୍ସ ମୂଲ୍ୟ ଘୋଷଣା

**ନୂଆଦିଲ୍ଲୀ,୨।୪**

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଏହାର ଆଇକନିକ ହିଲକ୍ସର ମୂଲ୍ୟ ଘୋଷଣା କରାଯାଇଛି। କମ୍ପାନୀ ଏହାର ୱାନ୍ ନେଶନ ୱାନ୍ ପ୍ରାଇସ୍ ଅନ୍ତର୍ଗତ ୩୩,୯୯,୦୦୦ ଟଙ୍କା ରଖାଯାଇଥିବା ବେଳେ ଏହା ୪/୪ ଏମ୍‌ଟି ଷ୍ଟାଣ୍ଡାର୍ଡର ଏକ୍ସ ଶୋରୁମ୍ ମୂଲ୍ୟ ବୋଲି କୁହାଯାଇଛି। ଚଳିତ ବର୍ଷପ୍ରାରମ୍ଭରେ ବଜାର ପ୍ରବେଶ ହୋଇଥିବା ହିଲକ୍ସିସ ଏକ ଅବିଶ୍ୱସନୀୟ ୟୁଟିଲିଟି ଯାନ ଭାବେ ଗ୍ରହଣୀୟ ହୋଇଛି। ଏହା ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ରହିଛି। ଏହାର ୪/୪ ଏମ୍‌ଟି ଷ୍ଟାଣ୍ଡାର୍ଡର ମୂଲ୍ୟ ୩୩,୯୯,୦୦୦ଟଙ୍କା ଥିବାବେଳେ ୪/୪ ଏମ୍‌ଟି ହାଇର ମୂଲ୍ୟ ୩୫,୮୦,୦୦୦ ଟଙ୍କା ଏବଂ ୪/ ୪ ଏଟି ହାଇର ମୂଲ୍ୟ ୩୬,୮୦,୦୦୦ଟଙ୍କା ରହିଛି ବୋଲି ସୂଚନା ମିଳିଛି।

ଏ ସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟରର କାର୍ଯ୍ୟନିର୍ବାହୀ ଉପସଭାପତି ତାଦାସି ଆସାଜୁମା କହିଛନ୍ତି, କମ୍ପାନୀ ହିଲକ୍ସର ମୂଲ୍ୟ ଘୋଷଣା କରିଥିବାରୁ ଆମେ ବେଶ୍ ଆନନ୍ଦିତ। ଏହାର ବଜାର ପ୍ରବେଶଠାରୁ ଅତ୍ୟାଧୁନିକ ହିଲକ୍ସ ଭଲ ପ୍ରତିକ୍ରିୟା ସହିତ ଗ୍ରାହକଙ୍କ ପ୍ରଶଂସା ଏବଂ ହୃଦୟ ଜିତିବାରେ ସଫଳ ହୋଇଛି। ଆମର ଗ୍ରାହକ ପ୍ରଥମ ଆଭିମୁଖ୍ୟ ସହିତ ଲୋକଙ୍କ ଜୀବନଶୈଳୀରୁ ପ୍ରେରଣା ଆଣିବା। ହିଲକ୍ସ ବ୍ରାଣ୍ଡ ଉପରେ ସେମାନଙ୍କର ଆତ୍ମବିଶ୍ୱାସ ରହିଥିବାରୁ ଆମେ ଆମର ମୂଲ୍ୟବାନ୍ ଗ୍ରାହକଙ୍କୁ କୃତଜ୍ଞତା ଜଣାଉଛୁ। ଟୟୋଟା ହିଲକ୍ସ ହେଉଛି ବିଶ୍ୱସ୍ତରୀୟ ଇଞ୍ଜିନିୟରିଂ, ଅପୂର୍ବ ନିରାପତ୍ତା ଏବଂ ଶ୍ରେଷ୍ଠ ଶ୍ରେଣୀର ଆରାମଦାୟକ ଯାନ। ଏହା ଦୁଃସାହସିକ, ରୋମାଞ୍ଚକର ଏବଂ ବନ୍ଧୁ ଏବଂ ପରିବାର ସହିତ ଚିରସ୍ଥାୟୀ ସ୍ମୃତି ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ପାଇଁ ବେଶ୍ ଉପଯୋଗୀ।

### ଫୁର୍‌ସତ୍

## ୱେବ୍‌ସାଇଟ୍ ହ୍ୟାକ୍ କରି ହଜିଥିବା ଲଗେଜ୍ ଠାବ

**ବେଙ୍ଗାଲୁରୁ**

ପ୍ରତ୍ୟେକ ଦିନ ଅଜବ ଘଟଣା ସବୁ ଘଟୁଛି। ସେଥିରୁ କିଛି ଲୋକଙ୍କ ଆଖିରେ ପଡୁଥିବାବେଳେ କିଛି ଘଟଣା ଲୋକଲୋଚନକୁ ଆସିପାରୁ ନାହିଁ। ଏମିତି ଏକ ଅଜବ ଘଟଣା ଘଟାଇଛନ୍ତି ବେଙ୍ଗାଲୁରୁର ଜଣେ ସଫ୍ଟୱେର୍ ଇଞ୍ଜିନିୟର। ଇଣ୍ଡିଗୋ ଫ୍ଲାଇଟ୍ ଜରିଆରେ ଆନନ୍ଦ କୁମାର ନାମକ ଜଣେ ଯୁବ ଇଞ୍ଜିନିୟର ପାଟଣାରୁ ବେଙ୍ଗାଲୁରୁ ଆସିଥିଲେ। ବିମାନ ଯାତ୍ରାବେଳେ ଆନନ୍ଦଙ୍କ ଲଗେଜ ହଜିଯାଇଥିଲା। ଭୁଲ୍‌ବଶତଃ ଆଉ ଜଣେ ଯାତ୍ରୀ ତାଙ୍କ ଲଗେଜ୍ ନେଇଯାଇଥିଲେ। ଆନନ୍ଦ ଏହାର ସୂଚନା ଇଣ୍ଡିଗୋ କଷ୍ଟମର କେୟାରକୁ ଫୋନ୍ କରି ଜଣାଇବାରୁ ସେମାନେ ତୁରନ୍ତ ଏହାର ସମାଧାନ କରିବେ ବୋଲି ଆନନ୍ଦଙ୍କୁ ପ୍ରତିଶ୍ରୁତି ଦେଲେ। କିଛିଦିନ ବିତିଯାଇଥିଲେ ମଧ କଷ୍ଟମର କେୟାରରୁ ଆନନ୍ଦଙ୍କ ପାଖକୁ କୌଣସି କଲ୍ ଆସି ନ ଥିଲା, ଯାହାପରେ ସେ ଇଣ୍ଡିଗୋ ୱେବ୍ ସାଇଟ୍ ହ୍ୟାକ୍ କରିଥିଲେ। ଫଳସ୍ୱରୂପ ତାଙ୍କ ଲଗେଜ୍ ନେଇଥିବା ବ୍ୟକ୍ତି ଜଣଙ୍କୁ ମଧ ସେ ଚିହ୍ନଟ କରିବାରେ ସଫଳ ହେଲେ ଏବଂ ତାଙ୍କ ଲଗେଜ୍ ମଧ ପାଇଗଲେ। ଟୁଇଟର ଜରିଆରେ ଆନନ୍ଦ ସମ୍ପୂର୍ଣ୍ଣ ଘଟଣା ଏକ ପୋଷ୍ଟ ମାଧ୍ୟମରେ ଶେୟାର କରିଛନ୍ତି। ଏହାପରେ ତ୍ରୁଟି ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷ ତାଙ୍କୁ କ୍ଷମା ମାଗିଛନ୍ତି।





## ଇମ୍ରାନ୍ ୨୧୩ ଥର କହିଲେ ‘ମୁଁ, ମୋତେ, ମୋର’

**ଇସଲାମାବାଦ**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଏକ ଭିଡିଓ ସୋସିଆଲ ମିଡିଆ ୟୁଜରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଗୁରୁବାର ପାକିସ୍ତାନବାସୀଙ୍କୁ ସମ୍ବୋଧନ କରିବା ସମୟରେ ଇମ୍ରାନ୍ ‘ମେ, ମୁଝେ ଔର ମେରା’ ଅର୍ଥାତ୍ ‘ମୁଁ, ମୋତେ ଓ ମୋର’ ୨୧୩ଥର ଉଚ୍ଚାରଣ କରିଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ଜଣେ ସ୍ଥାନୀୟ ଖବରଦାତା। ଜାରି ହୋଇଥିବା ଭିଡିଓରେ ଇମ୍ରାନ ମୁଁ, ମୋତେ ମୋର କହିବା ସହ ଖବରଦାତା ଜଣକ ଶବ୍ଦଗୁଡ଼ିକୁ ଗଣୁଥିବା ଦେଖିବାକୁ ମିଳିଛି।

## ‘ଆନିମଲ୍’ରେ ରଶ୍ମିକା

**ମୁମ୍ବାଇ:** ନ୍ୟାଶନାଲ କ୍ରସ୍ ରଶ୍ମିକା ମନ୍ଦାନାଙ୍କୁ ଗୋଟିଏ ପରେ ଗୋଟିଏ ବଲିଉଡ୍ ଫିଲ୍ମର ଅଫର ମିଳିବାରେ ଲାଗିଛି। ଆଗାମୀ ଦିନରେ ରଶ୍ମିକା ହିନ୍ଦୀ ଫିଲ୍ମ ‘ଆନିମଲ୍’ରେ ଦେଖାଯିବେ। ସୁପରହିଟ୍ ଫିଲ୍ମ ‘ପୁଷ୍ପା’ ଫେମ୍ ରଶ୍ମିକା ଫିମେଲ୍ ଲିଡରେ ଥିବାବେଳେ ତାଙ୍କ ବିପକ୍ଷରେ ଅଭିନୟ କରିବେ ବଲିଉଡ୍‌ର ଚକ୍‌ଲେଟ୍ ହିରୋ ରଣବୀର କପୁର। ଶନିବାର ଏ ନେଇ ଫିଲ୍ମର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗା ସୂଚନା ଦେଇଛନ୍ତି। ବହୁଚର୍ଚ୍ଚିତ ତେଲୁଗୁ ଫିଲ୍ମ ‘ଅର୍ଜୁନ ରେଡ୍ଡି’ର ନିର୍ଦ୍ଦେଶନା ଦେଇ ସନ୍ଦୀପ ଲୋକଲୋଚନକୁ ଆସିଥିଲେ। ଆନିମଲ୍ ତାଙ୍କର ପ୍ରଥମ ହିନ୍ଦୀ ଫିଲ୍ମ ହେବାକୁ ଯାଉଛି । ଏହି କ୍ରାଇମ୍ ଡ୍ରାମା ଫିଲ୍ମର ହିରୋଇନ୍ ଭାବେ ପରିଣୀତିଙ୍କୁ ସାଇନ୍ କରାଯାଇଥିଲା। କିନ୍ତୁ କୌଣସି କାରଣବଶତଃ ସେ ଫିଲ୍ମରେ କାମ କରିବାକୁ ମନା କରି ଦେଇଥିଲେ, ପରେ ତାଙ୍କ ଜାଗାରେ ରଶ୍ମିକାଙ୍କୁ ଏହି ଫିଲ୍ମ ଅଫର ଦିଆଯାଇଥିଲା। ‘ମିଶନ୍ ମଜ୍‌ନୁ’ ଜରିଆରେ ରଶ୍ମିକା ବଲିଉଡ୍‌ରେ ଡେବ୍ୟୁ କରିସାରିଛନ୍ତି। ଆସନ୍ତା ଜୁନ୍ ୧୦ରେ ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବ। ଫିଲ୍ମରେ ରଶ୍ମିକା ଓ ସିଦ୍ଧାର୍ଥ ମାଲହୋତ୍ରା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ।



## ପ୍ଲାଜ୍‌ମା ବିକି ବୁଲୁଛନ୍ତି ଡିଜ୍‌ନୀ ଲ୍ୟାଣ୍ଡ





**ୱାଶିଂଟନ୍:** ଫିଲାଡେଲ୍‌ଫିଆର ୨୮ ବର୍ଷୀୟା ଲିଜ୍ ଗ୍ରାମଲିଚ୍ ନାମ୍ନୀ ଜଣେ ମହିଳା ଡିଜ୍‌ନୀ ୱାର୍ଲ୍ଡର ମାୟାରେ ପଡିଛନ୍ତି। ସେ ନିଜ ପ୍ଲାଜ୍‌ମା ବିକ୍ରି କରି ନିଜ ଭଉଣୀଙ୍କ ସହିତ ପ୍ରତି ମାସରେ ଅର୍ଲାଣ୍ଡୋସ୍ଥିତ ଡିଜ୍‌ନୀ ୱାର୍ଲ୍ଡ ବୁଲିବାକୁ ଯାଉଛନ୍ତି। ଫକ୍ସ ନ୍ୟୁଜ ଅନୁଯାୟୀ, ପ୍ଲାଜ୍‌ମା ସମ୍ପର୍କରେ ଯୁକ୍ତି କରି ଗ୍ରାମଲିଚ୍ କହିଛନ୍ତି ଯେ, ଏହା ଦ୍ୱାରା ସେ ପରର ଉପକାର କରୁଛନ୍ତି। ସୂଚନା ଅନୁଯାୟୀ, ଗ୍ରାମଲିଚ୍ ୨୦୨୨ ମସିହା ଜାନୁୟାରୀ, ଫେବୃୟାରୀ ଏବଂ ମାର୍ଚ୍ଚରେ ଭଉଣୀଙ୍କ ସହ ଡିଜ୍‌ନୀ ୱାର୍ଲ୍ଡ ବୁଲି ସାରିଛନ୍ତି। ଏହାସହ ସେ ଏପ୍ରିଲ ମାସ ପାଇଁ ମଧ ଆଗରୁ ଟିକେଟ୍ ବୁକ କରିଛନ୍ତି। ତାଙ୍କ ଡିଜନୀ ୱାର୍ଲ୍ଡ ବୁଲିବା ବିମାନ ଦର ଉପରେ ନିର୍ଭର କରୁଛି। କାରଣ ଯେତେବେଳେ ବିମାନ ଦର କମ୍ ଥାଏ। ସେତେବେଳେ ଗ୍ରାମଲିଚ୍ ସେଠାକୁ ବୁଲିବାକୁ ଯାଇଥାନ୍ତି। ବୁଲିବା ଅର୍ଥ ଭରଣା ପାଇଁ ସେ ସପ୍ତାହକୁ ୨ ଥର ପ୍ଲାଜ୍‌ମା ବିକ୍ରି କରିଥାନ୍ତି। ଫିଲାଡେଲ୍‌ଫିଆରୁ ଅର୍ଲାଣ୍ଡୋ ବିମାନରେ ଯିବାକୁ ୨ ଘଣ୍ଟା ସମୟ ଲାଗୁଥିବାରୁ ସେ ଗୋଟେ ଦିନରେ ଡିଜ୍‌ନୀ ଲ୍ୟାଣ୍ଡ ବୁଲିବାକୁ ଯାଇପାରିବେ ବୋଲି ୨୦୨୦ରେ ଚିନ୍ତା କରିଥିଲେ, ଯାହା ତାଙ୍କର ପ୍ରଥମ ଯାତ୍ରା ଥିଲା।

## ଟାଟୁରେ ଓସ୍କାର ଚାପୁଡ଼ା


**ୱାଶିଂଟନ**

ଚଳିତ ବର୍ଷ ଓସ୍କାର ସମାରୋହରେ କମେଡିଆନ କ୍ରିସ୍ ରକ୍‌ଙ୍କୁ ୱିଲ୍ ସ୍ମିଥ୍‌ଙ୍କ ଚାପୁଡ଼ାମରା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ ନ୍ୟୁ ଜର୍ସିର ଜଣେ ଟାଟୁ ଆର୍ଟିଷ୍ଟ ଏହାକୁ ନିଜ ହାତରେ ଆଙ୍କିଛନ୍ତି। ସ୍ମିଥ୍ କ୍ରିସ୍‌ଙ୍କୁ ଚାପୁଡ଼ା ମାରିବାର ଯେଉଁ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ସେହି ଫଟୋକୁ ଓସ୍କାର ଆଗୁଇଲାର ଜେଆର୍ ନାମକ ଏହି ଟାଟୁ ଆର୍ଟିଷ୍ଟ ନିଜ ହାତରେ ଛାପିଥିବାବେଳେ ସେ ଇନ୍‌ଷ୍ଟାଗ୍ରାମରେ ଟାଟୁର ଏକ ଛୋଟ ଭିଡିଓ ଶେୟାର କରିଛନ୍ତି, ଯାହା ଏବେ ସୋସିଆଲ ମିଡିଆ ୟୁଜରଙ୍କ ଦୃଷ୍ଟି ଆକର୍ଷଣ କରିଛି।

## କେଶରେ ଚଢ଼େଇ ବସା

**ଲଣ୍ଡନ:** ମଣିଷ ଏବଂ ପଶୁପକ୍ଷୀଙ୍କ ସମ୍ପର୍କ ତ ନିଆରା। ତେବେ ଜଣେ ମହିଳା ଛୋଟ ପକ୍ଷୀଟେ ସହ ସାଙ୍ଗ ହୋଇଥିଲେ। ବ୍ରିଟେନ୍‌ରେ ରହୁଥିବା ହାନ୍ନା ବୋର୍ନ-ଟେଲର ସେତେବେଳେ ଲଣ୍ଡନରୁ ଘାନାକୁ ଶିଫ୍ଟ ହୋଇଥିଲେ। ହାନ୍ନାଙ୍କ ସ୍ୱାମୀ ଚାକିରିରେ ବ୍ୟସ୍ତ ରହୁଥିଲେ। ସେହି ସମୟରେ ଏକ ଝଡ ତାଙ୍କ ଜୀବନକୁ ବଦଳେଇଦେଇଥିଲା। ସେହି ଝଡ ପ୍ରଭାବରେ ଗୋଟେ ଛୋଟ ଚଢେଇ ତା ବସାରୁ ଅଲଗା ହୋଇ ତାଙ୍କ ଘର ଚଟାଣରେ ପଡିଥିବା ଦେଖିବାକୁ ପାଇଥିଲେ। ଚଢେଇଟି ବହୁତ ଛୋଟ ଥିଲା ଏବଂ ତା’ ଆଖି ମଧ ଫିଟି ନ ଥିଲା। ହାନ୍ନା ତାକୁ ଘରକୁ ଆଣି ତା’ର ଯତ୍ନ ନେବାକୁ ଲାଗିଲେ। ଏହା ମଧରେ ସେହି ପକ୍ଷୀଟି ଧୀରେ ଧୀରେ ବଡ ହେଲା। ହାନ୍ନାଙ୍କ ପଛେ ପଛେ ସେ ଘର ଯାକ ବୁଲିବାକୁ ଲାଗିଲା। ଦୁହିଁଙ୍କ ମଧରେ ସମ୍ପର୍କ ଘନିଷ୍ଠ ହୋଇଯାଇଥିଲା। ତେବେ ଆଶ୍ଚର୍ଯ୍ୟର କଥା ଚଢେଇଟି ହାନ୍ନାଙ୍କ କେଶରେ ୮୪ ଦିନ ପର୍ଯ୍ୟନ୍ତ ବସା କରି ରହିଥିଲା। ଏହାପରେ ସେ ଅନ୍ୟ ଚଢେଇଙ୍କ ସହିତ ଧୀରେ ଧୀରେ ବୁଲିବାକୁ ଲାଗିଲା। ୩ ଥର ପର୍ଯ୍ୟନ୍ତ ତ ସେ ଫେରିଆସିଥିଲା। କିନ୍ତୁ ୪ର୍ଥ ଥର ଯେତେବେଳେ ଗଲା ଆଉ ଚଢେଇଟି ଫେରି ନ ଥିଲା। ହାନ୍ନା ଚଢେଇଟିକୁ ବହୁତ ଭଲ ପାଉଥିଲେ ମଧ ତାକୁ ଯିବାକୁ ଛାଡି ଦେଇଥିଲେ।



# ଛତ୍ରପୁର ବ୍ଲକ ଅଧ୍ୟକ୍ଷା ହେଲେ କିରନ କୁମାରୀ

ଛତ୍ରପୁର/ବାଲୁଗାଁ,୨।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅଧ୍ୟକ୍ଷା ଭାବେ ଅଗସ୍ତିନୂଆଗାଁ ସମିତିସଭ୍ୟା କିରନ କୁମାରୀ ଦାସ ଶନିବାର ନିର୍ବାଚିତ ହୋଇଛନ୍ତି। ଫଳରେ ଗତ ଏକ ମାସ ହେଲା ଅଧ୍ୟକ୍ଷା ପଦବୀ ଲାଗି ଚାଲିଥିବା ହାଇଡ୍ରାମାର ଅବସାନ ଘଟିଛି । ପ୍ରଥମେ ୫ ଜଣ ସମିତିସଭ୍ୟଙ୍କୁ କରୋନା ହୋଇଥିବା ଦର୍ଶାଇ ଅଧ୍ୟକ୍ଷ ନିର୍ବାଚନକୁ ସ୍ଥଗିତ ରଖିବା ଏବଂ ପରେ ନିର୍ବାଚନ ପୂର୍ବ ରାତିରେ ଏକ ହୋଟେଲରେ ୧୨ ସମିତିସଭ୍ୟଙ୍କୁ ତାଲା ପକାଇ ରଖିବା ସହ ସେମାନଙ୍କ ମୋବାଇଲ ଫୋନ ପୋଲିସ ନେଇଯିବା ଭଳି ହାଇଡ୍ରାମା ଚାଲିଥିଲା । ସୂଚନାଯୋଗ୍ୟ, ମାର୍ଚ୍ଚ ୧୨ରେ ଛତ୍ରପୁର ସମେତ ଓଡ଼ିଶାର ସମସ୍ତ ବ୍ଲକ ଅଧ୍ୟକ୍ଷ ପଦବୀ ନିର୍ବାଚନ ଲାଗି ସ୍ଥିର ହୋଇଥିଲା । ସେହିଦିନ ନାମାଙ୍କନପତ୍ର ଦାଖଲ ପରେ ୫ ଜଣ ସମିତିସଭ୍ୟଙ୍କୁ କରୋନା ହୋଇଥିବା ଦର୍ଶାଇ ନିର୍ବାଚନ ବାତିଲ କରାଯାଇଥିଲା । ଗୋଟିଏ ଗୋଷ୍ଠୀରେ ୧୨ ଓ ଅନ୍ୟ ଗୋଷ୍ଠୀରେ ୬ ଜଣ ସମିତିସଭ୍ୟ ଥିଲେ । ୧୨ ଜଣିଆ ଗୋଷ୍ଠୀରେ ୩ ଜଣ ସିପିଆଇ ସମର୍ଥିତ ଓ ୯ ଜଣ ବିଜେଡି ସମର୍ଥିତ ଥିବାବେଳେ ଅନ୍ୟ ଗୋଷ୍ଠୀରେ ୬ ଜଣ ବିଜେଡି ସମର୍ଥିତ ଥିଲେ । ବିଜେଡିରେ ଗୋଷ୍ଠୀ କନ୍ଦଳ ଯୋଗୁ ଉକ୍ତ ନିର୍ବାଚନ ପୂର୍ବରୁ ୧୨ ଜଣ ସମିତିସଭ୍ୟ ଅଜ୍ଞାତବାସରେ ଥିଲେ। ନିର୍ବାଚନ ଦିନ ବ୍ଲକକୁ ଆସିଥିଲେ । କିନ୍ତୁ ନିର୍ବାଚନ ବାତିଲ ହେବାରୁ ଏମାନେ ପୁଣି ଅଜ୍ଞାତବାସକୁ ଚାଲିଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ବାଲୁଗାଁ ଥାନା ବରକୁଳ ନିକଟ ଏକ ହୋଟେଲରେ ଏମାନେ ରାତ୍ରିଯାପନ କରିଥିଲେ। ରାତିଅଧରେ ଗଞ୍ଜାମ ପୋଲିସ ଅଧିକାରୀମାନେ ସେଠାରେ ପହଞ୍ଚି ସେମାନଙ୍କଠାରୁ ମୋବାଇଲ ଫୋନ ନେଇଯିବା ସହ ବାହାରେ ତାଲା ପକାଇ ଦେଇଥିଲେ ବୋଲି ଉକ୍ତ ୧୨ ସମିତିସଭ୍ୟ ଅଭିଯୋଗ କରିଥିଲେ। ସେମାନଙ୍କ ସହ ତାଙ୍କ ସମ୍ପର୍କୀୟମାନେ ମଧ୍ୟ ଥିଲେ । ଶନିବାର ସକାଳେ ହୋଟେଲ ବାଲକୋନୀରୁ ସେମାନେ ବନ୍ଦୀ ହୋଇ ରହିଥିବା ଦର୍ଶାଇ ଉଦ୍ଧାର ନ କଲେ ଆତ୍ମହତ୍ୟା କରିବେ ବୋଲି ଚିତ୍କାର କରୁଥିବା ଶୁଣିବାକୁ ମିଳିଥିଲା। ଖବର ପ୍ରଚାରିତ ହେବାପରେ ପୋଲିସ ସେଠାକୁ ଯାଇଥିବା ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ ଗଣମାଧ୍ୟମକୁ କହିଛନ୍ତି। ଭୋଟ ଗ୍ରହଣର ନିର୍ଦ୍ଧାରିତ ସମୟ ପୂର୍ବରୁ ପୋଲିସ ଏସ୍କର୍ଟରେ ୧୨ ଜଣଙ୍କୁ ବରକୁଳ ହୋଟେଲରୁ ଛତ୍ରପୁର ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇଥିଲା। ପରେ ସେମାନଙ୍କ ମୋବାଇଲ ମଧ୍ୟ ଫେରାଯାଇଥିବା ସମିତିସଭ୍ୟମାନେ କହିଛନ୍ତି। ମୋବାଇଲ ନେଇଯିବା ସମ୍ପର୍କରେ ଏସ୍‌ଡିପିଓଙ୍କୁ ପଚାରିବାରୁ ତା'ର ତଦନ୍ତ ହେବ ବୋଲି ସେ କହିଥିଲେ। ପ୍ରକାଶ ଯେ, ଶନିବାର କେବଳ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ପଦବୀ ଲାଗି ଭୋଟ ଗ୍ରହଣ ହେବ ବୋଲି ସ୍ଥିର ହୋଇଥିଲା । ମାର୍ଚ୍ଚ ୧୨ରେ ଉକ୍ତ ପଦବୀ ପାଇଁ ଦାଖଲ ୨ ନାମାଙ୍କନପତ୍ର କାଏମ ରହି ନିର୍ଦ୍ଧାରିତ ସମୟରେ ଭୋଟ ଗ୍ରହଣ ପରେ ଗଣତି ସହ ଫଳାଫଳ ଘୋଷଣା କରାଯାଇଥିଲା । ଅଗସ୍ତିନୂଆଗାଁ ସମିତିସଭ୍ୟା କିରନ କୁମାରୀ ଦାସଙ୍କୁ ୧୨ଟି ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁନ୍ଦରପୁର ସମିତିସଭ୍ୟା ସୁଜ୍ଞାନୀ କୁମାରୀ ସେଠୀଙ୍କୁ ୬ଜଣଙ୍କ ଭୋଟ ମିଳିଥିଲା । ବିଜୟୀ ଅଧ୍ୟକ୍ଷା ଓ ତାଙ୍କ ସମର୍ଥିତମାନେ ବିଧାୟକଙ୍କ ବିରୋଧରେ ନାରାବାଜି ଦେବା ସହ ନବୀନ ଆମର ନେତା ଏବଂ ଆମେ ବିଜେଡି ବୋଲି କହି ଦଳୀୟ ପତାକା ଧରି ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ଛତ୍ରପୁର ଲୋୟର ବସ୍‌ଷ୍ଟାଣ୍ଡରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।


କିରନ କୁମାରୀ ଦାସ

- ହାଇଡ୍ରାମାର ଅବସାନ
- ଅଜ୍ଞାତବାସରେ ଥିଲେ ୧୨ ସମିତି ସଭ୍ୟ
- ପୋଲିସ ତାଲା ପକାଇ ମୋବାଇଲ ନେବା ଅଭିଯୋଗ


ହୋଟେଲରୁ ଉଦ୍ଧାର ପାଇଁ ସମିତି ସଭ୍ୟମାନେ ନିବେଦନ କରୁଛନ୍ତି।

# ପଞ୍ଜାବ ପରେ ଗୁଜରାଟ ଉପରେ ଏଏପି ନଜର

ଅହମଦାବାଦ,୨।୪

ପଞ୍ଜାବ ବିଧାନସଭା ନିର୍ବାଚନ ଜିତି ସରକାର ଗଢ଼ିବା ପରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବେ ଭାଜପାର ଗଡ଼ କୁହାଯାଉଥିବା ଗୁଜରାଟ ଉପରେ ନଜର ପକାଇଛି। ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ସେଥିପାଇଁ ଏଏପି ସେଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଗୁଜରାଟକୁ ଦୁଇଦିନିଆ ଗସ୍ତରେ ଯାଇ ସାବରମତି ଆଶ୍ରମ ପରିଦର୍ଶନ କରିଛନ୍ତି। ଏଥିସହିତ ସେମାନେ ଅହମଦାବାଦରେ ଏକ ରୋଡ୍ ଶୋ' କରି ଏଏପିକୁ ଗୋଟିଏ ଥର ସୁଯୋଗ ଦେବା ଲାଗି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଜନସମାବେଶକୁ ସମ୍ବୋଧିତ କରି ମାନ୍ କହିଥିଲେ, ଦିଲ୍ଲୀ ଓ ପଞ୍ଜାବରେ ଏଏପି ସରକାର ଗଢ଼ିଛି। ଆମେ ଏବେ ଗୁଜରାଟ ପାଇଁ ପ୍ରସ୍ତୁତି ଚଳାଇଛୁ। ସେହିପରି କେଜ୍‌ରିୱାଲ କହିଥିଲେ, ତାଙ୍କ ସରକାର ଦିଲ୍ଲୀରେ ଦୁର୍ନୀତି ଦୂର କରିଛି। ପଞ୍ଜାବରେ ମଧ୍ୟ ମୁଖ୍ୟମନ୍ତ୍ରୀ ମାନ୍ ୧୦ ଦିନରେ ଦୁର୍ନୀତି ହଟାଇଛନ୍ତି। ବିଶ୍ୱାସ ହେଉ ନ ଥିଲେ ଏ ସମ୍ପର୍କରେ ପଞ୍ଜାବ ଲୋକଙ୍କୁ ପଚାରି ବୁଝିବାକୁ ସେ କହିଥିଲେ।

କେଜ୍‌ରିୱାଲ ଓ ମାନ୍ ମହାତ୍ମା ଗାନ୍ଧୀଙ୍କ ସାବରମତି ଆଶ୍ରମ ଯାଇ ସେଠାରେ ଥିବା 'ହୃଦୟ କୁଞ୍ଜ'ରେ ଚରଖାରେ ସୂତା କାଟିଥିଲେ ଓ ସଂଗ୍ରହାଳୟ ବୁଲି ଦେଖିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଉଭୟ କେଜ୍‌ରିୱାଲ ଏବଂ ମାନ୍‌ଙ୍କର ଏହା ପ୍ରଥମ ସାବରମତି ପରିଦର୍ଶନ। ତେବେ ଏହି ଗସ୍ତ ପଛରେ ରହିଥିବା ରାଜନୈତିକ ଉଦ୍ଦେଶ୍ୟ ସମ୍ପର୍କରେ ଗଣମାଧ୍ୟମର ବିଭିନ୍ନ ପ୍ରଶ୍ନକୁ କେଜ୍‌ରିୱାଲ ଏଡାଇଯାଇଥିଲେ। ଏହା ପବିତ୍ର ସ୍ଥାନ ଓ ରାଜନୈତିକ ଚର୍ଚ୍ଚାରୁ ବାହାରେ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଏଏପି ଏହାର ପ୍ରଚାରରେ ସ୍ୱାଧୀନତା ସଂଗ୍ରାମୀ ଓ ସେମାନଙ୍କ ଆନ୍ଦୋଳନକୁ ସାମିଲ କରିଆସିଛି। ମାନ୍ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭାବେ ଭଗତ ସିଂଙ୍କ ପୈତୃକ ଗ୍ରାମରେ ଶପଥ ନେଇଥିଲେ।

# ପିସିସି ସଭାପତି ପରିବର୍ତ୍ତନ ଦାବି ତେଜୁଛି

## ତାରା, ସୁରଙ୍କ ପରେ ଏବେ ଅଧିରାଜ ସମାନ କଥା କହିଲେ

ଭୁବନେଶ୍ୱର,୨।୪ (ବ୍ୟୁରୋ): ପଞ୍ଚାୟତ ଓ ପୌର ନିର୍ବାଚନରେ କଂଗ୍ରେସ ଶୋଚନୀୟ ପ୍ରଦର୍ଶନ କରିଛି। ଦଳ ଉପରେ ଭରସା ନ କରି ବହୁ ବରିଷ୍ଠ ନେତା ମଧ କଂଗ୍ରେସ ଛାଡିଛନ୍ତି। ଅନେକ ମଧ ଅସନ୍ତୁଷ୍ଟ ଅବସ୍ଥାରେ ରହିଛନ୍ତି। ନିର୍ବାଚନରେ କଂଗ୍ରେସର ବାରମ୍ବାର ଦୁର୍ବଳ ପ୍ରଦର୍ଶନ ଓ ବର୍ତ୍ତମାନର ସ୍ଥିତି ପାଇଁ ଦଳୀୟ ନେତା ତଥା ବିଧାୟକମାନେ ନେତୃତ୍ୱକୁ ଖୋଲାଖୋଲି ଭାବେ ଦାୟୀ କରିବା ଆରମ୍ଭ କରିଛନ୍ତି। ଏଥିସହ ପିସିସି ସଭାପତି ପରିବର୍ତ୍ତନ ଦାବି ତେଜିବାରେ ଲାଗିଛି। ପୂର୍ବରୁ କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ ଓ ତାରା ପ୍ରସାଦ ବାହିନୀପତି ଏଥିପାଇଁ ଦଳୀୟ ନେତୃତ୍ୱ ଓ ପରିଚାଳନାକୁ ଦାୟୀ କରି ନେତୃତ୍ୱ ପରିବର୍ତ୍ତନ କଥା ଉଠାଇଥିଲେ। ଏବେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସମାନ କଥା କହିଛନ୍ତି। ସେ କହିଛନ୍ତି, ପ୍ରଦେଶ କଂଗ୍ରେସର ମଙ୍ଗଳ ପାଇଁ ସଭାପତି ପରିବର୍ତ୍ତନ ହେବା ଆବଶ୍ୟକ। ଆମ ପ୍ରଦେଶରେ ଟେମ୍ପରାରୀ ବ୍ୟବସ୍ଥାରେ କଂଗ୍ରେସ ଦଳ ଚାଲିଛି। ଆମର ଦୃଢ଼ ନେତୃତ୍ୱ ଦରକାର। ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ନେଇ ବିଧାୟକମାନେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)କୁ ଜଣାଇଛୁ। ନେତୃତ୍ୱ ପରିବର୍ତ୍ତନ ନ ହେଲେ କଂଗ୍ରେସର ସ୍ଥିତି ଆହୁରି ଖରାପ ହେବ। ନିରଞ୍ଜନ ବାବୁ ରାଜ୍ୟରେ ନିଜ ଆସ୍ଥା ହରାଇ ସାରିଛନ୍ତି। ତାଙ୍କ ଉପରେ ଆଉ କାହାର ମଧ ବିଶ୍ୱାସ ନାହିଁ। ଏଆଇସିସି ଆସିଲେ ରାଜ୍ୟରେ ଦଳର ନିର୍ବାଚନ ବିପର୍ଯ୍ୟୟ ପରିସ୍ଥିତିର ତର୍ଜମା ହେବ ବୋଲି ଅଧିରାଜ କହିଛନ୍ତି।


## OFFICE OF THE DEAN & PRINCIPAL MAHARAJA KRISHNA CHANDRA GAJAPATI MEDICAL COLLEGE

BERHAMPUR - 760004, GANJAM, ORISSA

No. 3112/MCB.2022/Welfare Dated, Brahmapur the 02nd April 2022

### CORRIGENDUM

No. E-01: In continuation to this Tender Call Notice No. 2537 dated 16.03.2022 advertised in Samaj & Dharitri vide No. E-943 and also in website **www.mkcgmch.org**, the heading in Form F-1 Page No. 25 (Administrative Charges), may be read as Dean & Principal, MKCG MCB instead of the manpower assistance to the Office of the Revenue Divisional Commissioner (SD). The other terms & conditions remains unaltered.

Sd./- Dean & Principal
MKCG Medical College, Hospital, Berhampur
OIPR-10013/11/0001/2223

## MARKFED - ODISHA
OLD STATION ROAD
BHUBANESWAR-751006

E&A/1/2020-21/Part

Ref. No.: 1055 Date: 30.03.2022

### RETENDER CALL NOTICE

No.CAD-05:- Sealed tenders (Two Bids) are invited from interested parties for letting out of Godowns of MARKFED-ODISHA. **For details please visit Government of Odisha Tender website (www.odisha.gov.in) or Cooperation department website (www.coopodisha.in).** Any revision, clarification, addendum, corrigendum, time extension etc. to the above mentioned tender notice will be hoisted on Cooperation department website only. No separate notification shall be issued in press.

Sd./- Managing Director
OIPR-39007/11/0001/2223

## The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-02: OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.1521/RE/OSIC Dt.31.03.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 4 nos. of works i.e. "Construction of Solar Street light in different location of Hatabaradiha GP under BDO, Chilika", "Supply and installation of Solar LED Street light All-in-one integrated 40 watt with GI pole & other essentials Projects under Development Fund, NALCO, 2nd phase 2020-21 in the District of Koraput", "Execution of Electrical works in 14 nos. of 5-T Schools under Nabarangpur District" and "Supply and installation of solar street light at Raighar and Kosagumuda block under Nabarangpur District".Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

Sd./- MANAGING DIRECTOR
OIPR-14073/11/0001/2223

## The Odisha Small Industries Corporation Ltd.
( A Government of Odisha Undertaking )
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-03 OSIC GST No. 21AAACO2101M1Z1

### TENDER CALL NOTICE

The Tender Bid invited from OSIC registered MSME/Agencies for following tender.

| Tender No./Date | Name of the work |
|---|---|
| Ref-OSIC/Coml/NB-RE/1532/Dt,02.04.22 | Digitization online & off line IT service. |
| Ref-OSIC/Coml/NB-RE/1531/ Dt,02.04.22 | System improvement Electrical Work & Supply & Installation of Solar Street Light. |
| Ref-OSIC/Coml/NB-RE/1534 /Dt,02.04.22 | Empanelment of Agencies for supply of Bitumen, Steel & Chemical. |
| Ref-OSIC/Coml/NB-RE/1533/ Dt,02.04.22 | Supply & Installation of High Mast Light, Solar Drinking Water, Traffic Signal Light, Computerized registration system, 15 W semi-integrated solar light & 0.75 HP solar pump. |

| Description | Schedule |
|---|---|
| Date of available of the BID Documents in OSIC Website. | From Date :02.04.22 at 5.00 PM |
| Last date/Time of Submission of BID | 16.04.2022 up to 1.00 PM |
| Date of Opening of BID Document. | 16.04.2022 at 3.00 PM |
| Opening of Price BID | The date & time for opening of price BID shall be intimated to the eligible bidders over Phone/E-mail. |

The authority reserves the right to accept or reject any one or all bids without assigning any reason thereof. Any changes, addition or alternation or modification of this bid shall be published only in the website of OSIC. The bid can be dropped in the tender box of OSIC.
**Place of receipt, opening of Bid & Address for Communication:**
**The Managing Director, The Odisha Small Industries Corporation Ltd., Madhupatna, Industrial Estate, Cuttack-10, Tel: 0671-2341204.**

By order of MD
Sd/-Joint Manager(Tech)
OIPR14073/11/0002/2223

## ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଏକାମ୍ରକାନନ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ

ନିଲାମ ବିଜ୍ଞାପନ ସଂଖ୍ୟା–୪୯୨, ତା.୩୧.୦୩.୨୦୨୨ (ଫଳ ନିଲାମ ସମ୍ବନ୍ଧେ)

**No.L-02:**ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉଦ୍ୟାନକୃଷି ବଗିଚା, ଏକାମ୍ରକାନନ ଓ ଖଣ୍ଡଗିରି ପ୍ରଜେନୀ ବଗିଚାର ମାଆ ଗଛର ଫଳ ନିଲାମ ନିମନ୍ତେ ୨୦୨୧–୨୨ ଆର୍ଥିକ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜଉମୁଦ ଦିଆ ନିଲାମ ଆବେଦନ ବିଭିନ୍ନ ଫାର୍ମ ପାଇଁ ପୃଥକ ଭାବେ ଆହ୍ୱାନ କରାଯାଉଅଛି । ନିଲାମ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଫର୍ମ ଓ ସମସ୍ତ ସର୍ତ୍ତାବଳୀ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.୦୨.୦୪.୨୦୨୨ ରିଖଠାରୁ ସମସ୍ତ ସରକାରୀ କାର୍ଯ୍ୟ ଦିବସମାନଙ୍କରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଟ.୨୦୦ଙ୍କା (ଦୁଇଶତ ଟଙ୍କା) ମାତ୍ର ବିନିମୟରେ ଉପଲବ୍ଧ ହେବ ।

| ଗଛର ନାମ | ଉଦ୍ୟାନକୃଷି ବଗିଚାର ନାମ | | | | ଜଉମୁଦ ଦିଆ ନିଲାମ ଆବେଦନ ପହଁଚିବା ଶେଷ ସମୟ | ସଫଳ ନିଲାମଧାରୀ ଚୟନ ପାଇଁ ବୈଠକର ତାରିଖ ଓ ସମୟ |
|---|---|---|---|---|---|---|
| | ଏକାମ୍ରକାନନ ବଗିଚା | | ଖଣ୍ଡଗିରି ପ୍ରଜେନୀ ବଗିଚା | | | |
| | ଗଛର ବୟସ | ବଉଳା ଗଛ ସଂଖ୍ୟା | ଗଛର ବୟସ | ବଉଳା ଗଛ ସଂଖ୍ୟା | | |
| ଆମ୍ବ | ୭–୧୬ ବର୍ଷ | ୮୦ | ୨୧–୪୧ | ୨୦ | ତା.୧୨.୦୪.୨୦୨୨ ରିଖ ଅପରାହ୍ନ ୩ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ | ତା.୧୨.୦୪.୨୦୨୨ ରିଖ ଅପରାହ୍ନ ୪ ଘଟିକାରେ ଜଉମୁଦ ଲଫାପାଗୁଡିକ ଖୋଲାଯିବ |
| ସପେଟା | ୧୧–୨୧ ବର୍ଷ | ୧୫ | ୨୧ | ୩୦ | | |
| ପଣସ | ୧୧ ବର୍ଷ | ୮ | ୨୧ | ୩ | | |
| ସପୁରି | ୨ ବର୍ଷ | ୧୬୫ | ୨ | ୧୫୦୦ | | |
| ଲିଚୁ | ...... | ....... | ୩୦ | ୨ | | |
| କାଜୁ | ୧୬–୨୧ ବର୍ଷ | ୪ | ..... | ..... | | |

ଆଗ୍ରହୀ ଆବେଦନକାରୀମାନେ ନିଲାମ ମୂଲ୍ୟ ଆକଳନ ପାଇଁ ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅନୁମତି ନେଇ ଉକ୍ତ ଫଳ ବଗିଚା ପରିଦର୍ଶନ କରିପାରିବେ । ନିର୍ଦ୍ଧାରିତ ଆବେଦନ ଫର୍ମ ସହିତ ଫର୍ମ କିଣା ରଶିଦ ଓ ଅମାନତ ରାଶି ଜଉମୁଦ ଦିଆ ଲଫାପାରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠିକଣା:ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଏକାମ୍ରକାନନ ଫାର୍ମ,ଭୁବନେଶ୍ୱର, ଖୋର୍ଦ୍ଧା–୭୫୧୦୧୫ ରେ ଉପର ଲିଖିତ ସମୟ ମଧ୍ୟରେ ପହଁଞ୍ଚିବା ଆବଶ୍ୟକ ।

ସ୍ୱା./–ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଏକାମ୍ରକାନନ, ଭୁବନେଶ୍ୱର
OIPR-01054/11/0001/2223

## OFFICE OF THE EXECUTIVE ENGINEER, MINOR IRRIGATION DIVISION, KHORDHA

No. 731 Dt.15.03.2022

### e-Procurement Notice

Bid Identification No. EE MID KHD 07/2021-22
e-mail ID: eemidkhurda@yahoo.co.in

No. A-14: The Executive Engineer, Minor Irrigation Division, Khordha on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work | Civil works in different Blocks of Khordha District under critical grant for the year 2021-2022. |
| No. of works | 17 (Seventeen) only |
| Estimated Cost | Varies from Rs.7.70 to 22.00 lakhs (Approximately) |
| Cost of Tender Paper | Varies from Rs.4000 to Rs.6000/- (Non-refundable) |
| Period of Completion | 04 (Four) Calendar Months |
| Availability of Bid documents for sale and receipt through Online | From Dt.22.03.2022, 10.00 A.M. to Dt.02.04.2022 upto 5.00 P.M. |
| Last date/time of receipt of bids in the portal | 02.04.2022 (5.00 P.M.) |
| Date of Opening of Bid through Online | On Dt.04.04.2022 at 11.00 A.M. in the Office of the E.E., M.I. Division, Khordha |
| Mode of payment of Bid Cost and Bid Security | Online |
| Date of Lottery | 18.04.2022 |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) |
| The details tender call notice can also be seen in the DOWR website | **http://dowrorissa.gov.in** |
| Name & address of the OIT | Executive Engineer, Minor Irrigation Division, Khordha, At/P.O./District - Khordha Tel. No. 06755-221502 Email ID: **eemidkhurda@yahoo.co.in** |

Further details can be seen from the e-Procurement market place. **http://tendersorissa.gov.in.**

Sd./- Executive Engineer, M.I. Division, Khordha
OIPR-32042/11/0001/2223

## OFFICE OF THE PROJECT DIRECTOR ATMA, MAYURBHANJ

Takatpur, Baripada, E-mail-pdatma.mayurbhanj@gmail.com

**Expression of Interest for engagement of NGOs as Facilitating Agency under "Special Programme for Promotion of Millets in Tribal Areas of Odisha" for Thakurmunda, Kusumi, Morada, Raruan, Tiring, Bijatala, Suliapada, Karanjia and Rairangpur block of Mayurbhanj district**

**No.L-04:**Expression of Interest invited by the CDAO-cum-Project Director, ATMA, Mayurbhanj for selection of eligible NGOs for role as Facilitating Agency (FA) for Thakurmunda, Kusumi, Morada, Raruan, Tiring, Bijatala, Suliapada, Karanjia and Rairangpur block of Mayurbhanj district under "Special Programme for Promotion of Millets in Tribal Areas of Odisha". The last date of receipt of the application is 11th April, 2020 at 1.00 PM. For more details, please visit the Mayurbhanj district website https://mayurbhanj.nic.in. Interested NGOs may also contact CDAO-cum-Project Director, ATMA, Mayurbhanj for any query.
**Contact Person**-Sri Nilamadhaba Dash, Scheme Officer, Millet Mission, Mayurbhanj, Contact No-6372965098.

Sd./- Project Director
ATMA, Mayurbhanj, Baripada
OIPR-01434/11/0001/2223

## NATIONAL HYDROLOGY PROJECT
STATE PROJECT MANAGEMENT UNIT (SPMU), ODISHA
NATIONAL COMPETITIVE BIDDING THROUGH e-Procurement

### NOTICE INVITING TENDER

BID REF.: NHP/OD-GW/PZM/TW/2021-22/19R2 Date: 30/03/2022 NHP
PIP CODE: A1.2.03 PP PACKAGE No.: NHP-2021-2022-OD-584062

**No.A-4:**The Chief Engineer & Director, Directorate of Ground Water Development & Nodal Officer (NHP Odisha), Bhubaneswar, Odisha invites tenders through e-procurement platform from eligible bidders for following works under National Hydrology Project (NHP).

| Sl. No. | Description | Details |
|---|---|---|
| 1 | Name of the Work | *Construction of Piezometers (Tube Wells) -200 (Two hundred) nos. with Platform & Protection Box under NHP.* |
| 2 | Estimated cost | INR 287.00 lakhs |
| 3 | Start Date of availability of bidding document online (Bidding Document download) | 07.04.2022 From 11.00 Hrs. |
| 4 | Last Date of availability of bidding document online (Bidding Document download/ Sale end Date) | 09.05.2022 up to 14.00 Hrs |
| 5 | Last date and time for online submission of bids (Bid Submission End date & Time) | 09.05.2022 up to 14.00 Hrs |
| 6 | Date & Time of online opening of bids (Bid Opening date)-Technical Part | 09.05.2022 at 15.00 Hrs |

Bidding will be conducted through the National Competitive Bidding (NCB) procedures agreed with World Bank. The bidding is open to all eligible bidders as defined in the Bank's Procurement Guidelines. Detailed Bidding document is available on "www.tendersodisha.gov.in". Interested Bidders are advised to go through the provisions of the Bidding document and participate in the bidding process as per instructions given in the Bidding Document. Other details can be seen in the bidding document available in e-procurement portal "www.tendersodisha.gov.in".

Sd./- Chief Engineer & Director, GWD
& Nodal Officer, (NHP, Odisha)
HP Building, Delta Square, Unit-8, Bhubaneswar
OIPR-32407/11/0001/2223

## BHUBANESWAR DEVELOPMENT AUTHORITY
Akash Shova Building, Lok Seva Marg,
Kharavela Nagar, Unit - III, Bhubaneswar

No. 11874/BDA Date: 31.03.2022
BDA/Planning (General Branch)/Planning-2021/19

### PUBLIC NOTICE

No. CAD-07: Whereas, the draft modified Comprehensive Development Plan - 02/2021 in respect of the areas/localities mentioned in Para-2 have been prepared and published in the Odisha Gazette as required under Section 14(3) of the Odisha Development Authorities Act, 1982 and Rule 17 of Odisha Development Authorities Rules, 1983 in the extraordinary issue of Odisha Gazette vide No. 2040, dated 10.12.2021, inviting objection or suggestion from all persons likely to be affected thereby within sixty days from the date of publication of the said notice in the Odisha Gazette.

2. Following are the areas in respect of the aforementioned draft modified CDP:

**(A). Mouza - Gadakana, Tahasil - Bhubaneswar, District - Khordha**

| Sl. No. | Plot No. | Sl. No. | Plot No. | Sl. No. | Plot No. |
|---|---|---|---|---|---|
| 1 | Sabik Plot - 29, Hal Plot - 40 | 4 | Sabik Plot - 4600, Hal Plot - 267 | 7 | Sabik Plot - 32, Hal Plot - 10932 |
| 2 | Sabik Plot - 31, Hal Plot - 41 | 5 | Sabik Plot - 4624, Sabik Plot - 4597, Hal Plot - 478 | 8 | Sabik Plot - 32, Hal Plot - 11123 |
| 3 | Sabik Plot - 4600, Hal Plot - 266 | 6 | Sabik Plot - 4597, Hal Plot - 479 | 9 | Sabik Plot - 32, Hal Plot - 11327 |

**(B). Mouza - Chandrasekharpur, Tahasil - Bhubaneswar, District - Khordha**

| Sl. No. | Plot No. | Sl. No. | Plot No. | Sl. No. | Plot No. |
|---|---|---|---|---|---|
| 1 | 651 | 41 | 762 | 81 | 856 |
| 2 | 665 | 42 | 764 | 82 | 857 |
| 3 | 678 | 43 | 765 | 83 | 858 |
| 4 | 680 | 44 | 771 | 84 | 859 |
| 5 | 681 | 45 | 799 | 85 | 860 |
| 6 | 683 | 46 | 800 | 86 | 864 |
| 7 | 684 | 47 | 801 | 87 | 865 |
| 8 | 685 | 48 | 802 | 88 | 866 |
| 9 | 687 | 49 | 805 | 89 | 870 |
| 10 | 688 | 50 | 806 | 90 | 871 |
| 11 | 689 | 51 | 807 | 91 | 876 |
| 12 | 690 | 52 | 808 | 92 | 877 |
| 13 | 692 | 53 | 809 | 93 | 878 |
| 14 | 693 | 54 | 811 | 94 | 879 |
| 15 | 695 | 55 | 812 | 95 | 880 |
| 16 | 696 | 56 | 813 | 96 | 881 |
| 17 | 697 | 57 | 814 | 97 | 882 |
| 18 | 698 | 58 | 815 | 98 | 883 |
| 19 | 699 | 59 | 816 | 99 | 884 |
| 20 | 700 | 60 | 817 | 100 | 885 |
| 21 | 701 | 61 | 818 | 101 | 886 |
| 22 | 707 | 62 | 819 | 102 | 888 |
| 23 | 708 | 63 | 820 | 103 | 911 |
| 24 | 709 | 64 | 821 | 104 | 912 |
| 25 | 710 | 65 | 822 | 105 | 913 |
| 26 | 711 | 66 | 825 | 106 | 923 |
| 27 | 712 | 67 | 826 | 107 | 925 |
| 28 | 713 | 68 | 827 | 108 | 926 |
| 29 | 714 | 69 | 828 | 109 | 927 |
| 30 | 721 | 70 | 829 | 110 | 928 |
| 31 | 725 | 71 | 830 | 111 | 1101 |
| 32 | 726 | 72 | 831 | 112 | 1181 |
| 33 | 727 | 73 | 832 | 113 | 1182 |
| 34 | 728 | 74 | 833 | 114 | 1189 |
| 35 | 729 | 75 | 834 | 115 | 1670 |
| 36 | 730 | 76 | 848 | 116 | 1672 |
| 37 | 731 | 77 | 850 | 117 | 1675 |
| 38 | 732 | 78 | 851 | 118 | 1812 |
| 39 | 738 | 79 | 853 | 119 | 1827 |
| 40 | 757 | 80 | 855 | - | - |

**(C). Mouza - Patia, Tahasil - Bhubaneswar, District - Khordha**

| Sl. No. | Plot No. | Sl. No. | Plot No. | Sl. No. | Plot No. |
|---|---|---|---|---|---|
| 1 | 619 | 37 | 1216 | 73 | 1407 |
| 2 | 623 | 38 | 1217 | 74 | 1408 |
| 3 | 624 | 39 | 1218 | 75 | 1409 |
| 4 | 629 | 40 | 1219 | 76 | 1410 |
| 5 | 630 | 41 | 1220 | 77 | 1411 |
| 6 | 631 | 42 | 1221 | 78 | 1412 |
| 7 | 632 | 43 | 1222 | 79 | 1413 |
| 8 | 1138 | 44 | 1226 | 80 | 1414 |
| 9 | 1139 | 45 | 1227 | 81 | 1415 |
| 10 | 1143 | 46 | 1228 | 82 | 1416 |
| 11 | 1144 | 47 | 1229 | 83 | 1417 |
| 12 | 1145 | 48 | 1230 | 84 | 1418 |
| 13 | 1146 | 49 | 1232 | 85 | 1421 |
| 14 | 1147 | 50 | 1233 | 86 | 1423 |
| 15 | 1148 | 51 | 1234 | 87 | 1424 |
| 16 | 1149 | 52 | 1235 | 88 | 1429 |
| 17 | 1159 | 53 | 1236 | 89 | 1430 |
| 18 | 1160 | 54 | 1237 | 90 | 1432 |
| 19 | 1161 | 55 | 1238 | 91 | 1433 |
| 20 | 1175 | 56 | 1242 | 92 | 1434 |
| 21 | 1176 | 57 | 1245 | 93 | 1437 |
| 22 | 1177 | 58 | 1246 | 94 | 1443 |
| 23 | 1186 | 59 | 1247 | 95 | 1444 |
| 24 | 1188 | 60 | 1248 | 96 | 1445 |
| 25 | 1189 | 61 | 1249 | 97 | 1446 |
| 26 | 1190 | 62 | 1250 | 98 | 1450 |
| 27 | 1191 | 63 | 1253 | 99 | 1455 |
| 28 | 1196 | 64 | 1279 | 100 | 1459 |
| 29 | 1207 | 65 | 1280 | 101 | 1460 |
| 30 | 1208 | 66 | 1281 | 102 | 1461 |
| 31 | 1210 | 67 | 1282 | 103 | 1462 |
| 32 | 1211 | 68 | 1333 | 104 | 1463 |
| 33 | 1212 | 69 | 1334 | 105 | 1464 |
| 34 | 1213 | 70 | 1335 | 106 | 1600 |
| 35 | 1214 | 71 | 1343 | 107 | 1623 |
| 36 | 1215 | 72 | 1406 | - | - |

**(D). Mouza - Kalarahanga, Tahasil - Bhubaneswar, District - Khordha**

| Sl. No. | Plot No. | Sl. No. | Plot No. | Sl. No. | Plot No. |
|---|---|---|---|---|---|
| 1 | 1713 | 3 | 1715 | - | - |
| 2 | 1714 | 4 | 1718 | - | - |

3. A copy of the Draft modified CDP is available for inspection at the Office of Bhubaneswar Development Authority located at Akash Shova Building, Lok Seva Marg, Bhubaneswar - 751001, between the working hours on all working days excepting Saturday till the date mentioned in Para-4 hereafter. The same is also be availabe in BDA website **www.bda.gov.in**.

4. Objections or suggestions along with any request for personal hearings, if any, may be sent in writing to the Secretary, Bhubaneswar Development Authority, Bhubaneswar, within 15 days from the date of issue of this notice.

Sd./- (KABINDRA KUMAR SAHOO)
Secretary
Bhubaneswar Development Authority
OIPR-13033/11/0001/2223

## ସଂକ୍ଷେପରେ

### ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ




ଜୟପୁର, ୨।୪ (ନି.ପ୍ର.)-ଜୟପୁର ଟାଉନହଲ୍‌ଠାରେ ସାମାଜିକ ସହାୟତା ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌରପାଳିକା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ ନରେନ୍ଦ୍ର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ । ଜୟପୁର ପୌରାଞ୍ଚଳର ୨୮ଟି ୱାର୍ଡର ଭିନ୍ନକ୍ଷମ, ବାର୍ଦ୍ଧକ୍ୟ, ବିଧବା ଭତ୍ତା ପାଉଥିବା ୫୭୨ ହିତାଧିକାରୀଙ୍କୁ ବିଧାୟକ ଭତ୍ତା ବଣ୍ଟନ କରିଥିଲେ। ୧୫ଜଣଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨ ଜଣଙ୍କୁ ହୁଇଲ ଚେୟାର ଓ ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସାମାଜିକ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଜଗନ୍ନାଥ ମହାପାତ୍ର, ସ୍ମିତାରାଣୀ ଜେନା କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

### ସୁନାବେଡ଼ା ଚିକାପାରୁ ଶିବମନ୍ଦିର ପାହାଡ଼ରେ ନିଆଁ

ସେମିଳିଗୁଡ଼ା,୨।୪(ଡି.ଏନ.ଏ.)-ଗତ ୨୯ରୁ ୩ ଦିନ ହେଲାଣି ଚିକାପାରୁ ଶିବମନ୍ଦିର ନିକଟସ୍ଥ ଜଙ୍ଗଲ ଜଳୁଛି। ଏନେଇ ବନ ବିଭାଗ ନିଦ ଭାଙ୍ଗୁନାହିଁ। ନାଲ୍‌କୋ କର୍ତ୍ତୃପକ୍ଷ ମଧ ଏହାକୁ ହାଲୁକା ଭାବେ ନେଇଛନ୍ତି। ଜଙ୍ଗଲ ନିଆଁ ଯୋଗୁ ବନ୍ୟଜନ୍ତୁ ଓ ଜନ ସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### କାଳ ବୈଶାଖୀରେ ଗଛପଡି ୫ ଆହତ

ସେମିଳିଗୁଡା/ସୁନାବେଡା,୨।୪(ସ୍ୱ.ପ୍ର.)-ସେମିଳିଗୁଡା ବ୍ଲକ ରେଙ୍ଗା ପଞ୍ଚାୟତର ଗାଡିଖମାର ଗ୍ରାମରେ ଶନିବାର ଅପରାହ୍ନରେ କାଳ ବୈଶାଖୀ ଅନୁଭୂତ ହୋଇଛି। ଏହା ପ୍ରଭାବରେ ଗଛପଡି ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ଚନ୍ଦ୍ର ରାଇପେଲି, ସୀତା ରାଇପେଲି, ରମେଶ ରାଇପେଲି,ସନ୍ତୁ ରାଇପେଲି ଓ ସରଙ୍ଗ ରାଇପେଲି। କାଳ ବୈଶାଖୀ ଯୋଗୁ ଗ୍ରାମରେ ପ୍ରବଳ କୁଆପଥର ସହ ବର୍ଷା ପବନ ହୋଇଥିଲା। ଖବର ପାଇ ସେମିଳିଗୁଡା ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

### ମୁନିଗୁଡ଼ା ଷ୍ଟେଟବ୍ୟାଙ୍କରୁ ମୁନିଖୋଲ ରାସ୍ତା ଶୋଚନୀୟ

ମୁନିଗୁଡ଼ା,୨।୪(ଡି.ଏନ୍‌.ଏ.)-ରାୟଗଡ଼ା ଜିଲା ମୁନିଗୁଡ଼ା ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ମୁନିଖୋଲ କନ୍ୟକା ପରମେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାୟଗଡ଼ା-ଭବାନୀପାଟଣାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଦୀର୍ଘ ଦିନ ଧରି ରାସ୍ତାର ଏପରି ଅବସ୍ଥା ରହିଥିଲେ ମଧ ତାହାର ମରାମତି କରାଯାଉନାହିଁ। ଫଳରେ ଯାନବାହନ ଯାତାୟାତରେ ସମସ୍ୟା ହେଉଛି। ଅନେକ ସମୟରେ ଦୁର୍ଘଟଣା ମଧ ଘଟୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଠିକ ନ ହେବା ପୂର୍ତ୍ତବିଭାଗର ଅବହେଳା ବୋଲି ଚର୍ଚ୍ଚା ଚାଲିଛି।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ

ଗୁଣପୁର,୨।୪(ଡି.ଏନ୍‌.ଏ.)
ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସଂସ୍କାର ଯଜ୍ଞ ଓ ରାଷ୍ଟ୍ରୀୟ ନବ ବର୍ଷ ଶନିବାର ପାଳିତ ହୋଇଛି। ପୂର୍ବତନ ସଙ୍କୁଳ ପ୍ରମୁଖ ମନୋରଞ୍ଜନ ରଥ, ସମାଜିକ କର୍ମୀ ବାଲଗୋପାଳ ପାଢ଼ୀ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଆଚାର୍ଯ୍ୟା ସନ୍ତୋଷୀ ବାହାଦୂର ସୁନାର ସଂଯୋଜନା କରିଥିଲେ। ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ବି.ଗଜପତି ରାଓ, ଉପ ସଭାପତି ମୀନକେତନ ପଣ୍ଡା, ସମ୍ପାଦକ ସୋମନାଥ ଗୌଡ଼, ଯୁଗ୍ମ ସମ୍ପାଦକ ମୋହନ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପି.ଗୋବିନ୍ଦ ରାଓ, ସଦସ୍ୟା ପ୍ରତିଭା ରଥ ଓ ସଙ୍କୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ଓ ଆଚାର୍ଯ୍ୟା ରେଣୁକା ପାତ୍ର କାର୍ଯ୍ୟକ୍ରମ ତଦାରଖ କରିଥିଲେ।

# ଅର୍ଥ ଖର୍ଚ୍ଚ ହେଉଛି, ପରିବର୍ତ୍ତନ ନାହିଁ

କୋଟପାଡ଼,୨।୪(ଡି.ଏନ୍‌.ଏ.)

କୋରପୁଟ ଜିଲା କୋଟପାଡ଼ ଏନ୍‌ଏସି ଅଞ୍ଚଳରେ ୧୯୬୩ରେ ଗଢ଼ିଉଠିଥିଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ। ଏହାର ପୁନରୁଦ୍ଧାର ସକାଶେ ରାଜ୍ୟ ସରକାର ଶିକ୍ଷା ବିଭାଗ ଓ ଆର୍‌ଡି ବିଭାଗ ମାଧ୍ୟମରେ ପ୍ରତିବର୍ଷ ରଙ୍ଗଦେବାଠାରୁ ଆରମ୍ଭକରି ମରାମତି ଯାଏ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ବିଦ୍ୟାଳୟର ଅବସ୍ଥାରେ କୌଣସି ପରିବର୍ତ୍ତନ ଆସୁନାହିଁ। ଗତବର୍ଷ ସରକାର ୫-ଟିରେ ଏହି ବିଦ୍ୟାଳୟକୁ ସାମିଲକରି ବିଦ୍ୟାଳୟର ଉନ୍ନତି ସକାଶେ ୨ଟି ସ୍ମାର୍ଟ କ୍ଲାସ୍‌ରୁମ୍‌, ଗୋଟିଏ କମ୍ପ୍ୟୁଟର ସ୍ମାର୍ଟ ଲାଇବ୍ରେରି, ସ୍ମାର୍ଟ ବିଜ୍ଞାନାଗାର, ଗୋଟିଏ ସାଇନ୍ସ ଲାବରେଟୋରି, ସ୍ମାର୍ଟ ଇ-ଲାଇବ୍ରେରି ନିର୍ମାଣ କରିବାକୁ ନିଷ୍ପତ୍ତି ନେଇ ବିଦ୍ୟାଳୟ ପାଇଁ ୬୦ ଲକ୍ଷ ଟଙ୍କାର ଟେଣ୍ଡର କରିଛନ୍ତି। ଉକ୍ତ ଟେଣ୍ଡର କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ମାଧ୍ୟମରେ ୨୯।୧୨।୨୧ରେ ହେଇଥିଲା। ଯେଉଁମାନେ ଟେଣ୍ଡର ନେବେ ସେମାନେ ୧ ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ ଚୁକ୍ତି ହୋଇଛି। ଉକ୍ତ କାର୍ଯ୍ୟ ପରିଷଦର କନିଷ୍ଠଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଦାରଖ କରିବାକୁ କୁହାଯାଇଥିଲା। ମାସେ ଭିତରେ କାର୍ଯ୍ୟ ସାରିବାକୁ ଧାର୍ଯ୍ୟ ହୋଇଥିବା ବେଳେ ଏବେ ୩ ମାସ ହେଲାଣି କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହେଇନାହିଁ। ହୋଇଥିବା କାର୍ଯ୍ୟଗୁଡ଼ିକ ଅତି ନିମ୍ନମାନର ବୋଲି ବିଦ୍ୟାଳୟର ଛାତ୍ରୀଙ୍କ ଅଭିଭାବକ ଓ ଏସ୍‌ଏମ୍‌ଡିସି ଅଭିଯୋଗ କରିଛି। ଅନ୍ୟପକ୍ଷରେ ବିଦ୍ୟାଳୟ ଖୋଲିବା ପରଠାରୁ ପୁରୁଣା କ୍ଲାସ୍‌ରୁମ୍‌ଗୁଡ଼ିକ ମରାମତି ଆରମ୍ଭ ହୋଇଥିବାରୁ ବର୍ତ୍ତମାନ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀମାନେ ଗୋଟିଏ ଲେଖାଏ ଶ୍ରେଣୀଗୃହରେ ବସି ଅଧ୍ୟୟନ କରୁଛନ୍ତି। ସେଭଳି ନବମ, ଦଶମ ଶ୍ରେଣୀର ଛାତ୍ରୀମାନେ ଗଛତଳେ ଖରାରେ ବସି ପାଠ ପଢୁଛନ୍ତି। ଶିକ୍ଷୟିତ୍ରୀମାନେ ମଧ ପାଠ ପଢ଼ାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ମରାମତି ଚାଲିଥିବା ଶ୍ରେଣୀଗୃହଗୁଡ଼ିକର କାର୍ଯ୍ୟ ଏତେ ନିମ୍ନମାନର ହୋଇଛି ଯେ, କାର୍ଯ୍ୟ ନ ସରୁଣୁ କାନ୍ଥରେ ଫାଟ ସୃଷ୍ଟି ହେଲାଣି। ଏହାକୁ ନେଇ ବିଦ୍ୟାଳୟର କମିଟି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଆଉ କିଛିଦିନ ପରେ ଉକ୍ତ ବିଦ୍ୟାଳୟ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା କେନ୍ଦ୍ର ହେବ। ବର୍ତ୍ତମାନ ସୁଦ୍ଧା କୌଣସି ଶ୍ରେଣୀଗୃହର କାର୍ଯ୍ୟ ସମ୍ପୂର୍ଣ୍ଣ ହେଇ ନ ଥିବାରୁ ଛାତ୍ରୀମାନେ କିପରି ପରୀକ୍ଷା ଦେବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏଭଳି ଏକ ପୁରୁଣା ବିଦ୍ୟାଳୟର ଖେଳପଡ଼ିଆଟିଏ ମଧ ନାହିଁ। ବର୍ତ୍ତମାନ ବିଦ୍ୟାଳୟରେ ୩୮୮ଜଣ ଛାତ୍ରୀ ପଢୁଥିବାବେଳେ ୭୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀ ରହିଛନ୍ତି। ଆବଶ୍ୟକ ପରିମାଣର ଶିକ୍ଷୟିତ୍ରୀ ମଧ ବିଦ୍ୟାଳୟରେ ନାହାନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବିଦ୍ୟାଳୟର ହୋଇଥିବା ନିମ୍ନମାନର କାର୍ଯ୍ୟ ତଦାରଖ କରିବା ସହ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।




ମରାମତି କାର୍ଯ୍ୟ ସରି ନ ଥିବା ଶ୍ରେଣୀଗୃହ। ଗଛତଳେ ବସି ପଢୁଥିବା ଛାତ୍ରୀ।

- ମାସେ ବଦଳରେ ୩ ମାସ ହେଲାଣି କାର୍ଯ୍ୟ ସରୁନି
- ଗଛ ତଳେ ପାଠ ପଢୁଛନ୍ତି ଛାତ୍ରୀ
- କାର୍ଯ୍ୟ ନ ସରୁଣୁ କାନ୍ଥରେ ସୃଷ୍ଟି ହେଲାଣି ଫାଟ

### ଉମରକୋଟରେ ରାଷ୍ଟ୍ରୀୟ ନବବର୍ଷ

ଉମରକୋଟ, ୨।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ଉମରକୋଟ ସ୍ଥିତ ରାମ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଶନି ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭା ଯାତ୍ରାରେ ଶତାଧିକ ମହିଳା, ପୁରୁଷ, ବୃଦ୍ଧାବୃଦ୍ଧ, ଯୁବଗୋଷ୍ଠୀ ସାମିଲ ହୋଇଥିଲେ। ରାସ୍ତା କଡରେ ଥିବା ଘରଗୁଡିକର ମହିଳା ଧୂପ ଦୀପ ଲଗାଇ କଳସ ରଖି ହୁଳହୁଳି ଦେଇ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ।

### ବ୍ଲକ ଅଧକ୍ଷାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟଣା ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି: ସୁଧାଂଶୁ

ଜଗନ୍ନାଥପ୍ରସାଦ,୨।୪(ଡି.ଏନ.ଏ.):

ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁଙ୍କ ସ୍ୱାମୀ ହିମାଂଶୁ ଶେଖର ବାରିକଙ୍କ ଗୁରୁବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ୪୮ ଘଣ୍ଟା ପୁରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ରହସ୍ୟ ଘେରରେ ରହିଛି। ବେଲଗୁଣ୍ଠା ପୋଲିସ ନଂ. ୬/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହିମାଂଶୁ ଗଣ୍ଡାଧରଠାରେ ଏକ ଭୋଜିରେ ଯୋଗଦେଇ ଗୁରୁବାର ରାତିରେ ନିଜ ଗ୍ରାମ ବରଗାଁକୁ ଫେରିଥିଲେ। ମଧ୍ୟରାତିରେ ହଠାତ୍‌ ତାଙ୍କ ଛାତିରେ ଯନ୍ତ୍ରଣା ହେବା ସହ ପାଟିରୁ ଫେଣ ବାହାରିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଭଞ୍ଜନଗର ମେଡ଼ିକାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ସେ ଦିନ ହିମାଂଶୁଙ୍କ ସାଥିରେ କିଏ ଥିଲେ ଓ ଭୋଜିରେ ତାଙ୍କୁ କିଏ ନିମନ୍ତ୍ରଣ କରିଥିଲେ। ସେଠାରେ ସେ କ'ଣ ଖାଇଥିଲେ। ଏ ନେଇ ବିଭିନ୍ନ ସନ୍ଦେହ ହେଉଥିବା ଗ୍ରାମରେ ଚର୍ଚ୍ଚା ଜୋର ଧରିଛି। କମ ବୟସରୁ ରାଜନୀତିରେ ପାଦ ଦେଇଥିଲେ। ଲୋକଙ୍କ ଭଲ ପାଇବା ଯୋଗୁ ପ୍ରଥମେ ମା' ସନ୍ତୋଷିନୀ, ଦ୍ୱିତୀୟରେ ସେ ନିଜେ ଉପାଧ୍ୟକ୍ଷ ଓ ବର୍ତ୍ତମାନ ସ୍ତ୍ରୀ ଜୟଶ୍ରୀଙ୍କୁ ବ୍ଲକ ଅଧ୍ୟକ୍ଷ ଆସନ ଅଳଙ୍କୃତ କରିବାର ସୌଭାଗ୍ୟ ମିଳିଥିଲା। ତେବେ ତୁରନ୍ତ ଉକ୍ତ ଘଟଣାର ତଦନ୍ତ ହେଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ମୃତକଙ୍କ ଭାଇ ସୁଧାଂଶୁ କହିଛନ୍ତି।

## ଭୋଟ ନ ଦେବାଲାଗି ୱାର୍ଡସଭ୍ୟଙ୍କୁ ଅଟକାଇଲେ ଗ୍ରାମବାସୀ

ପାପଡ଼ାହାଣ୍ଡି,୨।୪(ଡି.ଏନ୍‌.ଏ.)

**ନାଏବ ସରପଞ୍ଚ ନିର୍ବାଚନ**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଖୁଟୁବାଇ ପଞ୍ଚାୟତର ନାଏବ ସରପଞ୍ଚ ଲାଗି ଶନିବାର ମତଦାନ ହୋଇଥିଲା। ପଦମନ ଚୌଧୁରୀ ନାଏବ ସରପଞ୍ଚ ଭାବେ ବିଜୟ ଲାଭ କରିଥିଲେ। ତେବେ ମତଦାନବେଳେ ୱାର୍ଡମେମ୍ବରମାନଙ୍କୁ ଟଣାଓଟରା କରାଯିବା ସହ ଭୋଟ ନ ଦେବାକୁ କେତେଜଣ ସେମାନଙ୍କୁ ଅଟକାଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ହୋହାଲ୍ଲା କରାଯାଇଥିଲା।

ସୂଚନାନୁଯାୟୀ, ଆମଲିପଦର ଓ ଖୁଟୁବାଇର ୱାର୍ଡ ସଭ୍ୟମାନେ ମତଦାନ କରିବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାବେଳେ ଉକ୍ତ ୱାର୍ଡର ଗ୍ରାମବାସୀ ସେମାନଙ୍କୁ ଅଟକାଇଥିଲେ। ଏହାକୁ ନେଇ କିଛି ସମୟ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଉତ୍ତେଜନା ଦେଖାଦେଇଥିଲା। ୱାର୍ଡସଭ୍ୟମାନଙ୍କୁ ପୋଲିସ ଲୋକଙ୍କ କବଳରୁ ବହୁ କଷ୍ଟରେ ଛଡ଼ାଇ ମତଦାନ କେନ୍ଦ୍ର ଭିତରକୁ ନେଇଥିଲେ। ନିର୍ବାଚନ ଅଧିକାରୀ ସତ୍ୟ ଦଣ୍ଡସେନା, ଜିପିଓ ସଚ୍ଚି ତ୍ରିପାଠୀ ଓ ନିର୍ବାଚନ ପରିଚାଳନା ଅଧିକାରୀ ସବ୍ୟସାଚୀ ମହାନ୍ତିଙ୍କ ଉପସ୍ଥିତିରେ ମତଦାନ ହୋଇଥିଲା। ବିପକ୍ଷ ଗୋଷ୍ଠୀ ପଦମନଙ୍କୁ ଭୋଟ ନ ଦେବା ଲାଗି ଏପରି କାଣ୍ଡ ଘଟାଇ ଥିଲେ ବୋଲି ତାଙ୍କ ସମର୍ଥକମାନେ କହିଛନ୍ତି।



ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଦେଖାଦେଇଥିବା ଉତ୍ତେଜନା।

## ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ନବରଙ୍ଗପୁରର ଅମିତା ପ୍ରଥମ

ଡାବୁଗାଁ, ୨।୪(ଡି.ଏନ୍‌.ଏ.)

ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ନବରଙ୍ଗପୁର ଜିଲା ଅନୁସୂଚିତ ଜାତି ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଅମିତା ଭତ୍ରା ପ୍ରଥମ ହୋଇଛନ୍ତି। ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ତାଙ୍କୁ ସମ୍ମାନିତ କରିଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଧ୍ୟକ୍ଷ ସୁକାନ୍ତ କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀମାନେ ଅମିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



...

## ବାଇକ୍‌ରୁ ୩୫ ହଜାର ନେଇଗଲେ ଦୁର୍ବୃତ୍ତ

ଗୁଣପୁର,୨।୪(ଡି.ଏନ୍‌.ଏ.)

**ସିସିଟିଭି ଆଧାରରେ ତଦନ୍ତ କରୁଛି ପୋଲିସ**

ରାୟଗଡ଼ା ଜିଲା ଗୁଣପୁର ସହର ବାଇପାସ୍‌ ଛକସ୍ଥିତ ପକଓ୍ୱାନ ହୋଟେଲ ସମ୍ମୁଖରେ ଏକ ବାଇକରୁ ୩୫ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରିର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସେରମା ଗ୍ରାମର ଶଙ୍କର ପ୍ରସାଦ ମିଶ୍ର ଗୁଣପୁର ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇଥିଲେ। ସମ୍ପର୍କୀୟଙ୍କ ସହ ଦୁହେଁ ସେଠାରୁ ବାହାରି ପକଓ୍ୱାନ ହୋଟେଲକୁ ଆସିଥିଲେ। ଶଙ୍କର ଖାଦ୍ୟ ସାମଗ୍ରୀ ଆଣିବା ପାଇଁ ହୋଟେଲକୁ ଯାଇଥିଲେ। ସେ ଫେରିବାରେ ବିଳମ୍ବ ହେବାରୁ ତାଙ୍କର ସମ୍ପର୍କୀୟ ଜଣକ ମଧ ହୋଟେଲ ଭିତରକୁ ଯାଇଥିଲେ। ଏହି ସମୟରେ ବ୍ୟାଙ୍କଠାରୁ ଶଙ୍କରଙ୍କ ଉପରେ ନଜର ରଖି ପିଛା କରୁଥିବା ଦୁର୍ବୃତ୍ତ ଗାଡ଼ିର ଟାଙ୍କି କଭରରେ ଥିବା ଟଙ୍କା ଚୋରି କରି ନେଇଥିଲେ। ଏହାପରେ ନିକଟରେ ଥିବା ଅନ୍ୟ ଏକ ବାଇକ୍‌ରେ ଦୁର୍ବୃତ୍ତ ଜଣକ ସେଠାରୁ ଚାଲିଯାଇଥିଲେ। ଟଙ୍କା ନେଇ ଚାଲିଯାଉଥିବା ଶଙ୍କରଙ୍କ ସମ୍ପର୍କୀୟ ଦେଖିବା ପରେ ପାଟି କରିବା ସହ ଗୋଡ଼ାଇଥିଲେ। ହେଲେ ଦୁର୍ବୃତ୍ତମାନେ ବାଇକ୍‌ରେ ଦ୍ରୁତ ଗତିରେ ଚାଲିଯାଇଥିଲେ। ବ୍ୟାଙ୍କକୁ ଯାଉଥିବା ଏବଂ ହୋଟେଲ ନିକଟରେ ଘଟଣା ଘଟାଇଥିବା ଦୁର୍ବୃତ୍ତଙ୍କୁ ପୋଲିସ ସିସିଟିଭି ଦେଖିବା ପରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

### ଯୁବକଙ୍କ ଗଳିତ ମୃତଦେହ ଜବତ

ଶେରଗଡ଼,୨।୪(ଡି.ଏନ୍‌.ଏ.)– ଶେରଗଡ଼ ବ୍ଲକ ଲକ୍ଷ୍ମୀନୃସିଂହପୁର ବାଦଗଡ଼ ରାସ୍ତା କଡ଼ରେ ଥିବା ଏକ ଗଛରୁ ଶନିବାର ଜଣେ ଯୁବକଙ୍କୁ ଗଳିତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବାଦଗଡ଼ର ପ୍ରଦୀପ କୁମାର ସ୍ୱାଇଁ (୨୦)। ଏ ନେଇ ନଂ. ୪/୨୨ ପ୍ରକାରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରେମ ବ୍ୟାପାରକୁ ନେଇ ଯୁବକ ଜଣଙ୍କ ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସର ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି।

## ମାଲକାନଗିରିରେ ବଢୁଛି ଜଙ୍ଗଲ ନିଆଁ

ମାଲକାନଗିରି, ୨।୪ (ଡି.ଏନ୍‌.ଏ.)

ଖରାଦିନେ ରାଜ୍ୟରେ ଜଙ୍ଗଲ ନିଆଁ ଚିନ୍ତା ବଢ଼ାଉଛି। କୌଣସି ନା କୌଣସି କାରଣରୁ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗି ବନ୍ୟଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ମାଲକାନଗିରି ଜିଲା ମଧ ଏଥିରୁ ବାଦ୍‌ ପଡୁନାହିଁ। ଜିଲାର ବିଭିନ୍ନ ସ୍ଥାନରେ ଥିବା ଜଙ୍ଗଲରେ ନିଆଁ ଲାଗି ଜନଜୀବନ ଓ ବନ୍ୟଜନ୍ତୁ ସଙ୍କଟରେ ପଡିଥାନ୍ତି। ଅନେକ ସ୍ଥାନରେ ଲୋକେ ମହୁଲଫୁଲ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ଲଗାଉଥିବା ବେଳେ କେତେକ ସ୍ଥାନରେ ଲୋକେ କୋଇଲା ସଂଗ୍ରହ ପାଇଁ ମଧ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ଚଳିତ ବର୍ଷ ମଧ ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ଜିଲା ସଦର ମହକୁମାରେ ଥିବା ଗୋଇପାହାଡ଼, ମଲ୍ଲିକେଶ୍ୱର ପାହାଡ଼ରେ ନିଆଁ ଲାଗିଥିବା ବେଳେ ଜିଲାର କୋରୁକୋଣ୍ଡା, ବାଲିମେଳା ସମେତ ବିଭିନ୍ନ ବନାଞ୍ଚଳର କେତେକ ସ୍ଥାନରେ ନିଆଁ ଲାଗିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଜଙ୍ଗଲ ନିଆଁ ଯୋଗୁ ଅନେକ ମୂଲ୍ୟବାନ୍‌ ବୃକ୍ଷ ପୋଡ଼ି ନଷ୍ଟ ହେଉଥିବା ବେଳେ ଜଙ୍ଗଲରେ ରହୁଥିବା ଅନେକ ବନ୍ୟପ୍ରାଣୀ ଏହି ନିଆଁର ଶିକାର ହେଉଛନ୍ତି। ଏହା ବ୍ୟତୀତ ନିଆଁର ପ୍ରଭାବରେ ଜିଲାରେ ଗରମ ବଢ଼ିବା ସହ ପରିବେଶ ମଧ ପ୍ରଦୂଷିତ ହେଉଛି। ଜଙ୍ଗଲ ନିଆଁ ଆୟତ୍ତ କରିବାକୁ ବନ ବିଭାଗ ଅନେକ ପଦକ୍ଷେପ ନେଉଥିବା ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲି କହିଛନ୍ତି। ଚଳିତବର୍ଷ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ଲାଗି ମାଲକାନଗିରି ଜିଲାରେ ୭୫ଟି ଟିମ୍‌ ଗଠନ କରାଯାଇଛି। ୪ଟି ଗାଡ଼ି ଓ ନିଆଁଲିଭା ଯନ୍ତ୍ର ମଧ ବ୍ୟବହାର ହେଉଥିବା କତାପାଲି ସୂଚନା ଦେଇଛନ୍ତି। ଗ୍ରୀଷ୍ମଋତୁ ପୂର୍ବରୁ ଜିଲାରେ ଲୋକଙ୍କୁ ସଚେତନ କରାଇବା ପାଇଁ ୯୦ରୁ ଊର୍ଦ୍ଧ୍ୱ ବୈଠକ କରାଯାଇଛି। ଯେଉଁ ବୈଠକରେ ବିଭିନ୍ନ ଗ୍ରାମବାସୀଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବା, ଲାଗିଥିବା ନିଆଁକୁ କିଭଳି ଆୟତ୍ତ କରିବା, ଜଙ୍ଗଲ ସୁରକ୍ଷା କମିଟି କରିବା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା କତାପାଲି ପ୍ରକାଶ କରିଛନ୍ତି।



ଜଙ୍ଗଲରେ ଲାଗିଥିବା ନିଆଁ।

## ଜୀବନବିନ୍ଦୁ କାର୍ଯ୍ୟକ୍ରମ: ୩୦ ୟୁନିଟ୍‌ ରକ୍ତ ସଂଗ୍ରହ

ଚିତ୍ରକୋଣ୍ଡା,୨।୪(ଡି.ଏନ.ଏ.)

ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାସ୍ଥିତ ସତ୍ୟସାଇ ମନ୍ଦିରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସତ୍ୟସାଇ ସେବା ସମିତି ପକ୍ଷରୁ ଆୟୋଜିତ ଶିବିରରେ ୩୦ ୟୁନିଟ୍‌ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ସତ୍ୟସାଇ ମନ୍ଦିର ପରିଚାଳନା କମିଟି ସଭ୍ୟ ଏମ୍‌. ଚିରଞ୍ଜିବୀଲୁ ନାୟକ, ଉମା ମହେଶ୍ୱରୀ, ଏମ୍‌. ଶ୍ରୀରାମୁଲୁ, ବଳରାମ ସାହୁ, ଏମ୍‌. ଶ୍ରୀନିବାସ ନାୟକ, ସେବାଦଳ ମୁଖ୍ୟ ବି.ସନ୍ତୋଷ କୁମାର, ଏମ୍‌. ଧନଞ୍ଜୟ ନାୟକ ଓ ଏମ୍‌.ଶ୍ରୀନିବାସ ରାଓ ପରିଚାଳନା କରିଥିଲେ। ରକ୍ତଦାନ ପାଇଁ ରକ୍ତଦାତାଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହୋଇଥିଲା।

## କୋରମ ଅଭାବରୁ ପୁଣି ମଝିଗାଁ ନାଏବ ସରପଞ୍ଚ ନିର୍ବାଚନ ବାତିଲ

ତେନ୍ତୁଳିଖୁଣ୍ଟି, ୨।୪ (ଡି.ଏନ୍‌.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଝିଗାଁ ପଞ୍ଚାୟତ ନାଏବ ସରପଞ୍ଚ ନିର୍ବାଚନକୁ ନେଇ ଅନିଶ୍ଚିତତା ଲାଗିରହିଛି। ଶନିବାର ଦ୍ୱିତୀୟ ଥର ପାଇଁ ନାଏବ ସରପଞ୍ଚ ନିର୍ବାଚନ କୋରମ ଅଭାବରୁ ବାତିଲ ହୋଇଥିବା ନେଇ ତେନ୍ତୁଳିଖୁଣ୍ଟି ନିର୍ବାଚନ ଅଧିକାରୀ ତଥା ବିଡିଓ ଦୁର୍ଯ୍ୟୋଧନ ଭୋଇ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପୂର୍ବରୁ ଜଣେ ନିର୍ବାଚିତ ୱାର୍ଡ ମେମ୍ବରଙ୍କୁ ଅପହରଣ ପରେ ନିର୍ବାଚନ ବାତିଲ କରାଯାଇଥିଲା। ଏହି ଘଟଣା ପରେ ନିର୍ବାଚନ ବନ୍ଦ ଥିବାବେଳେ ଆଗାମୀ ନିର୍ବାଚ ରେ ଯେପରି ଏହିଭଳି ଘଟଣା ନ ଘଟେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରଶାସନ ନିକଟରେ ଦାବି ରଖିଥିଲେ ଅଞ୍ଚଳବାସୀ। ନିର୍ବାଚନ ସମୟରେ ପୂର୍ବଭଳି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପାଇଁ ଖାତିଗୁଡା ଥାନାଧିକାରୀ ପ୍ରମୋଦ ନାୟକଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୃତୟନ ସହ କଡା ପ୍ରହରା ଦିଆଯାଇଥିଲା। କଡା ସୁରକ୍ଷା ମଧ୍ୟରେ ସମସ୍ତ ନିର୍ବାଚିତ ୱାର୍ଡମେମ୍ବର ପଞ୍ଚାୟତ ଅଫିସ ସଭା ଗୃହକୁ ପ୍ରବେଶ କରିଥିଲେ। କିନ୍ତୁ ମୋଟ ୧୭ ଜଣ ୱାର୍ଡମେମ୍ବରଙ୍କ ମଧ୍ୟରୁ ୯ଜଣ ୱାର୍ଡ ସଭ୍ୟ ଦସ୍ତଖତ କରିଥିବାବେଳେ ଅନ୍ୟମାନେ ଦସ୍ତଖତ କରିନଥିଲେ। ତେଣୁ କୋରମ ଅଭାବରୁ ନିର୍ବାଚନବାତିଲ ହୋଇଥିଲା। ପୂର୍ବରୁ ଏହି ପଞ୍ଚାୟତରେ ୨୦୧୨ରୁ ୧୭ ସରପଞ୍ଚଙ୍କୁ ଅନାସ୍ଥା ପ୍ରସ୍ତାବ ଆଗତ କରି ଗାଦିଚ୍ୟୁତ କରିବା ନଜିର ରହିଛି।

## ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ କଲେ ବିପକ୍ଷ

ରାୟଗଡ଼ା ଅଫିସ/ବିଷମକଟକ, ୨।୪(ଡି.ଏନ୍‌.ଏ.)

- ପରାଜୟ ପରେ ରାଜନୈତିକ ଆକ୍ରୋଶ
- ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ କ୍ଷତିଗ୍ରସ୍ତ ଚାଷୀ

ନର୍ବାଚନରେ ପରାଜୟ ପରେ ଆକ୍ରୋଶମୂଳକ ଭାବେ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକଙ୍କ ଫସଲ ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ କୁର୍ଲି ପଞ୍ଚାୟତରୁ ଏଭଳି ଅଭିଯୋଗ ଆସିଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ପରାଜିତ ହେବାରୁ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକମାନଙ୍କ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। କୁର୍ଲି ଗ୍ରାମର ପର୍ଶୁରାମ କୁଶଲିଆ ଏବଂ ଅନ୍ୟ ୫ ଚାଷୀଙ୍କ ୧୫ ଏକର ଜମିରୁ ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ଚାଷୀମାନେ ଜମିରେ ଆମ୍ବ, ପଣସ, କଦଳୀ, ସପୁରୀ ଓ ଲେମ୍ବୁ ଆଦି ଲାଭଜନକ ଚାଷ କରିଥିଲେ। ଚାଷୀମାନେ ତାହା ଉପରେ ନିର୍ଭର କରି ପରିବାର ଚଳାଉଥିଲେ। ଗଛରେ ଫଳ ରହିଥିବାବେଳେ ରାଜନୈତିକ ଆକ୍ରୋଶ ରଖି ଫସଲ ନଷ୍ଟ କରାଯାଇଥିବା କ୍ଷତିଗ୍ରସ୍ତ ଚାଷୀମାନେ ବିଷମକଟକ ଥାନାରେ ମାର୍ଚ୍ଚ ୨୨ରେ ଅଭିଯୋଗ କରିଥିଲେ। ଏତଲାରେ ଡ୍ରିଞ୍ଜୋ ଜାକାସିକା, ମାଣ୍ଡୋ ଜାକାସିକା, ଜିତେନ୍ଦ୍ର ଜାକାସିକା, ଯୁର୍ଲା ବାଗ, ରାଇଜ ବାତ୍ରାଙ୍କ ସମେତ ୩୬ଜଣଙ୍କ ନାମରେ ଅଭିଯୋଗ ହୋଇଛି। ତେବେ ବିଷମକଟକ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ କ୍ଷତିଗ୍ରସ୍ତ ଚାଷୀମାନେ ବାଧହୋଇ ଶନିବାର ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ମାମଲା ବିଷୟରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଘଟଣା ବିଷୟରେ ଏସ୍‌ଡିପିଓଙ୍କ ଦୃଷ୍ଟି ଆକର୍ଷଣ କରି ଶୀଘ୍ର ନ୍ୟାୟ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



ନଷ୍ଟ କରାଯାଇଥିବା ଫସଲ।



## ଯୋଡ଼ା ମୁଣ୍ଡ ଶିଶୁକନ୍ୟା ଜନ୍ମ

ଉଦଳା, (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଡାକ୍ତରଖାନାରେ ଶନିବାର ଅପରାହ୍ନରେ ଜଣେ ମହିଳା ଯୋଡ଼ା ମୁଣ୍ଡ ମୃତ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ଶିଶୁଟିର ଓଜନ ୩ କିଲୋ ଥିଲା। ଉଦଳା ବ୍ଲକ ଅଧୀନ କଇଁସାରୀ ଗ୍ରାମର ସରସ୍ୱତୀ ମୁଖୀ ଉକ୍ତ ଶିଶୁଙ୍କୁ ଜନ୍ମ ଦେଇଥିଲେ। ସରସ୍ୱତୀ ସୁସ୍ଥ ଥିବା ବେଳେ ଉଚ୍ଚ ରକ୍ତଚାପ କାରଣରୁ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି।



## ସଂକ୍ଷେପରେ

### ସମ୍ପର୍କୀୟ ଜେଜେଙ୍କୁ ୧୦ବର୍ଷ ଜେଲ

#### ନାବାଳିକା ବଳାତ୍କାର ମାମଲା

ବାରିପଦା ଅଫିସ,୨।୪-ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ପୀଡ଼ିତା ନାବାଳିକାଙ୍କ ସମ୍ପର୍କୀୟ ଜେଜେ ଚୁନୁରାମ ମହାନ୍ତ(୭୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଜେଲ ଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୮ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ଏବଂ ଜରିମାନା ଅନାଦାୟ ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହାବ୍ୟତୀତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ଆଇନ ସହାୟତା କର୍ତ୍ତୃପକ୍ଷ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୬ ଫେବୃୟାରୀ ୨୮ରେ ବାରିପଦା ସଦର ଥାନା ଅଞ୍ଚଳର ଜନୈକା ୮ ବର୍ଷୀୟା ନାବାଳିକାଙ୍କୁ ଚୁନୁରାମ ଘରକୁ ନେଇ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୨୮/୧୬) ରୁଜୁ କରିଥିଲା। ପୀଡ଼ିତାଙ୍କ ବୟାନ ରେକର୍ଡ ପରେ ପୋଲିସ ଅଭିଯୁକ୍ତ ଚୁନୁରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ସେ ବାରିପଦା ସର୍କଲ ବିଚାର ବିଭାଗୀୟ ହାଜତରେ ରହିଆସୁଥିଲେ। ପୋଲିସ ତଦନ୍ତ ରିପୋର୍ଟ, ଡାକ୍ତରୀ ରିପୋର୍ଟ ଓ ୧୭ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କୋର୍ଟ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଅଭିନ୍ନ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

### ଦିଲ୍ଲୀ, ମୁମ୍ବାଇକୁ ଟପିଲା ମାଲକାନଗିରି ତେଲ ଦର



ମାଲକାନଗିରି, ୨।୪ (ଡି.ଏନ.ଏ.)- କ୍ରମାଗତ ୧୦ ଦିନ ହେଲା ବଢ଼ି ଚାଲିଛି ପେଟ୍ରୋଲ ଓ ଡିଜେଲ ଦର। ଶନିବାର ମାଲକାନଗିରି ଜିଲାରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପରେ ଏହା ଦିଲ୍ଲୀ ଓ ମୁମ୍ବାଇକୁ ଟପିଯାଇଛି। ସମଗ୍ର ରାଜ୍ୟରେ ମଧ୍ୟ ଏହା ସର୍ବାଧିକ ରହିଛି। ଶନିବାର ଦର ବଢ଼ିବା ପରେ ଜିଲା ସଦର ମହାକୁମାରେ ପେଟ୍ରୋଲ ଲିଟର ପିଛା ୧୧୫ ଟଙ୍କା ୦୪ ପଇସା ଓ ଡିଜେଲ ୧୦୪ ଟଙ୍କା ୬୩ ପଇସାରେ ପହଞ୍ଚିଛି। ଏଥିସହ ତେଲ ଦରକୁ ତାଳଦେଇ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ବଢ଼ିବାରେ ଲାଗିଛି। ଜିଲାର ପଡ଼ୋଶୀ ଛତିଶଗଡ଼ର ସୁକୁମା ଜିଲାରେ ପେଟ୍ରୋଲ ଲିଟର ପିଛା ୧୧୦ ଟଙ୍କା ରହିଛି। ଏହା ମାଲକାନଗିରି ଦରଠାରୁ ୫ଟଙ୍କା କମ୍। ମାଲକାନଗିରିର ପଡ଼ିଆ ବ୍ଲକର ସଦର ମହକୁମାଠାରୁ ୩ କି.ମି. ଦୂର ଛତିଶଗଡ଼ ସୁକୁମା ଜିଲାର ଦୋରନାପାଲଠାରେ ଡିଜେଲ ଓ ପେଟ୍ରୋଲ ଲିଟର ପିଛା ୫ଟଙ୍କା କମ୍ ରହିଥିବାରୁ ପଡିଆ ଅଞ୍ଚଳର ଲୋକେ ପେଟ୍ରୋଲ ପକାଇବାକୁ ଛାତିଶଗଡ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ପ୍ରତ୍ୟେହ ଏଭଳି ତୈଳ ଦର ବୃଦ୍ଧି ଯୋଗୁ ଜିଲାରେ ପନିପରିବା ଦର ମଧ୍ୟ ବଢ଼ିଲାଣି। ଏହା ସାଧାରଣରେ ଅସନ୍ତୋଷ ବଢ଼ାଇବାରେ ଲାଗିଛି।

# ରିମାଣ୍ଡ ସରିଲା, ଚିପ୍‌କୁ ନେଇ କ୍ରାଇମ୍‌ବ୍ରାଞ୍ଚ ଚୁପ୍

## କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା

- ମିଳିତ ଡେମୋ ଦେଖାଇଲେ ଶର୍ମିଷ୍ଠା, ନିରଞ୍ଜନ
- ଶର୍ମିଷ୍ଠାଙ୍କୁ ଫେରାର କରାଇଥିଲେ ନିରଞ୍ଜନ
- ୧୦ ହଜାର ଟଙ୍କା ଓ ଗାଡି ଯୋଗାଇଥିଲେ
- ଆଜି ୪ ଅଭିଯୁକ୍ତଙ୍କୁ ଚାନ୍ଦବାଲି ଜେଏମ୍‌ଏଫ୍‌ସିରେ ହାଜର କରାଯିବ

ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ ୨।୪

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଜେଲ ଯାଇ ରିମାଣ୍ଡରେ ଆସିଥିବା ୪ ଅଭିଯୁକ୍ତଙ୍କଠାରୁ କ୍ରାଇମବ୍ରାଞ୍ଚ ଅନେକ ତଥ୍ୟ ସଂଗ୍ରହ କରିସାରିଛି। ମୁଖ୍ୟ ଅଭିଯୁକ୍ତ ତଥା ସମ୍ପୂର୍ଣ୍ଣ ନ୍ୟୁଜ୍ ୱେଭ୍ ଚ୍ୟାନେଲର ମାଲିକାଣୀ ଶର୍ମିଷ୍ଠା ରାଉତ ଏବଂ ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କୁ ୫ଦିନ ଧରି ଘନଘନ ଜେରା ସହ ସିନ୍ ରିକ୍ରିଏଶନ କରାଯାଇଛି। ଇତିମଧ୍ୟରେ ୫ଦିନିଆ ରିମାଣ୍ଡ ଅବଧି ଶନିବାର ଶେଷ ହୋଇଛି। ଶେଷ ଦିନରେ ମଧ୍ୟ ପଚରାଉଚରାବେଳେ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ଚାଞ୍ଚଲ୍ୟକର ତଥ୍ୟ। ହେଲେ ଯେଉଁ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଛି, ସେ ସମ୍ପର୍କରେ ସିନ୍ ରିକ୍ରିଏଶନବେଳେ ଅଭିଯୁକ୍ତମାନେ ପାଟି ଖୋଲି ନ ଥିବାବେଳେ କ୍ରାଇମବ୍ରାଞ୍ଚ ମଧ୍ୟ ଚୁପ୍ ରହିଛି। କ୍ରାଇମ୍‌ବ୍ରାଞ୍ଚ ଘନଘନ ଜେରା କରିବା ସହ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ କିଛି ପୁରୁଣା ଓ ଆଉ କିଛି ନୂଆ ତଥ୍ୟ ହାସଲ କରିଛି ସତ, କିନ୍ତୁ ଚିପ୍ ରହସ୍ୟ ଉନ୍ମୋଚନ କରିପାରି ନ ଥିବାରୁ ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହ ଚିପ୍‌ରେ ବଡ଼ବଡ଼ିଆଙ୍କ କାର୍‌ନାମା ଓ ହତ୍ୟା ପଛର କାରଣ ଲୁଚି ରହିଥିବା କୁହାଯାଉଥିବାବେଳେ ତାହା ମଧ୍ୟ ରହସ୍ୟ ହୋଇଯିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

ଶୁକ୍ରବାର ଚତୁର୍ଥ ଦିନରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ବଖାଣିଥିଲେ ମାନସଙ୍କୁ ଅପହରଣ, ନିର୍ଯାତନା ସହ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ଶବକୁ ପୋତିବାର ଟିକିନିଖି କାହାଣୀ। ଦେଖାଇଥିଲେ ପୂରା ଘଟଣାର ଡେମୋ। ଆଉ ତାଙ୍କ ପାଇଁ ସୁରକ୍ଷା କବଚ ସାଜିଥିବା ଓଆଇଏସ୍ ଅଫିସର ନିରଞ୍ଜନଙ୍କୁ ପଞ୍ଚମ ଦିନରେ ଜେରାବେଳେ ସେ ମଧ୍ୟ ହତ୍ୟାର ସତ ମାନିଛନ୍ତି। ମାନସଙ୍କୁ ଭଦ୍ରକ ଜିଲା ଚାନ୍ଦବାଲି ପଳାଶପୁରରୁ ଅପହରଣ କରି ଭୁବନେଶ୍ୱର ଦୟାଲ ଆଶ୍ରମ ଅଣାଯିବା ପରେ ଉପର ମହଲାରେ ଥିବା ଶର୍ମିଷ୍ଠାଙ୍କ ସମ୍ପୂର୍ଣ୍ଣ ନ୍ୟୁଜ୍ ୱେଭ୍ ଚ୍ୟାନେଲ ଅଫିସକୁ ମଧ୍ୟ ନିଆଯାଇଥିଲା। ଏହାପରେ ନିରଞ୍ଜନ ସେଠାକୁ ଯାଇ ମାନସଙ୍କୁ ମାଡ ମାରିଥିବା କଥା ମଧ୍ୟ ତଦନ୍ତକାରୀ ଟିମ୍ ଆଗରେ ମାନିଛନ୍ତି। ଏଥିସହ ହତ୍ୟା ପରେ ସେ ଶର୍ମିଷ୍ଠାଙ୍କୁ ଫେରାର କରାଇବାର ବାଟ ଦେଖାଇବା ସହ ଯାଜପୁର କାଳିଆପାଣିରେ ଥିବା ଶାଶୁ ଘରକୁ ଯାଇ ଲୁଚିଯିବାକୁ କହିଥିଲେ ନିରଞ୍ଜନ। ଖାଲି ଏତିକି ନୁହେଁ, ଏଥିଲାଗି ସେ ମଧ୍ୟ ଶର୍ମିଷ୍ଠାଙ୍କୁ ୧୦ ହଜାର ଟଙ୍କା ଓ ଗାଡି ଯୋଗାଇଥିଲେ। ଏସବୁ ତଥ୍ୟ ପାଇବା ପରେ ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ତୁରନ୍ତ ଅଭିଯୁକ୍ତ ଶର୍ମିଷ୍ଠା ଓ ନିରଞ୍ଜନଙ୍କୁ ଧରି ଭୁବନେଶ୍ୱରସ୍ଥିତ ସମ୍ପୂର୍ଣ୍ଣ ଅଫିସରେ ପହଞ୍ଚିଥିଲା। ଅଫିସକୁ ପୂରା କର୍ଡନ କରି କ୍ରାଇମବ୍ରାଞ୍ଚ ଟିମ୍ ଛାନ୍‌ଭିନ୍ ଆରମ୍ଭ କରିବା ସହ ପ୍ରାୟ ୧୫ ମିନିଟ ପଚାରଉଚାର କରିଥିଲା। ସେଠାରେ ଅଭିଯୁକ୍ତ ନିରଞ୍ଜନ ତଦନ୍ତକାରୀ ଟିମ୍‌କୁ ଘଟଣାର ଡେମୋ ଦେଖାଇଥିଲେ। ପରେ ସେମାନଙ୍କୁ ସୁନ୍ଦରପଦା ଅଞ୍ଚଳରେ ଥିବା ସ୍କାଏ ଆପାର୍ଟମେଣ୍ଟସ୍ଥିତ ଶର୍ମିଷ୍ଠାଙ୍କ ଭଡ଼ା ଘରକୁ ନିଆଯାଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶନିବାର ସମସ୍ତଙ୍କ ରିମାଣ୍ଡ ସରିଛି। ସମସ୍ତ ଅଭିଯୁକ୍ତଙ୍କୁ ରବିବାର ଚାନ୍ଦବାଲି ଜେଏମ୍‌ଏଫ୍‌ସିରେ ହାଜର କରାଯିବ। ତେବେ ହତ୍ୟାର ରହସ୍ୟ ରହିଥିବା ମେମୋରି ଚିପ୍ ସମ୍ପର୍କରେ ତଥ୍ୟ ହାସଲ କରିବା ଲାଗି ପୁଣି ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ କ୍ରାଇମବ୍ରାଞ୍ଚ ଆବେଦନ କରିପାରେ ବୋଲି ସୂଚନା ମିଳିଛି।





ହତ୍ୟାକାଣ୍ଡ ସ୍ଥଳ ସମ୍ପୂର୍ଣ୍ଣ ନ୍ୟୁଜ୍‌ର କାର୍ଯ୍ୟାଳୟରେ ନିରଞ୍ଜନ ଓ ଶର୍ମିଷ୍ଠାଙ୍କୁ ଧରି ସିନ୍ ରିକ୍ରିଏଶନ କରୁଛନ୍ତି ତଦନ୍ତକାରୀ ଟିମ୍।

### ମିଳିଲା ଶର୍ମିଷ୍ଠାଙ୍କ ମୋବାଇଲ, ନିରଞ୍ଜନଙ୍କ ଡାଏରୀ

ମାନସଙ୍କୁ ସେ ହତ୍ୟା କରିଥିବା ନେଇ ପୋଲିସ ଜାଣିପାରିଥିବା ଶର୍ମିଷ୍ଠା ଖବର ପାଇବା ପରେ ତୁରନ୍ତ ଖସିବାକୁ ବାଟ ତିଆରି କରିଥିଲେ। ପୋଲିସକୁ ଚକ୍‌ମା ଦେଖାଇବାକୁ ସେ ତାଙ୍କ ମୋବାଇଲ ଫୋନ୍‌କୁ ସୁନ୍ଦରପଦା ଅଞ୍ଚଳରେ ଥିବା ସ୍କାଏ ଟାୱାର ଆପାର୍ଟମେଣ୍ଟସ୍ଥିତ ଭଡ଼ାଘରେ ରଖିଦେଇ ଫେରାର ହୋଇଥିଲେ। ଫଳରେ ଶର୍ମିଷ୍ଠାଙ୍କୁ ଧରିବା ଲାଗି ପୋଲିସ ବଡ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ସହ ୨୫ ଦିନ ନୟାନ୍ତ ହେବାକୁ ପଡିଥିଲା। ସେହିଭଳି ନିରଞ୍ଜନ ଅନେକ ସମୟରେ ଶର୍ମିଷ୍ଠାଙ୍କ ଉକ୍ତ ଘରକୁ ଯିବା ଆସିବା କରୁଥିଲେ। ତେବେ ଶନିବାର ଉଭୟଙ୍କୁ ଉକ୍ତ ଘରକୁ ନିଆଯାଇ ତଦନ୍ତ କରାଯାଇଥିଲା। ଏହି ସମୟରେ ସେଠାରୁ ନିରଞ୍ଜନଙ୍କ ଡାଏରି ଓ ଶର୍ମିଷ୍ଠାଙ୍କ ମୋବାଇଲ୍ ଫୋନ୍ ଜବତ କରିଛି ତଦନ୍ତକାରୀ ଟିମ୍।

### ଶର୍ମିଷ୍ଠାଙ୍କ ଭଡ଼ାଘରୁ ବହୁ ଜିନିଷପତ୍ର ଗାଏବ

ମାନସ ହତ୍ୟା ମାମଲାରେ ଅଧିକ ତଥ୍ୟ ପାଇବା ଲାଗି କ୍ରାଇମ୍‌ବ୍ରାଞ୍ଚ ତଦନ୍ତକାରୀ ଟିମ୍ ଶନିବାର ଶର୍ମିଷ୍ଠା ଓ ନିରଞ୍ଜନଙ୍କୁ ସାଙ୍ଗରେ ଧରି ସ୍କାଏ ଟାୱାର ଆପାର୍ଟମେଣ୍ଟସ୍ଥିତ ଶର୍ମିଷ୍ଠାଙ୍କ ଭଡ଼ାଘରକୁ ଯିବାବେଳେ ସେଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଆସବାବପତ୍ର ସହ ବହୁ ଜିନିଷପତ୍ର ଗାଏବ ହୋଇଯାଇଥିବା ଜାଣିବାକୁ ପାଇଥିଲା। ସେଠାରେ ଗତ କିଛିଦିନ ହେବ ଶର୍ମିଷ୍ଠାଙ୍କ ନଣନ୍ଦ ରହୁଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ତଦନ୍ତକାରୀ ଟିମ୍ ଆସି ପଚାରଉଚରା କରିବା ଭୟରେ ଶୁକ୍ରବାର ସଂପୃକ୍ତ ମହିଳା ଫ୍ଲାଟ୍‌ରୁ ଜିନିଷପତ୍ର ନେଇ ପଳାଇଯାଉଥିଲେ। ଏହି ସମୟରେ ଆପାର୍ଟମେଣ୍ଟରେ ରହୁଥିବା ଅନ୍ୟ ଅନ୍ତେବାସୀ ତାଙ୍କୁ ଅଟକାଇବା ସହ ଅଣ୍ଡରଟେକିଂ ମଧ୍ୟ ଲେଖାଇ ଛାଡ଼ିଥିଲେ। ତେବେ ସେ କେଉଁ ଆଡେ ଗଲେ ଓ ଉକ୍ତ ଅଣ୍ଡରଟେକିଂ ଜବତ ହୋଇଛି କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଏନେଇ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ଯେଉଁଥିପାଇଁ ଯାଇଥିଲୁ ସେହି ଜିନିଷ ମିଳିଯାଇଛି।

### ନୂଆ ତଥ୍ୟ ଦେଲେ ନିରଞ୍ଜନ

ନିରଞ୍ଜନ ପ୍ରାୟ ସମୟରେ ଶର୍ମିଷ୍ଠାଙ୍କ ଦୟାଲ ଆଶ୍ରମ ଓ ସମ୍ପୂର୍ଣ୍ଣ ନ୍ୟୁଜ୍ ଅଫିସ୍‌କୁ ଆସୁଥିବା କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଅଧିକାରୀଙ୍କୁ କହିଛନ୍ତି। ମାନସଙ୍କୁ ଅପହରଣ ଓ ହତ୍ୟା ଦିନ ଅର୍ଥାତ୍ ଫେବୃୟାରୀ ୭ ସନ୍ଧ୍ୟାରେ ଉକ୍ତ ଅଫିସକୁ ସେ ଆସିଥିଲେ। ସେହି ସମୟରେ ଅଫିସରେ ଶର୍ମିଷ୍ଠାଙ୍କ ସହ ସହଯୋଗୀ ଝୁନା ଭୋଇ ଏବଂ ଝୁନାଙ୍କ ସ୍ୱାମୀ ରଞ୍ଜନ ନାୟକ ଓରଫ ରାଜ୍ ସେଠାରେ ଉପସ୍ଥିତ ଥିଲେ। ଏଥିସହ ଶର୍ମିଷ୍ଠାଙ୍କ ଡାଉଜ ଓ ଜଣେ କମ୍ପ୍ୟୁଟର ଅପରେଟର ମଧ୍ୟ ସେଠାରେ ଥିଲେ। ଅପହରଣ କରି ଅଣାଯିବା ପରେ ମାନସଙ୍କୁ ଦୟାଲ୍ ଆଶ୍ରମରୁ ଉପର ମହଲାରେ ଥିବା ସମ୍ପୂର୍ଣ୍ଣ ନ୍ୟୁଜ୍ ଅଫିସକୁ ନିଆଯାଇଥିଲା। ସେଠାରେ ନିରଞ୍ଜନ ମଧ୍ୟ ଅନ୍ୟମାନଙ୍କ ସହ ମାନସକୁ ପିଟିଥିବା କ୍ରାଇମବ୍ରଞ୍ଚ ଆଗରେ ସ୍ୱୀକାର କରିଛନ୍ତି। ତେବେ ରାତି ୧୦ଟା ବେଳକୁ ନିରଞ୍ଜନ ସେଠାରୁ ଚାଲିଯାଇଥିବା କ୍ରାଇମବ୍ରାଞ୍ଚ କହିଛି। ଅପରପକ୍ଷରେ ହତ୍ୟାର ମାସକ ପରେ ଅର୍ଥାତ୍ ମାର୍ଚ୍ଚ ୮ରେ ଶର୍ମିଷ୍ଠା ନିରଞ୍ଜନଙ୍କ ପ୍ରଶାନ୍ତି ବିହାରସ୍ଥିତ ଅଫିସକୁ ଆସି ତାଙ୍କଠାରୁ ୧୦ହଜାର ଟଙ୍କା ନେଇଥିଲେ ବୋଲି କ୍ରାଇମବ୍ରାଞ୍ଚକୁ ସେ କହିଛନ୍ତି।

# ବାର୍ଷିକ ଫେଷ୍ଟ ଗଜଜ୍ୟୋତି-୨୨ ଉଦ୍‌ଯାପିତ




ଭୁବନେଶ୍ୱର,୨।୪

ସେଞ୍ଚୁରିଅନ୍ ୟୁନିଭରସିଟି ପକ୍ଷରୁ ଆୟୋଜିତ ଟେକ୍ନୋ ସାଂସ୍କୃତିକ ମହୋତ୍ସବ 'ଗଜଜ୍ୟୋତି-୨୨' ଶନିବାର ଉଦଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ନାଇଜେରିଆ, ଭୁଟାନ, ନେପାଳ, ଆଫଗାନିସ୍ତାନ ଏବଂ ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରୀଛାତ୍ରମାନେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ବିଭାଗ ସହିତ ମିଳିତ ଭାବେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନିକଟରେ ଉକ୍ତ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଡି.ଏ.ନ ରାଓ ପ୍ରଦୀପ ପ୍ରଜ୍ୱଳନ କରି ଫେଷ୍ଟର ଶୁଭାରମ୍ଭ କରିଥିଲେ। ଭାରତୀୟ ଛାତ୍ରମାନଙ୍କ କାର୍ଯ୍ୟକ୍ରମରେ ମେଗା ଏକ୍ସପୋ, ଓପନ୍ ମାଇକ୍, ଫେସ୍‌ପେଣ୍ଟିଂ, ରୋଡ୍ ସୋ, କଳା, ହସ୍ତଶିଳ୍ପ, ବର୍ଜ୍ୟବସ୍ତୁରୁ ଧନ ପ୍ରଦର୍ଶନୀ, ଷ୍ଟ୍ରିଟ୍ ପ୍ଲେ, ଷ୍ଟ୍ରିଟ୍ ମ୍ୟୁଜିକ୍ ସୋ ଏବଂ ଚଳଚ୍ଚିତ୍ର ଗୀତର ପ୍ରଦର୍ଶନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ନିଜ ଦେଶର ଗୀତ ଏବଂ ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଛାତ୍ରମାନେ ନିଜ ଦେଶର ସାଂସ୍କୃତିକ ଐତିହ୍ୟର ସ୍ୱତନ୍ତ୍ରତା ଉପସ୍ଥାପନ କରିବାକୁ ପ୍ରଚେଷ୍ଟା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆନ୍ତ-ସାଂସ୍କୃତିକ ବିନିମୟ ମଧ୍ୟ ପ୍ରତିଫଳିତ ହୋଇଥିଲା। ନାଇଜେରିଆର ଛାତ୍ରମାନେ ଏକ ହିନ୍ଦୀ ଗୀତରେ ସୁନ୍ଦର ପରିବେଷଣ କରି ଦର୍ଶକଙ୍କ ମନ ଆକର୍ଷିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କିଛି ଅଧ୍ୟାପକ ମଧ୍ୟ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଗୋଟିଏ ପ୍ଲାଟଫର୍ମରେ ଛାତ୍ର ଏବଂ ବିଭିନ୍ନ ଦେଶର ସଂସ୍କୃତି ଅନ୍ତର୍ଭୁକ୍ତ ହେବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର (ଡ.) ସୁପ୍ରିୟା ପଟ୍ଟନାୟକ ଯୋଗ ଦେଇ କହିଥିଲେ ଯେ ଚରିତ୍ର ନିର୍ମାଣ ଏବଂ ଛାତ୍ରମାନଙ୍କ ବିକାଶରେ ସଂସ୍କୃତିର ଭୂମିକା ବେଶ ଗୁରୁତ୍ୱାରୋପ ବୋଲି ସେ ବର୍ଣ୍ଣନା କରିଥିଲେ। ଛାତ୍ରମାନଙ୍କ ଛାତ୍ରବୃତ୍ତି ଏବଂ ଚରିତ୍ର ନିର୍ମାଣରେ ସେମାନଙ୍କର ଦାୟିତ୍ୱ ବିଷୟରେ ସେ ଶିକ୍ଷକମାନଙ୍କୁ ମଧ୍ୟ ମନେ (ଅବଲମ୍ବ କରାଇଥିଲେ) ପକାଇଲେ। ପ୍ରଫେସର ପଟ୍ଟନାୟକ, ଛାତ୍ର ତଥା ଏହି କାର୍ଯ୍ୟକ୍ରମ ସହିତ ଜଡିତ ସମସ୍ତ ଲୋକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ବିଜେତା ହୋଇଥିବା ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ତମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରିଥିଲେ।

# ଜଙ୍ଗଲରେ ନିଆଁ, ଗାଁମୁହାଁ ହରିଣପଲ

ଠାକୁରମୁଣ୍ଡା, ୨।୪(ଡି.ଏନ.ଏ.)

ଏବେ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ରେଞ୍ଜରେ ନିଆଁ ଲାଗୁଥିବାରୁ ଖାଇବାକୁ ନ ପାଇ ଜୀବନ ବିକଳରେ ବନ୍ୟଜନ୍ତୁ ଗ୍ରାମାଭିମୁଖୀ ହେଉଛନ୍ତି। ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳ ଅଧୀନ ଠାକୁରମୁଣ୍ଡା ନିକଟ ନିହଣଗଣ୍ଡି ଗାଁ ଭିତରକୁ ଶନିବାର ସକାଳେ ହରିଣ ପଲ ପଶିଆସିଥିଲେ। ଗୋଟିଏ ହରିଣକୁ ଗ୍ରାମବାସୀ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି।

ଭୋର ସମୟରେ ଠାକୁରମୁଣ୍ଡା ବ୍ଲକ ନିକଟ ଜଙ୍ଗଲ ଭିତରୁ ହରିଣପଲ ନିହଣଗଣ୍ଡି ଗ୍ରାମ ଅତିକ୍ରମ କରି ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟ ଜଙ୍ଗଲକୁ ଯିବାକୁ ଉଦ୍ୟମ କରୁଥିଲେ। ହରିଣପଲକୁ କୁକୁର ଗୋଡାଇବାରୁ ଗୋଟିଏ ହରିଣ ଯାଇ ନ ପାରି ରହିଯାଇଥିଲା। ଗ୍ରାମବାସୀ କୁକୁର କବଳରୁ ହରିଣକୁ ଉଦ୍ଧାର କରିଥିଲେ। ଉଦ୍ଧାର ହରିଣକୁ କୁକୁର କାମୁଡି ଦେଇଥିବା ବେଳେ ବନବିଭାଗ ହରିଣକୁ କାର୍ଯ୍ୟାଳୟକୁ ନେଇଯାଇଥିଲେ। ସେଠାରେ ଚିକିତ୍ସା ପରେ ହରିଣକୁ ବନବିଭାଗ ଶିମିଳିପାଳ ପାଦଦେଶରେ ଥିବା ରାଣୀଭୋଳ ଜଙ୍ଗଲରେ ଛାଡି ଦେଇଥିବା ଜଣାଯାଇଛି।

# ଓପିଟିସିଏଲ୍‌ର ୧୭ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨।୪

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ତଥା ଓପିଟିସିଏଲ୍‌ର ୧୭ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ସ୍ଥାନୀୟ ପାୱାର କ୍ଲବ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଯୋଗ ଦେଇ କହିଥିଲେ ଓପିଟିସିଏଲ ସରବରାହ ଉପଲବ୍ଧତା ୯୯.୯୯% ରହିଛି, ଯାହା ଦେଶରେ ସର୍ବାଧିକ ବୋଲି ଜଣାପଡିଛି। ସେହିପରି ବିଦ୍ୟୁତ୍ ସଂଯୋଗ କ୍ଷେତ୍ରରେ ଓଡିଶାର ହାର ଜାତୀୟ ହାର ଠାରୁ ଅଧିକ , ଏ ସବୁ ସମ୍ଭବ ହୋଇପାରିଛି ରାଜ୍ୟ ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ବୋଲି ଧଳ ମତ ବ୍ୟକ୍ତ କରିଛନ୍ତି। ସେହିଭଳି ସମ୍ମାନୀତ ଅତିଥି ଭାବେ ଓପିଟିସିଏଲର ପରିଚାଳନା ନିର୍ଦ୍ଦେଶକ ସଂଜୟ କୁମାର ମିଶ୍ର ଯୋଗ ଦେଇ କହିଥିଲେ ଉତ୍କଳ ଦିବସ ଭଳି ପବିତ୍ର ଦିନରେ ୨୦୦୫ ମସିହାରେ ଓପିଟିସିଏଲର ପ୍ରତିଷ୍ଠା ହୋଇଥିଲ। ଓଡ଼ିଆ ଭାଷା ଯେପରି ସାରା ରାଜ୍ୟକୁ ବାନ୍ଧି ରଖିଛି ସେହିପରି ଆଜି ରାଜ୍ୟରେ ଓପିଟିସିଏଲର ୧୭୭ଟି ଗ୍ରୀଡ୍ ଏବଂ ଦୀର୍ଘ ୧୫,୭୦୦କିଲୋମିଟର ସରବରାହ ନେଟୱର୍କ ଦ୍ୱାରା ସାରା ଓଡ଼ିଶାକୁ ସଶକ୍ତ କରୁଛି। ଆମର ନିଷ୍ଠାପର ସେବା ଓଡ଼ିଶାର ସେହି ବରପୁତ୍ର ମାନଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରେଷ୍ଠ କର୍ମଚାରୀ, ଶ୍ରେଷ୍ଠ ପ୍ରକଳ୍ପ, ଶ୍ରେଷ୍ଠ ଟିମ୍ ଏବଂ ଶ୍ରେଷ୍ଠ ଗ୍ରୀଡ୍ ପୁରସ୍କାର ପ୍ରଦାନ କରାଯାଇଥିଲ । ଓଡ଼ିଶାରେ ଗ୍ରାମୀଣ ବିଦ୍ୟୁତ୍ କ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ପାଇଁ ଗ୍ରାମୀଣ ବିଦ୍ୟୁତୀକରଣ ନିଗମର (ଆର୍.ଇ.ସି) ଓଡ଼ିଶା ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ମହାନ୍ତିଙ୍କୁ ଏବଂ ଓଡ଼ିଶା ଶକ୍ତି କ୍ଷେତ୍ରରେ ଅବଦାନ ପାଇଁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ର ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।




# ଆୟକର ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨।୪ :** ସାରା ଭାରତରେ ଆୟକର ବିଭାଗ ଦ୍ୱାରା ପାଳିତ ହେଉଥିବା 'ଆଜାଦୀ କା ଅମୃତ ମହୋତ୍ସବ'ର ଏକ ଅଂଶ ସ୍ୱରୂପ ଓଡ଼ିଶା ଦିବସକୁ ବିଭାଗର ଭୁବନେଶ୍ୱର ସ୍ଥିତ ଆୟକର ଭବନ ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି। ସେହିଭଳି ଭୁବନେଶ୍ୱରସ୍ଥିତ ଆୟକର ଚିତ୍ତ ବିନୋଦନ କ୍ଲବ୍‌ର ମଧ୍ୟ ବାର୍ଷିକ ଉତ୍ସବ ଏବଂ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପରନୀତ ସିଂ ସଚ୍ଚଦେବ ପ୍ରଦୀପ ଜଳାଇ ଏହାର ଉଦ୍‌ଘାଟନ କରି କହିଥିଲେ, ଦେଶକୁ ସ୍ୱାଧୀନ କରିବାରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ସେହିଭଳି ଉତ୍କଳ ପ୍ରଦେଶ ଗଠନରେ ମଧ୍ୟ ଓଡ଼ଶାର ଦିବଂଗତ ବରପୁତ୍ରମାନଙ୍କର ଅବଦାନକୁ ସେ ମନେ ପକାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଶାର ୪ଜଣ ସୁନାମଧନ୍ୟ କୃତବିଦ୍ୟ ବିଶିଷ୍ଟ ଲୋକ କବି ପଦ୍ମଶ୍ରୀ ହଳଧର ନାଗ, ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଓ ସାମାଜିକ କର୍ମୀ ସବ୍ୟସାଚୀ ମିଶ୍ର ଏବଂ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ମୀରା ଦାସଙ୍କୁ ବିଭାଗ ପକ୍ଷରୁ ନାମଫଳକ, ଉତ୍ତରୀୟ ଓ ପ୍ରଶସ୍ତିପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ଆୟକର ପ୍ରଧାନ ଆୟୁକ୍ତ ଧୀରେନ୍ଦ୍ର କୁମାର ମିଶ୍ର ଓଡ଼ିଶା ଦିବସରେ ମହାତ୍ମାଙ୍କ ସମ୍ବନ୍ଧରେ ବିଶଦ ଭାବେ ଆଲୋକପାତ କରିଥିଲେ। ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ବିଭାଗର କର୍ମଚାରୀମାନଙ୍କ ମଧ୍ୟରେ ଆୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ମଧ୍ୟ ଏହି ପରିପ୍ରେକ୍ଷୀରେ ପୁରସ୍କୃତ କରାଯାଇଥିଲା।




# ଅବସରପ୍ରାପ୍ତ ଶିକ୍ଷକଙ୍କୁ ହତ୍ୟା

## ବିଲ ମଝିରୁ ମିଳିଲା କ୍ଷତବିକ୍ଷତ ମୃତଦେହ

ସିମୁଳିଆ, ୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ଥାନା ବାଲିଖଣ୍ଡ ଅଞ୍ଚଳରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ଆନନ୍ଦ ବିହାରୀ ପତ୍ରୀ(୬୪)। ଶନିବାର ସକାଳେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ବିଲ ମଝିରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଖୋଳତାଡ କରିବା ସହ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଗୁରୁତର ଅବସ୍ଥାରେ ବାଥରୁମ୍‌ରୁ ଉଦ୍ଧାର କରିଛି। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ପ୍ରଥମେ ଭଦ୍ରକ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଡକାୟତି କିମ୍ବା ଜମିବାଡିକୁ କେନ୍ଦ୍ର କରି ହତ୍ୟା କରାଯାଇଥିବା କୁହାଯାଉଥିଲେ ମଧ୍ୟ ତାହା ଏଯାଏ ସ୍ପଷ୍ଟ ହୋଇନି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଥାନା ଅଧିକାରୀ ଜୟନ୍ତ କୁମାର ବେହେରା ପହଞ୍ଚି ତଦନ୍ତ କରିଛନ୍ତି। ଅପରାହ୍ନରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।



ହତ୍ୟା ଘଟଣାରେ ଏସ୍‌ପି ତଦନ୍ତ କରୁଛନ୍ତି।

ଆନନ୍ଦବିହାରୀ ଓ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ବାଲିଖଣ୍ଡରେ ରହୁଥିବା ବେଳେ ତାଙ୍କ ପୁଅ ଓ ବୋହୂ ଭଦ୍ରକରେ ରୁହନ୍ତି। ଶୁକ୍ରବାର ରାତି ପ୍ରାୟ ୧୨ଟାରେ ୩ଜଣ ଦୁର୍ବୃତ୍ତ ପାଣି ମାଗିବା ଆଳରେ ତାଙ୍କ ଘରେ ପଶିଥିଲେ। ସୁନା ଗହଣା, ଟଙ୍କା ଚୋରି ଉଦ୍ଦେଶ୍ୟରେ ପଶିଥିବା ଏହି ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ଆନନ୍ଦବିହାରୀ ଚିହ୍ନି ଦେବାରୁ ସେମାନେ ମାରଣାସ୍ତ୍ରରେ ଦମ୍ପତିଙ୍କ ମୁଣ୍ଡ ଓ ବେକକୁ ଚୋଟ ମାରିଥିଲେ। ଆକ୍ରମଣରେ ସନ୍ଧ୍ୟାରାଣୀଙ୍କ ମୃତ୍ୟୁ ହୋଇଯାଇଥିବା ଭାବି ଦୁର୍ବୃତ୍ତମାନେ ତାଙ୍କୁ ବାଥରୁମ୍ ଭିତରେ ପକାଇ ଦେଇଥିଲେ। ପରେ ସେମାନେ ଆନନ୍ଦବିହାରୀଙ୍କୁ ବିଲ ମଝିକୁ ନେଇ କ୍ଷତବିକ୍ଷତ କରି ହତ୍ୟା କରିବା ପରେ ଉଲଗ୍ନ କରି ଫିଙ୍ଗି ଦେଇଥିଲେ। ବିଲରୁ ତାଙ୍କ ଘରର ବିଭିନ୍ନ କାଗଜପତ୍ର, ଏକ ବାକ୍ସକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୧୫୩/୨୨)ରୁଜୁ କରି ତଦନ୍ତ ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି କହିଛି। ଆନନ୍ଦ ବିହାରୀ ନିକଟସ୍ଥ ସଂସ୍କୃତ ବିଦ୍ୟାଳୟର ହେଡ୍‌ପଣ୍ଡିତ ଥିଲେ।

# ମୁଁ ବି କହିପାରିବି





**ଅନେକ ଯୁବତୀଯୁବକ ଭଲ ପାଠ ପଢ଼ନ୍ତି, ଅଧିକ ନମ୍ବର ରଖନ୍ତି, ଆଉ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ରିଟିନ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ବି ହୁଅନ୍ତି। ହେଲେ ଇଣ୍ଟରଭ୍ୟୁ ବା ଓରାଲ୍ ଟେଷ୍ଟରେ ଭଲ ପ୍ରଦର୍ଶନ ଅଭାବରୁ ବିଫଳତାର ସମ୍ମୁଖୀନ ହୁଅନ୍ତି। ଏହା ପଛର ମୁଖ୍ୟ କାରଣ ହେଉଛି ସର୍ବସାଧାରଣଙ୍କ ସମ୍ମୁଖରେ କିଛି କହିବାର ଡର, ଯାହାକୁ ପବ୍ଲିକ୍ ସ୍ପିକିଂ ଫୋବିଆ ବୋଲି ମଧ୍ୟ କୁହାଯାଇପାରେ। ଏମିତିରେ ସଫଳତାର ସ୍ୱାଦ ଚାଖିବାକୁ ହେଲେ ମନରୁ ଏହି ଭୟ ଦୂରେଇବା ଲାଗି ଆତ୍ମପ୍ରଚେଷ୍ଟା ଗୁରୁତ୍ୱପୂର୍ଣ୍ଣ...**

ଏକାଧିକ ଅଜଣା ବ୍ୟକ୍ତି ଅବା ସର୍ବସାଧାରଣଙ୍କ ସମ୍ମୁଖରେ କିମ୍ବା ଜନସମାଗମରେ କିଛି କହିବା ଅବା ବକ୍ତବ୍ୟ ଦେବା ସଭିଙ୍କ ପାଇଁ ଏକ ସାଧାରଣ କଥା ନୁହେଁ। ଏଥିପାଇଁ ଆବଶ୍ୟକ ଦୃଢ଼ ଆତ୍ମବିଶ୍ୱାସ ଏବଂ ଭୟଶୂନ୍ୟ ମାନସିକତା। ହେଲେ ଅନେକ ଯୁବତୀଯୁବକଙ୍କ ଭିତରେ ଏହାକୁ ନେଇ ଡର ବା ପବ୍ଲିକ୍ ସ୍ପିକିଂ ଫୋବିଆ ଥାଏ। ଏହାକୁ ନିଜ ମନରୁ ଦୂର ନ କଲେ ଜୀବନରେ ଆଗକୁ ବଢ଼ିବା ଏବଂ ସଫଳତାର ସ୍ୱାଦ ଚାଖିବା କଷ୍ଟକର ହୋଇପଡ଼େ। ତେଣୁ ଏହାକୁ ଦୂର କରିବା ଲାଗି ନିଜସ୍ୱ ଉଦ୍ୟମ ହିଁ ଅପରିହାର୍ଯ୍ୟ।



**ବଢ଼ାନ୍ତୁ ଆତ୍ମବିଶ୍ୱାସ:** ଆତ୍ମବିଶ୍ୱାସ ପ୍ରତ୍ୟେକ କାର୍ଯ୍ୟରେ ସଫଳତାର ଚାବିକାଠି। ତେଣୁ ମନରେ କୌଣସି ନକାରାତ୍ମକ ଭାବନା ଥିଲେ ଏହାକୁ ଦୂର କରିବା ଲାଗି ପ୍ରଥମେ ନିଜର ଆତ୍ମବିଶ୍ୱାସ ବଢ଼ାନ୍ତୁ । ଦେଖିବେ ଏହାଦ୍ୱାରା ଜବ୍ ଇଣ୍ଟରଭ୍ୟୁ ହେଉ ଅବା ସଭାସମିତିରେ ଭାଷଣ ହେଉ, ସବୁଠି ଆପଣ ଦୃଢ଼ତାର ସହ ନିଜ କଥା ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପନା କରିପାରିବେ।

**ଅଭ୍ୟାସ ବଢ଼ାଏ ମନବଳ:** ଯେକୌଣସି କ୍ଷେତ୍ରରେ ନିଜର ବେଷ୍ଟ ଦେବାଲାଗି ବାରମ୍ବାର ଅଭ୍ୟାସ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହା ମନରୁ ଡର ଦୂର କରିବାରେ ସାହାଯ୍ୟ କରିଥାଏ। ଏଥିପାଇଁ ଦର୍ପଣ ଆଗରେ ପରିବାର ସଦସ୍ୟ କିମ୍ବା ବନ୍ଧୁମାନଙ୍କୁ ଦର୍ଶକ ଭାବେ ବସାଇ ସେମାନଙ୍କଠାରୁ ମତାମତ ନେଇପାରିବେ। ଏହାଦ୍ୱାରା ନା କେବଳ ଆପଣଙ୍କ ସାହସ ବଢ଼ିବ ବରଂ କୌଣସି ତ୍ରୁଟି ଥିଲେ ଏହାକୁ ସୁଧାରିବାର ମଉକା ମିଳିବ ଏବଂ ଆପଣ ଏଥିନେଇ ଆପଣଙ୍କ ମନ ଭିତରେ ଥିବା ଡର ବି ଦୂର ହେବ।

**ସ୍କିଲ୍ ଡେଭଲପ୍‌ମେଣ୍ଟ ଜରୁରୀ:** ଯେଉଁମାନଙ୍କଠାରେ ଜନସାଧାରଣ ବା ଅଧିକ ଲୋକଙ୍କ ଆଗରେ କିଛି କହିବା କଥା ଶୁଣିବାମାତ୍ରେ ଦେହ ଥରିବା, ବ୍ୟସ୍ତ ହୋଇପଡ଼ିବା, ଝାଳ ବୋହିବା, ଭୟରେ ଓଠ ଶୁଖିଯିବା, ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ିବା, ବାରମ୍ବାର ମନା କରିବା ଭଳି ଲକ୍ଷଣ ଦେଖିବାକୁ ମିଳିଥାଏ। ଏମିତିକି ପବ୍ଲିକ୍‌ରେ ନିଜକୁ କିଛି କହିବାକୁ ହେବ ଜାଣିବାମାତ୍ରେ କାହା କାହାକୁ ଭୟରେ ଝାଡ଼ା, ପରିସ୍ରା ମଧ୍ୟ ଲାଗିଥାଏ। ତେବେ ଏହି ଭୟକୁ ମେଡିକାଲ ସାଇନ୍ସରେ ଗ୍ଲୋସୋଫୋବିଆ ବୋଲି କୁହାଯାଇଥାଏ, ଯାହାକୁ ଦୂର କରିବା ଲାଗି ନିଜସ୍ୱ ଚେଷ୍ଟା ନିତାନ୍ତ ଆବଶ୍ୟକ। ଏହା ବ୍ୟତୀତ ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା କମ୍ୟୁନିକେଶନ ସ୍କିଲ୍ ଡେଭଲପ୍‌ମେଣ୍ଟ, ଗ୍ରୁପ୍ ଡିସ୍କଶନ୍ ଭଳି ଟ୍ରେନିଂ ନେଇପାରିବେ।

**ପୂର୍ବ ପ୍ରସ୍ତୁତି କରିବ ସାହାଯ୍ୟ:** କୌଣସି ଇଣ୍ଟରଭ୍ୟୁ ଅବା ଜନସମାଗମରେ କିଛି କହିବାକୁ ଭୟ ଲାଗୁଛି, ତେବେ କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ଏହାର ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁକୁ ଭଲ ଭାବେ ବୁଝନ୍ତୁ। ଯଦି ସମ୍ଭବ ଏ ସମ୍ପର୍କରେ ପୂର୍ବରୁ ପଢ଼ିନିଅନ୍ତୁ, ଯାହାକି ଆପଣଙ୍କୁ ନିର୍ଭୟ ଭାବେ ସମସ୍ତଙ୍କ ଆଗରେ କହିବାର ସାହସ ଯୋଗାଇବ।

**ଘୋଷିବା କିମ୍ବା ନକଲ କରିବା ଠିକ୍ ନୁହେଁ:** ଯଦି ନିଜର ବକ୍ତବ୍ୟକୁ ଆକର୍ଷଣୀୟ କରିବା ଲାଗି ଆପଣ କୌଣସି କଥାକୁ ଘୋଷି ଅବା ଅନ୍ୟ କାହାର ଷ୍ଟାଇଲ୍‌କୁ ନକଲ କରି ସର୍ବ ସମ୍ମୁଖରେ କୁହନ୍ତି ତେବେ ଏହା ଭଲ ହେବା ପରିବର୍ତ୍ତେ ଅଧିକ ଖରାପ ହେବା ସହ କେବେ କେବେ ପରିହାସର ପାତ୍ର ହେବାକୁ ପଡିଥାଏ। ହୁଅନ୍ତି, ଯାହାକି ଆଗକୁ ବଢ଼ିବା ଦିଗରେ ସେମାନଙ୍କ ମନବଳକୁ ଦୁର୍ବଳ କରିଦିଏ। ତେଣୁ ଏପରି ନ କରି ନିଜର ବେଷ୍ଟ ଦିଅନ୍ତୁ ଏବଂ ବ୍ୟକ୍ତିତ୍ୱକୁ ବଜାୟ ରଖି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ।

**ଫେସିଆଲ୍ ଏକ୍ସପ୍ରେଶନ୍ ପ୍ରତି ସଜାଗ ରୁହନ୍ତୁ:** ବଡ଼ କଥା ହେଉଛି ନିଜର ଉପସ୍ଥାପନା ଶୈଳୀକୁ ମନୋରଞ୍ଜନଧର୍ମୀ କରନ୍ତୁ ଏବଂ ନିଜର ବଡିଲାଙ୍ଗୁଏଜ୍ ଏବଂ ଫେସିଆଲ୍ ଏକ୍ସପ୍ରେଶନ୍ ପ୍ରତି ସଜାଗ ରୁହନ୍ତୁ। ଫଳରେ ଅନ୍ୟମାନେ ଧୈର୍ଯ୍ୟର ସହିତ ଆପଣଙ୍କ କଥା ଶୁଣିବେ ଏବଂ ପୁନର୍ବାର ଶୁଣିବାକୁ ଉତ୍ସାହିତ ହେବେ। କାରଣ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନା କରୁଥିବା ସମୟରେ ଭୟକୁ ଲୁଚାଇବା ଆଳରେ ଅନେକେ ଏତେ ଯତ୍ନଶୀଳ ହୋଇଉଠନ୍ତି ଯେ, ଅପରପକ୍ଷେ ତାଙ୍କ ସମ୍ପୂର୍ଣ୍ଣ ବକ୍ତବ୍ୟ ବା ମନ୍ତବ୍ୟ ଶୁଣୁଥିବା ବ୍ୟକ୍ତିଙ୍କ ନଜରରେ ତାଙ୍କ ଭୟ ସ୍ପଷ୍ଟ ବାରି ହୋଇଯାଉଛି ବୋଲି ସେମାନେ ଜାଣିପାରନ୍ତି ନାହିଁ। ଫଳସ୍ୱରୂପ ସେମାନେ ନିଜ ଉପସ୍ଥାପନାରେ ଅନ୍ୟମାନଙ୍କୁ ପ୍ରଭାବିତ କରିବାରେ ବିଫଳ ହୁଅନ୍ତି। ତେଣୁ ମନ ଭିତରେ ଡର ଥିଲେ ସୁଦ୍ଧା ଆପଣ ନିଜକୁ ଏଭଳି ଭାବେ ରଖନ୍ତୁ, ଯେପରି ଦର୍ଶକଙ୍କୁ ତାହା ପ୍ରଭାବିତ କରିପାରିବ।

## କ'ଣ କରନ୍ତି ଏମାନେ...



**ସନମ୍ସିତା ସାହୁ** (ଛାତ୍ରୀ, ଶତାବ୍ଦୀନଗର, ଭୁବନେଶ୍ୱର)- ପିଲାଦିନେ ଅନେକ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଛି ଆଉ ପୁରସ୍କାର ବି ପାଇଛି। ଛୋଟ ବେଳେ ଯେବେ ବି ବକ୍ତୃତା ଦେଉଥିଲି ପ୍ରଥମେ ପ୍ରଥମେ ଡରୁଥିଲି। ସେଥିପାଇଁ ବାପାଙ୍କ ସହ ମିଶି ଘରେ ସବୁବେଳେ ମିର୍‌ର ସାମ୍ନାରେ ଛିଡ଼ା ହୋଇ ଯେକୌଣସି ବିଷୟରେ କହିବା ଅଭ୍ୟାସ କରେ। ଆଉ ସେହି ଅଭ୍ୟାସ ଯୋଗୁ ହିଁ ଏବେ ମନରେ ଷ୍ଟେଜ୍ ଫିଅର୍ କି ଅଡିଏନ୍ସଙ୍କ ଡର ନାହିଁ। କିନ୍ତୁ ବେଳେବେଳେ ଦିଆଯାଇଥିବା ଟପିକ୍ ଆଉ ଏକ୍ସଟେମ୍ପୋର୍ ସ୍ପିଚ୍‌କୁ ଦେଖି ନର୍ଭସ୍ ହୋଇଯାଏ। କିନ୍ତୁ ସାଙ୍ଗରେ ସବୁବେଳେ ବାପା କିମ୍ବା ଭାଇ ଥିବାରୁ ସ୍ପିଚ୍ ଦେବାରେ କିଛି ବି ଅସୁବିଧା ହୁଏନି।



**ସୋନାଲି ପାଣିଗ୍ରାହୀ** (ଛାତ୍ରୀ, ଭଦ୍ରକ)- ମୋତେ ଲୋକମାନଙ୍କ ସହ ମିଶିବାକୁ ଭଲଲାଗେ। ହେଲେ ଯେତେ ମିଶିଲେ ବି ଭଲରେ କଥା ହୋଇପାରୁ ନ ଥିଲି। ସେମାନଙ୍କ ସହ କଥା ହେବା ପୂର୍ବରୁ ଭାବେ ମୁଁ କହୁ କହୁ କିଛି ଭୁଲ୍ କହିଦେବି। ମୋ ଉପରେ ସମସ୍ତେ ହସିବେ। ବେଳେବେଳେ କିଛି କଥା କହି ନ ପାରି ମନରେ ବହୁତ କଷ୍ଟ ହେଉଥିଲା। ଧୀରେ ଧୀରେ ସେମାନଙ୍କ ସହ ମିଶିବାକୁ ଆରମ୍ଭ କଲି। ଭୁଲ୍ ହେଲେ ବି ସ୍ପଷ୍ଟବାଦୀ ଭାବେ କଥା କହିବି ବୋଲି ଶପଥ ନେଲି। ଧିରେ ଧିରେ ନିଜକୁ ବଦଳାଇ ସଭିଙ୍କ ସହ କଥା ହେବା ପରେ ଏବେ ଆଉ ପୂର୍ବ ଭଳି ସେ ଡର ନାହିଁ।





## ଏ ସପ୍ତାହର ପ୍ରଶ୍ନ

୧) ନିକଟରେ ବିପ୍ଳବୀ ଭାରତ ଗ୍ୟାଲେରି.......ଠାରେ ଉଦ୍‌ଘାଟନ କରାଯାଇଛି ?
୨) କାଙ୍ଗ୍ରା ପେଣ୍ଟିଂ.......... ରାଜ୍ୟରେ ଦେଖାଯାଏ ?
୩) ଆମ ଦେଶରେ ସର୍ବପ୍ରଥମେ............ ରୋଗର ଭାକ୍ସିନ୍ ଆରମ୍ଭ କରାଯାଇଥିଲା ?
୪) ........... ହେଉଛି ମଣିଷକୃତ ପ୍ରଥମ ପ୍ଲାଷ୍ଟିକ୍ ?
୫) ସମୁଦ୍ରରେ ପଡୁଥିବା ବର୍ଜ୍ୟ ପ୍ଲାଷ୍ଟିକ ବୋତଲକୁ ବ୍ୟବହାର କରି କମ୍ପ୍ୟୁଟର ନିର୍ମାଣ କରୁଥିବା ପ୍ରଥମ କମ୍ପାନୀ.......... ?

## ଗତ ଥରର ଉତ୍ତର

୧ ମାର୍ଚ୍ଚ ମାସ ୨୧ ତାରିଖ
୨ ପୁଣେ
୩ ଚେସ୍ ଖେଳ
୪ ମାରିଆନା ଟ୍ରେଞ୍ଚ
୫ ଆମେରିକା

## ଉତ୍ତରଦାତା


ସଂଘମିତ୍ରା ରାଉତ, ଭୁବନେଶ୍ୱର


ଏନ୍. ନୀଳମାଧବ ପାତ୍ର, ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ବିଶ୍ୱର ଲୋକପ୍ରିୟ ନ୍ୟୁଜ୍ ଚ୍ୟାନେଲ

୧- ଫକ୍ସ ନ୍ୟୁଜ୍.......... ଆମେରିକା
୨- ଏମ୍‌ଏସ୍‌ଏନ୍‌ବିସି ନ୍ୟୁଜ୍ .......... ଆମେରିକା
୩- ବିବିସି ନ୍ୟୁଜ୍.......... ଲଣ୍ଡନ
୪- ସ୍କାଏ ନ୍ୟୁଜ୍.......... ଲଣ୍ଡନ
୫- ସିଏନ୍‌ଏନ୍ ନ୍ୟୁଜ୍.......... ଆଟ୍‌ଲାଣ୍ଟା, ଆମେରିକା
୬- ଅଲ୍ ଆର୍ବିୟା ନ୍ୟୁଜ୍.......... ଦୁବାଇ
୭- ୟୁରୋ ନ୍ୟୁଜ୍.......... ଫ୍ରାନ୍ସ
୮- ଅଲ୍ ଜଜିରା ନ୍ୟୁଜ୍.......... କାତାର୍
୯- ଏନ୍‌ଡିଟିଭି.......... ଭାରତ
୧୦- ଜିଓ ନ୍ୟୁଜ୍.......... ପାକିସ୍ତାନ

## ଜାଣନ୍ତୁ ଦୁନିଆ

# ମାରିଆନା ଟ୍ରେଞ୍ଚ୍

**ପୃଥିବୀର ସବୁଠୁ ଗଭୀରତମ ସ୍ଥାନ ହେଉଛି ମାରିଆନା ଟ୍ରେଞ୍ଚ। ପ୍ରଶାନ୍ତ ମହାସାଗରର ପଶ୍ଚିମ ଭାଗରେ ଥିବା ୧୫୮୦ ମାଇଲ ପରିବ୍ୟାପ୍ତ ଅର୍ଦ୍ଧଚନ୍ଦ୍ରାକୃତି ଏହି ସ୍ଥାନଟିର ଗଭୀରତା ୩୬,୦୭୦ ଫୁଟ୍। ଜାଣିବା ଏହି ଗର୍ତ୍ତ ସମ୍ପର୍କରେ କିଛି ରୋଚକ ତଥ୍ୟ...**



- ଏହି ସ୍ଥାନଟି ପ୍ରଥମ ଥର ପାଇଁ ୧୮୭୫ ମସିହାରେ ଆବିଷ୍କାର କରାଯାଇଥିଲା। ଏଥିପାଇଁ ପ୍ରାୟ ୫ ବର୍ଷ ସମୟ ଅର୍ଥାତ୍ ୧୮୭୨ରୁ ୧୮୭୬ ମସିହା ଲାଗିଥିବା ବେଳେ ଏଥିପାଇଁ ବିଭିନ୍ନ ଶବ୍ଦ ଯନ୍ତ୍ରର ସାହାଯ୍ୟ ନିଆଯାଇଥିଲା। ତେବେ ଏହାକୁ ଖୋଜିବା ମଧ୍ୟରେ ୪,୭୦୦ଟି ପ୍ରଜାତିର ସାମୁଦ୍ରିକ ଜୀବ ମଧ୍ୟ ଆବିଷ୍କାର କରାଯାଇଥିଲା।
- ଏଭରେଷ୍ଟ ଗିରିଶୃଙ୍ଗ ହେଉଛି ପୃଥିବୀର ସବୁଠାରୁ ଉଚ୍ଚତମ ସ୍ଥାନ। ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଯଦି ଏହି ଗିରିଶୃଙ୍ଗକୁ ମାରିଆନା ଟ୍ରେଞ୍ଚ ଭିତରେ ରଖାଯାଏ, ତେବେ ଏହାର ଶିଖର ଗର୍ତ୍ତର ଶେଷଭାଗ ଛୁଇଁବାକୁ ଆହୁରି ଏକ ମାଇଲ୍‌ରୁ ଅଧିକ ଫାଙ୍କା ରହିବ।
- ଏତେ ବଡ଼ ଖାଲ ଭିତରକୁ ସୂର୍ଯ୍ୟାଲୋକ ପହଞ୍ଚି ପାରୁ ନ ଥିଲେ ହେଁ ସେଠାରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର କ୍ଷୁଦ୍ର ସାମୁଦ୍ରିକ ଜୀବ ବାସ କରନ୍ତି ।
- ଏହି ଗର୍ତ୍ତ ମଧ୍ୟରେ ପ୍ରତ୍ୟେକ ସ୍ଥାନର ଗଭୀରତା ଅସମାନ। ଏହା ମଧ୍ୟରେ ସବୁଠୁ ଗଭୀର ସ୍ଥାନର ନାମ ରଖାଯାଇଛି ଚ୍ୟାଲେଞ୍ଜର ଡିପ୍। ତେବେ ୧୯୬୦ ମସିହାରେ ବୈଜ୍ଞାନିକ ଜାକ୍ୱେସ୍ ପିକାର୍ଡ ଏବଂ ଆମେରିକା ନୌସେନାର ଲ୍ୟୁଟ୍‌ନାଣ୍ଟ ଡନ୍ ୱାଲ୍ସ ପ୍ରଥମ ଥର ପାଇଁ ସେଠାରେ ପହଞ୍ଚିବାରେ ସଫଳତା ହାସଲ କରିପାରିଥିଲେ।



## ପ୍ରଫେଶନାଲ ଫୁଟ୍‌ୱେର୍

**ଅଫିସ୍‌କୁ ଯିବା ସମୟରେ ଫର୍ମାଲ ଡ୍ରେସ୍ ସହ ସେହିଭଳି ଫର୍ମାଲ ଶୁ ମଧ୍ୟ ପିନ୍ଧିବାକୁ ପଡ଼େ। ସେଥିପାଇଁ କିଭଳି ଫୁଟ୍‌ୱେର ପିନ୍ଧିବେ, ତାକୁ ନେଇ ଅନେକ ଯୁବତୀଯୁବକ କନ୍‌ଫ୍ୟୁଜ୍ ଥାଆନ୍ତି। ତେବେ କିଭଳି ଫୁଟ୍‌ୱେର ପିନ୍ଧିଲେ ଆପଣ ପ୍ରଫେସନାଲ ଲାଗିବେ ଜାଣନ୍ତୁ...**







➔ଫର୍ମାଲ ଡ୍ରେସ୍ ପିନ୍ଧୁଥିଲେ ବ୍ଲାକ୍ କଲର ଲେଦର ବୁଟ୍ କିମ୍ବା ନର୍ମାଲ ବ୍ଲାକ୍ ବୁଟ୍ ଟିମ୍‌ଅପ୍ କରନ୍ତୁ। ଅଫିସିଆଲ୍ ଆଉଟ୍‌ଫିଟ୍‌ରେ ବୁଟ୍‌କୁ ସାମିଲ କଲେ ଆପଣ ସ୍ମାର୍ଟ ସହ ଷ୍ଟାଇଲିସ୍ ଦେଖାଯିବେ।

➔ଜୁତି କିମ୍ବା ସ୍ୟାଣ୍ଡେଲ ମଧ୍ୟ ଅଫିସ୍‌ୱେର ପାଇଁ ଭଲ ଅପ୍ସନ। କମ୍ ଉଚ୍ଚତା ଯୁବତୀମାନେ ଏହାକୁ ପିନ୍ଧି କ୍ଲାସି ଲୁକ୍ ପାଇପାରିବେ।

➔ଫ୍ଲାଟ୍ ହିଲ୍ ମଧ୍ୟ ଅଫିସ୍ ପିନ୍ଧି ଆସିବା ପାଇଁ ଷ୍ଟାଇଲିସ୍ ଲୁକ୍ ଦେଇଥାଏ। ଏହା ସବୁ ଷ୍ଟାଇଲ୍‌କୁ ମ୍ୟାଚ୍ କରିବା ସହ ଆପଣଙ୍କୁ ଫର୍ମାଲ୍ ଆଉଟ୍‌ଫିଟ୍‌ରେ ବି କ୍ଲାସି ଏବଂ ଟ୍ରେଣ୍ଡି ଲୁକ୍ ଦେଇଥାଏ।

➔ଜୁତି ମଧ୍ୟ ସବୁ ଷ୍ଟାଇଲ୍‌କୁ ମାନିଥାଏ। ଆପଣ କୁର୍ତ୍ତି ଟ୍ରାଉଜରରେ ଥାଆନ୍ତୁ କିମ୍ବା ଷ୍ଟ୍ରେଟ କଟ୍ ଜିନ୍ସରେ ଏହା ସବୁବେଳେ ଫର୍ମାଲ ଏବଂ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ।

➔ ଆପଣ ଚାହିଁଲେ ଲୋଫର୍ ଶୁ ମଧ୍ୟ ଟ୍ରାଏ କରିପାରିବେ। ବ୍ରାଉନ୍ ଓ ବ୍ଲାକ୍ କଲର୍ ଲୋଫର୍ ଶୁ ଅଫିସ୍ ୱେର ପାଇଁ ବେଷ୍ଟ ଅପ୍ସନ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ରବିବାର, ୩ ଏପ୍ରିଲ, ୨୦୨୨ Rayagada, Sunday, April 3/2022

# ବିଜୟ ସହ ଭାରତର ଅଭିଯାନ

## ଜୁନିୟର ମହିଳା ହକି ବିଶ୍ୱକପ

**ପୋଟ୍‌ଫେଷ୍ଟ୍ରମ, ୨।୪ (ପି.ଟି.)**

ଲାଲରିଣ୍ଡିକିଙ୍କ ଡବଲ ଗୋଲ ବଳରେ ଭାରତ ଜୁନିୟର ମହିଳା ହକି ବିଶ୍ୱକପରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶନିବାର ଅନୁଷ୍ଠିତ ନିଜର ପ୍ରଥମ ମ୍ୟାଚରେ ଭାରତୀୟ ଦଳ ଅପେକ୍ଷାକୃତ ଦୁର୍ବଳ ୱେଲ୍ସକୁ ୫-୧ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ୪ର୍ଥ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ ଲାଲରେମସିଆମି। ପ୍ରଥମ କ୍ୱାର୍ଟରରେ ଭାରତ ଅଗ୍ରଣୀ ରହିଥିଲେ ହେଁ ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୬ତମ ମିନିଟରେ ୱେଲ୍ସର ମିଲି ହୋଲ୍‌ମି ଗୋଲଟି ପରିଶୋଧ କରିଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ଦ୍ୱିତୀୟାର୍ଦ୍ଧର ୨ଟି ଯାକ କ୍ୱାର୍ଟରରେ କିନ୍ତୁ ଭାରତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୩୨ତମ ମିନିଟରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ ଲାଲରିଣ୍ଡିକି। ୪୧ତମ ମିନିଟରେ ମୁମ୍‌ତାଜ ଖାଁ ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇଥିବାବେଳେ ୫୭ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲ ଦେଇଥିଲେ ଲାଲରିଣ୍ଡିକି। ମ୍ୟାଚ ଶେଷ ହେବାର ଅଳ୍ପକିଛି ସମୟ ପୂର୍ବରୁ ଅର୍ଥାତ୍ ୫୮ତମ ମିନିଟରେ ଦୀପିକା ଆଉ ଏକ ଗୋଲ ଦେଇଥିଲେ। ଭାରତର ଶେଷ ୨ଟି ଗୋଲ ପେନାଲ୍ଟି କର୍ନରରୁ ଆସିଥିଲା। ରବିବାର ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶକ୍ତିଶାଳୀ ଜର୍ମାନୀ ସହିତ ଖେଳିବ। ଏହାପରେ ଏହାର ଶେଷ ଲିଗ୍ ମ୍ୟାଚରେ ମାଲେସିଆ ସହିତ ମୁକାବିଲା କରିବ। ଏହି ଟୁର୍ନାମେଣ୍ଟ ପ୍ରକୃତରେ ଗତବର୍ଷ ଡିସେମ୍ବରରେ ହେବାର ଥିଲା। ମାତ୍ର ଦକ୍ଷିଣ ଆଫ୍ରିକାରେ କୋଭିଡ୍-୧୯ର ଓମିକ୍ରନ ଭାରିଆଣ୍ଟ ଯୋଗୁ ସ୍ଥଗିତ ରହିଥିଲା। ଜୁନିୟର ହକି ବିଶ୍ୱକପରେ ଭାରତ ଏ ପର୍ଯ୍ୟନ୍ତ ମୋଟ ୪ ଥର ଖେଳିଛି। ଏଥିମଧ୍ୟରୁ ୨୦୧୩ରେ ଶ୍ରେଷ୍ଠ ପ୍ରଦର୍ଶନ ସ୍ୱରୂପ ବ୍ରୋଞ୍ଜ ପଦକ ହାସଲ କରିଥିଲା। ତେବେ ଗତ ସଂସ୍କରଣ ପାଇଁ ଦଳ ଯୋଗ୍ୟତା ହାସଲ କରିପାରି ନ ଥିଲା।



ଭାରତ ଓ ୱେଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଆରାଧ୍ୟାଙ୍କୁ ଡବଲ୍ସ ଟାଇଟଲ

**ଭୁବନେଶ୍ୱର, ୨।୪ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ଟେନିସ ପ୍ରତିଭା ଆରାଧ୍ୟା ବର୍ମା ନିଜ କ୍ୟାରିୟରରେ ଆଉ ଏକ ସଫଳତା ହାସଲ କରିଛନ୍ତି। କୋଲକାତାରେ ଅନୁଷ୍ଠିତ ସର୍ବଭାରତୀୟ ସୁପର ସିରିଜ ଟେନିସର ୧୬ ବର୍ଷରୁ କମ୍ ବାଳିକା ବିଭାଗରେ ସେ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ପଶ୍ଚିମବଙ୍ଗର ଆଲିନା ଫରିଦଙ୍କୁ ସାଥିକରି ଖେଳିଥିବା ଆରାଧ୍ୟା ଫାଇନାଲରେ ଅନ୍ୟତମ ପଶ୍ଚିମବଙ୍ଗ ଖେଳାଳି ଆକାଂକ୍ଷା ଘୋଷ ଓ କର୍ନାଟକର ଅର୍ଜାନ ଖୋରାକିୱାଲା ଯୋଡ଼ିଙ୍କୁ ୬-୧, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରତିଯୋଗିତାର ସିଙ୍ଗଲ୍ସରେ ତାଙ୍କ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଥିଲା। ସାହସିକ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇଥିବା ଆରାଧ୍ୟା ସେମିଫାଇନାଲରେ ପଶ୍ଚିମବଙ୍ଗର ଋତୁଜା ସାହାଙ୍କଠାରୁ ହାରି ଯାଇଥିଲେ। ତେବେ ଗୋଟିଏ ମାସରେ ୯ଟି ସର୍ବଭାରତୀୟ ଟେନିସ ଟାଇଟଲ ଜିତି ଆରାଧ୍ୟା ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନରତ ଆରାଧ୍ୟା ପଟିଆଠାରେ କୋଚ୍ ସୟଦ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣରତ।


ପୁରସ୍କାର ସହ ଆରାଧ୍ୟା ବର୍ମା।

# କିଟ୍‌ରେ ଭାରତୀୟ ଦଳର ଚୟନ ଟ୍ରାଏଲ୍

## ୧୭ ବର୍ଷରୁ କମ୍ ଏସୀୟ ମହିଳା ଭଲିବଲ

**ଭୁବନେଶ୍ୱର, ୨।୪ (କ୍ରୀଡ଼ା ପ୍ରତିନିଧି)**

୧୭ ବର୍ଷରୁ କମ୍ ଏସିଆ ମହିଳା ଭଲିବଲ ଚାମ୍ପିୟନଶିପ୍‌ର ୧୪ତମ ସଂସ୍କରଣ ଉଜ୍‌ବେକିସ୍ତାନର ତାସ୍‌କେଣ୍ଟଠାରେ ଜୁନ୍ ୬ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏସିଆନ ଭଲିବଲ କନ୍‌ଫେଡେରେଶନ ଏହି ପ୍ରତିଯୋଗିତାକୁ ଆୟୋଜନ କରିବ। ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ପକ୍ଷରୁ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)କୁ ଭାରତୀୟ ଦଳର ଚୟନ ଟ୍ରାଏଲ୍ କରିବାକୁ ପରାମର୍ଶ ଦିଆଯାଇଛି। ଓଭିଏ ଏହି ଚୟନ ଟ୍ରାଏଲ୍ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୫ ଓ ୬ ତାରିଖରେ ଆୟୋଜନ କରିବ। ୨୦୦୬ ଜାନୁୟାରୀ ୧ ପରେ ଜନ୍ମଗ୍ରହଣ କରିଥିବା, ଡବଲ ଡୋଜ୍ କରୋନା ଟିକା ନେଇଥିବା ଏବଂ ବୈଧ ଭାରତୀୟ ପାସ୍‌ପୋର୍ଟ ରଖିଥିବା ଖେଳାଳି ଏହି ଚୟନ ଟ୍ରାଏଲ୍‌ରେ ଅଂଶଗ୍ରହଣ କରିପାରିବେ। ଖେଳାଳିମାନେ ଏପ୍ରିଲ ୪ସୁଦ୍ଧା ରିପୋର୍ଟ କରିବାକୁ କୁହାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ଖେଳାଳିମାନେ ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁଥିବା କୋଚିଂ କ୍ୟାମ୍ପରେ ଯୋଗଦେବେ। ଭିଏଫ୍‌ଆଇ ସଭାପତି, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଚୟନ ଟ୍ରାଏଲ ଓ ଟ୍ରେନିଂ କ୍ୟାମ୍ପ ପାଇଁ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ଓଭିଏ ପକ୍ଷରୁ ପ୍ରକାଶ କରାଯାଇଛି।



ଏସୀୟ ଜୁଜୁଟ୍‌ସୁ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶାର ଅନୁପମା ସ୍ୱାଇଁ ଶନିବାର ଭୁବନେଶ୍ୱର ଫେରିବାପରେ ପଦକ ପ୍ରଦର୍ଶନ କରୁଛନ୍ତି।

# ଭାରତ-ଜର୍ମାନୀ ମ୍ୟାଚ ୧୪ ଓ ୧୫ରେ

**ଭୁବନେଶ୍ୱର, ୨।୪ (କ୍ରୀଡ଼ା ପ୍ରତିନିଧି)**

ଚଳିତ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକିରେ ଭାରତ-ଜର୍ମାନୀ ମ୍ୟାଚ ଚଳିତ ମାସ ୧୪ ଓ ୧୫ ତାରିଖରେ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ହକି ଫେଡେରେଶନ ପକ୍ଷରୁ ଏହା ପ୍ରକାଶ କରାଯାଇଛି। ମ୍ୟାଚ ୨ଟି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ପଏଣ୍ଟ ଟେବୁଲରେ ଜର୍ମାନୀ ଏବେ ଶୀର୍ଷସ୍ଥାନରେ ରହିଛି। ଶେଷଥର ପାଇଁ ଦୁଇ ଦଳ ମଧ୍ୟରେ ଟୋକିଓ ଅଲିମ୍ପିକ୍ସର ବ୍ରୋଞ୍ଜ ମେଡାଲ ମ୍ୟାଚରେ ମୁକାବିଲା ହୋଇଥିଲା। ସେଥିରେ ଭାରତ ୫-୪ ଗୋଲରେ ବିଜୟୀ ହୋଇ ଦୀର୍ଘ ୪୧ ବର୍ଷ ବ୍ୟବଧାନରେ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତ-ଜର୍ମାନୀ ମ୍ୟାଚ ପ୍ରକୃତରେ ଗତ ମାର୍ଚ୍ଚ ୧୨ ଓ ୧୩ ତାରିଖରେ ହେବାର ଥିଲା। ମାତ୍ର ଜର୍ମାନୀ ଦଳର ଅଧିକାଂଶ ଖେଳାଳି କରୋନାରେ ଆକ୍ରାନ୍ତ ହେବାରୁ ମ୍ୟାଚକୁ ସ୍ଥଗିତ ରଖାଯାଇଥିଲା। ପୁନଃ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଖେଳିବାକୁ ନିଷ୍ପତ୍ତି ନେଇଥିବାରୁ ଜର୍ମାନୀ ଦଳକୁ ସ୍ୱାଗତ କରିଛନ୍ତି ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ୍। ‘‘ଆୟୋଜକ ଭାବେ ଆମେ ଜର୍ମାନୀ ଜାତୀୟ ପୁରୁଷ ଦଳକୁ ଭୁବନେଶ୍ୱରରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳିବା ପାଇଁ ସ୍ୱାଗତ କରି ଖୁସିହେବୁ। ଟୋକିଓ ଅଲିମ୍ପିକ୍ସରେ ଉଭୟ ଦଳ ମଧ୍ୟରେ ମୁକାବିଲା ହୋଇଥିବାରୁ ଆଗାମୀ ମ୍ୟାଚ ଦେଖିବାକୁ ଭାରତୀୟ ଦର୍ଶକଙ୍କ ମନରେ ନିଶ୍ଚିତ ଉତ୍ସାହ ଥିବ’’ ବୋଲି ସେ ପ୍ରକାଶ କରିଛନ୍ତି। ଜର୍ମାନୀ ପୁରୁଷ ଦଳ ୮ଟି ମ୍ୟାଚ ଖେଳି ୫ଟିରେ ବିଜୟ ହାସଲ କରିଛି, ଗୋଟିଏ ମ୍ୟାଚ ଶୁଟ୍‌ଆଉଟ୍‌ରେ ଜିତିଛି ଏବଂ ୨ଟି ମ୍ୟାଚ ହାରିଛି। ଅନ୍ୟପକ୍ଷରେ ଭାରତ ୮ଟି ମ୍ୟାଚ ଖେଳି ୫ଟିରେ ବିଜୟୀ ହୋଇଥିବାବେଳେ ୨ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହ ଜର୍ମାନୀଠାରୁ ମାତ୍ର ୧ ପଏଣ୍ଟ ପଛରେ ରହି ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

# ଟାଇଟାନ୍ସର ଦ୍ୱିତୀୟ ବିଜୟ

**ପୁଣେ, ୨।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଗୁଜରାଟ ଟାଇଟାନ୍ସ ୧୪ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୧୭୧ ରନ କରିଥିଲା। ଦିଲ୍ଲୀ ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୫୭ ରନ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟକ ରିଷଭ ପନ୍ତ ଦଳ ପକ୍ଷରୁ ସର୍ବାଧିକ ୪୩ ରନ କରିଥିବାବେଳେ ବିପକ୍ଷ ଦଳର ଲୋକି ଫର୍ଗୁସନ ୪ ଉଇକେଟ ସଫଳତା ପାଇଥିଲେ। ଚଳିତ ଲିଗ୍‌ରେ ଗୁଜରାଟ ଦଳର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ଦିଲ୍ଲୀର ଏହା ପ୍ରଥମ ପରାଜୟ। ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଗୁଜରାଟ ମାତ୍ର ୨ ରନରେ ମାଥ୍ୟୁ ୱାଡେଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଶୁବମନ ଗିଲ୍‌ଙ୍କ ଦ୍ରୁତ ୮୪ (୪୬ ବଲ, ୬ ଚୌକା, ୪ ଛକା) ଏବଂ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୩୧ (୨୭ ବଲ, ୪ ଚୌକା) ରନ କରି ସ୍ଥିତି ସମ୍ଭାଳିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମୁସ୍ତାଫିଜୁର ରହମନ ସର୍ବାଧିକ ୩ଟି, ଖଲିଲ ଅହମଦ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୧୭୧/୬ (ଶୁବମନ ଗିଲ-୮୪, ହାର୍ଦ୍ଦିକ ପାଣ୍ଡ୍ୟା-୩୧, ଡେଭିଡ ମିଲର-୨୦, ମୁସ୍ତାଫିଜୁର ରହମନ-୩/୨୩, ଖଲିଲ ଅହମଦ-୨/୩୪, କୁଲଦୀପ ଯାଦବ-୧/୩୨)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୫୭/୯ (ରିଷଭ ପନ୍ତ-୪୩, ଲଳିତ ଯାଦବ-୨୫, ଲୋକି ଫର୍ଗୁସନ-୪/୨୮, ମହମ୍ମଦ ଶାମି-୨/୩୦, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୨, ରଶିଦ ଖାଁ-୧/୩୦)।

# ଶୁଟ୍‌ଆଉଟରେ ଜିତିଲା ଭାରତ

**ଭୁବନେଶ୍ୱର, ୨।୪ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଆ ତାରକା ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ଭାରତୟ ହକି ଦଳ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚରେ ଶନିବାର ଇଂଲଣ୍ଡକୁ ଶୁଟ୍ ଆଉଟ ୩-୨ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ସ୍ଥିତିରେ ରହିବାରୁ ଫଳାଫଳ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ପକ୍ଷରୁ ରାଜକୁମାର ପାଲ୍ ଓ ଅଭିଷେକ ଏବଂ ଇଂଲଣ୍ଡର ଖ୍ରିଷ୍ଟୋଫର ଗ୍ରିଫିଥ୍ସ ଓ ଜେମ୍ସ ଆଲ୍‌ବେରି ଗୋଲ ଦେଇଥିଲେ। ସ୍ଥିତି ୨-୨ ଗୋଲରେ ବରାବର ରହିବାରୁ ସଡନ୍ ଡେଥ୍ ପଦ୍ଧତିର ସହାୟତା ନିଆ ଯାଇଥିଲା। ଏଥିରେ ହରମନପ୍ରୀତ ସିଂ ଫେଲ୍ ମାରିଥିବାବେଳେ ଅଭିଷେକ ଗୋଲ ଦେଇଥିଲେ। ମାତ୍ର ଇଂଲଣ୍ଡର ଦୁଇଜଣ ଯାକ ଖେଳାଳି ଗିଫିଥ୍ସ ଓ ଲିଆମ ଆନସେଲ୍ ବିଫଳ ହେବାରୁ ଭାରତ ବିଜୟୀ ହୋଇଥିଲା।

ମ୍ୟାଚର ୭ମ ମିନିଟରେ ଇଂଲଣ୍ଡକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ ନିକୋଲାସ ବଣ୍ଡୁରକ। ୧୩ତମ ମିନିଟରେ ଭାରତ ପକ୍ଷରୁ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ ଅଭିଷେକ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ୨ଟି ଗୋଲ ହୋଇଥିଲା। ୨୬ତମ ମିନିଟରେ ଭାରତର ସମସେର ସିଂ ଏକ ଫିଲ୍ଡ ଗୋଲ ଦେଇଥିବାବେଳେ ଏହାର ୧ ମିନିଟ ପରେ ପେନାଲ୍ଟି କର୍ନରରୁ ଗୋଲ ପରିଶୋଧ କରିଥିଲେ ନିକୋଲାସ। ଏହା ଥିଲା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ। ତୃତୀୟ କ୍ୱାର୍ଟରରେ କଡ଼ା ମୁକାବିଲା ହୋଇଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଫଳରେ ଫଳାଫଳ ପାଇଁ ୪ର୍ଥ କ୍ୱାର୍ଟର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ୫୧ତମ ମିନିଟରେ ଭାରତ ଏକ ପେନାଲ୍ଟି କର୍ନର ପାଇଥିଲା। ଏହାକୁ ଗୋଲରେ ପରିଣତ କରି ହରମନପ୍ରୀତ ସିଂ ଭାରତକୁ ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ କରାଇଥିଲେ। ତେବେ ଅନ୍ତିମ କ୍ଷଣରେ ଅର୍ଥାତ୍ ମ୍ୟାଚ ଶେଷ ହେବାକୁ ମାତ୍ର ୧୨ ସେକେଣ୍ଡ ସମୟ ଥିବାବେଳେ ଭାରତୀୟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଇଂଲଣ୍ଡକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ ସାମ୍ ୱାର୍ଡ। ଫଳରେ ମ୍ୟାଚ ୩-୩ ସ୍ତରକୁ ଚାଲି ଆସିଥିଲା।



କଳିଙ୍ଗ ଷ୍ଟାଡିୟମରେ ଶନିବାର ଇଂଲଣ୍ଡ ବିପକ୍ଷରେ ଶୁଟ୍‌ଆଉଟ୍‌ରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଜିତିବାପରେ ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ।

# ମୁମ୍ବାଇକୁ ହରାଇଲା ରାଜସ୍ଥାନ


**ମୁମ୍ବାଇ, ୨।୪**

ଜୋଶ୍ ବଟଲରଙ୍କ ଶତକ ବଳରେ ରାଜସ୍ଥାନ ରୟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶନିବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୨୩ ରନରେ ପରାସ୍ତ କରିଛି। ରାଜସ୍ଥାନ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୯୩ ରନ କରିଥିଲା। ଜବାବରେ ମୁମ୍ବାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୭୦ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଲିଗ୍‌ରେ ରାଜସ୍ଥାନର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ମୁମ୍ବାଇର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଶତକ ହାସଲକାରୀ ବଟଲର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ବଟଲର ପ୍ରଥମ**

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ୧୩ ରନରେ ଯଶସ୍ୱୀ ଜୟସ୍ୱାଲ ଏବଂ ୪୮ ରନରେ ଦେବଦତ୍ତ ପଡ଼ିକାଲଙ୍କ ଉଇକେଟ ହରାଇଥିଲା। ତେବେ ବଟଲରଙ୍କ ଷ୍ଟ୍ରୋକପୂର୍ଣ୍ଣ ଇନିଂସ ସହାୟତାରେ ଦଳ ଉନ୍ନତ ରନ୍ ହାର ସହ ଆଗକୁ ବଢ଼ିଥିଲା। ଅଧିନାୟକ ସଞ୍ଜୁ ସାମ୍‌ସନ ୨୧ ବଲ୍‌ର ଦ୍ରୁତ ୩୦ (୧ ଚୌକା, ୩ ଛକା) ରନ କରିବା ସହ ୩ୟ ଉଇକେଟରେ ବଟଲରଙ୍କ ସହ ୮୨ ରନର ଭାଗୀଦାରି ଗଢ଼ିଥିଲେ। ମିଡିଲ ଅର୍ଡରରେ ଶିମରନ ହେଟମେର ମାତ୍ର ୧୪ ବଲ୍‌ରୁ ଧୂଆଁଧାର ୩୫ ରନର ଇନିଂସ ଖେଳିଥିଲେ। ବଟଲର ରାଜସ୍ଥାନ ଇନିଂସର ମେରୁଦଣ୍ଡ ସାଜିଥିଲେ। ସେ ୬୮ ବଲ୍‌ରୁ ୧୧ ଚୌକା ଓ ୫ ଛକା ସହାୟତାରେ ୧୦୦ ରନ ସ୍କୋର କରିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୫ତମ ସଂସ୍କରଣରେ ଏହାଥିଲା ପ୍ରଥମ ଶତକ। ଶେଷ ୨ ଓଭରରେ ଅର୍ଥାତ୍ ୧୨ ବଲ୍‌ରୁ ମାତ୍ର ୧୧ ରନ ସଂଗ୍ରହ କରି ୫ ଉଇକେଟ ହରାଇବାରୁ ରାଜସ୍ଥାନ ସ୍କୋର ୨୦୦ ସ୍ପର୍ଶ କରିପାରି ନ ଥିଲା। ଶେଷ ଭାଗରେ ରିଆନ ପରାଗ ୫, ରବିଚନ୍ଦ୍ରନ ଅଶ୍ୱିନ ୧ ଓ ନବଦୀପ ସଇନୀ ୨ ରନକରି ଆଉଟ ହୋଇଥିଲେ। ମୁମ୍ବାଇ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା ଭଲ ବୋଲିଂ କରି ୪ ଓଭରରେ ମାତ୍ର ୧୭ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଟାଇମଲ ମିଲ୍ସଙ୍କୁ ମଧ୍ୟ ୩ଟି ଉଇକେଟ ମିଳିଥିଲା। କିରନ ପୋଲାର୍ଡ ଅନ୍ୟ ଉଇକେଟଟି ପାଇଥିଲେ।

୧୯୪ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ଓଭରରେ ଅଧିନାୟକ ରୋହିତ ଶର୍ମା (୧୦ ରନ)ଙ୍କ ଉଇକେଟ ହରାଇ ଶକ୍ତ ଝଟ୍‌କା ଖାଇଥିଲା। ଅନ୍‌ମୋଲପ୍ରୀତ୍ ସିଂ ମଧ୍ୟ ମାତ୍ର ୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ଇଶାନ କିଶନ ଓ ତିଳକ ବର୍ମା ୩ୟ ଉଇକେଟରେ ୮୧ ରନ ଯୋଗକରି ଦଳକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ମୁମ୍ବାଇ ଇନିଂସ ଦିଗହରା ହୋଇ ଯାଇଥିଲା। କିଶନ ୪୩ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୫୪ ରନ କରିଥିବାବେଳେ ତିଳକ ବର୍ମା ୩୩ ବଲ୍‌ରୁ ୩ ଚୌକା ଓ ୫ ଛକା ସହ ସର୍ବାଧିକ ୬୧ ରନ ସ୍କୋର କରିଥିଲେ। ମାତ୍ର ଟିମ୍ ଡାଭିଡ ୧, ମୁରୁଗାନ ଅଶ୍ୱିନ ୬ ଏବଂ ଡାନିଏଲ ସାମ୍ସ ଖାତା ଖୋଲିବା ପୂର୍ବରୁ ଆଉଟ ହେବା ମୁମ୍ବାଇ ପାଇଁ ମହଙ୍ଗା ପଡ଼ିଥିଲା। କିରନ ପୋଲାର୍ଡ ମଧ୍ୟ ଦକ୍ଷତା ଅନୁରୂପ ବ୍ୟାଟିଂ କରି ନ ପାରି ୨୪ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ୨୨ ରନ କରିବାକୁ ସକ୍ଷମ ହୋଇଥିଲେ। ରାଜସ୍ଥାନ ପକ୍ଷରୁ ୟୁଜବେନ୍ଦ୍ର ଚହଲ ଓ ନବଦୀପ ସଇନୀ ୨ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ, ପ୍ରସିଦ୍ଧ କ୍ରିଷ୍ଣା ଓ ରବିଚନ୍ଦ୍ରନ ଅଶ୍ୱିନୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଜୋଶ୍ ବଟଲର।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୯୩/୮ (ଜୋଶ୍ ବଟଲର-୧୦୦, ଶିମରନ ହେଟମେର-୩୫, ସଞ୍ଜୁ ସାମ୍‌ସନ-୩୦, ଯଶପ୍ରୀତ୍ ବୁମ୍‌ରା-୩/୧୭, ଟାଇମଲ ମିଲ୍ସ-୩/୩୫, କିରନ ପୋଲାର୍ଡ-୧/୪୬)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୦/୮ (ତିଳକ ବର୍ମା-୬୧, ଇଶାନ କିଶନ-୫୪, କିରନ ପୋଲାର୍ଡ-୨୨, ନବଦୀପ ସଇନୀ -୨/୩୬, ୟୁଜବେନ୍ଦ୍ର ଚହଲ-୨/୨୬, ଟ୍ରେଣ୍ଟ ବୋଲ୍ଟ-୧/୨୯, ପ୍ରସିଦ୍ଧ କ୍ରିଷ୍ଣା-୧/୩୭, ରବିଚନ୍ଦ୍ରନ ଅଶ୍ୱିନ-୧/୩୦)।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ଚେନ୍ନାଇ ସୁପରକିଙ୍ଗ୍ସ ବନାମ ପଞ୍ଜାବ କିଙ୍ଗ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ